RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-139 •SATURDAY •15 NOVEMBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୩୯ •ଶନିବାର •୧୫ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

# ବିହାରରେ 'ନୀମୋ' ସୁନାମି

## ଏନ୍‌ଡିଏକୁ ୨୦୨, ମହାମେଣ୍ଟକୁ ୩୫ ଆସନ






ବିକାଶ ଓ ସୁଶାସନର ବିଜୟ: ମୋଦୀ

ନିରପେକ୍ଷ ନ ଥିଲା ନିର୍ବାଚନ: ରାହୁଲ୍

■ ପାଟନା, ୧୪।୧୧ (ଏଜେନ୍ସି): ଭୁଲ ସାବ୍ୟସ୍ତ ହୋଇଛି ସବୁ ଏକ୍‌ଜିଟ୍ ପୋଲ୍ ରିପୋର୍ଟ। ବିହାର ବିଧାନସଭା ଫଳାଫଳରେ ଖେଳିଯାଇଛି ନୀମୋ (ନୀତୀଶ-ମୋଦୀ) ସୁନାମି। ପ୍ରଚଣ୍ଡ ବିଜୟ ସହ ବିହାରରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି ଏନ୍‌ଡିଏ। ୨୪୩ ଆସନ ମଧ୍ୟରୁ ୨୦୨ରେ ଏନ୍‌ଡିଏ ଏକ ବିଶାଳ ବିଜୟ ଦିଗକୁ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଏକ ଶକ୍ତ ବିରୋଧୀଦଳ ଭାବରେ ଉଭା ହୋଇଥିବା 'ମହାଗଠବନ୍ଧନ'କୁ ଶକ୍ତ ଆଘାତ ଦେଇଛନ୍ତି ବିହାରବାସୀ। ଗତ ନିର୍ବାଚନରେ ମହାଗଠବନ୍ଧନ ୧୧୪ ଆସନରେ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୯ଟି ଆସନ ହରାଇ ମାତ୍ର ୩୫ ମଧ୍ୟରେ ସୀମିତ ହୋଇଯାଇଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଳିଛି ମାତ୍ର ୬ଟି ଆସନ।

ଚଳିତ ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍‌ରେଟ୍ ବିହାରରେ ସବୁଠାରୁ ଚମତ୍କାର ରହିଛି। ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ଚଳିତ ନିର୍ବାଚନରେ ୮୯ ଆସନ ସହ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି।

ଅନୁରୂପ ଭାବରେ ୨୦୨୦ ମସିହାରେ ଜେଡିୟୁ ମାତ୍ର ୪୩ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ୮୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ ▶ପୃଷ୍ଠା-୭

- ୮୯ ଆସନ ସହ ବିଜେପି ସବୁଠାରୁ ବଡ଼ ଦଳ
- ଜେଡିୟୁର ଆସନ ସଂଖ୍ୟା ୮୫କୁ ବଢ଼ିଲା
- ୨୫କୁ ଖସିଲା ଆର୍‌ଜେଡି, କଂଗ୍ରେସକୁ ୬
- ୨୮ ଆସନରୁ ୧୯ରେ ଏଲ୍‌ଜେପିର ବିଜୟ

### ୮ ରାଜ୍ୟରେ ଉପନିର୍ବାଚନ

## ବିଜେପି, କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ

■ ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ଗତ ୧୧ ତାରିଖରେ ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ ମିଳିଛି। ରାଜସ୍ଥାନର ଆଣ୍ଟା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ପଞ୍ଜାବର ତରନ ତାରନ ଆସନରେ କ୍ଷମତାସୀନ ଆପ୍ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଓଡ଼ିଶାର ନୂଆପଡ଼ା ଏବଂ ଜମ୍ମୁ-କଶ୍ମୀରର ନୋଗ୍ରାଟାରେ ବିଜୟ ଲାଭ କରିଛନ୍ତି। ଜମ୍ମୁ-କଶ୍ମୀରର ବଡ଼ଗାମ ଆସନରେ କ୍ଷମତାସୀନ ନେସନାଲ କନଫେରେନ୍ସ ପ୍ରାର୍ଥୀଙ୍କୁ ହରାଇଛନ୍ତି ମେହବୁବା ମୁଫତିଙ୍କ ପିଡିପି ପ୍ରାର୍ଥୀ। ବଡଗାମକୁ ନେସନାଲ କନଫେରେନ୍ସର ଗଡ଼ କୁହାଯାଏ। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏଠାରୁ ନିର୍ବାଚିତ ହୋଇଥିଲେ। ସେହିଭଳି ତେଲେଙ୍ଗାନାର ଜୁବିଲି ହିଲ୍ସରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡର ଘାଟଶୀଳା ନିର୍ବାଚନମଣ୍ଡଳୀରେ ଜେଏମଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମିଜୋରାମର ଡାମ୍ପା ନିର୍ବାଚନମଣ୍ଡଳୀରେ ମିଜୋ ନେସନାଲ ଫ୍ରଣ୍ଟ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି।

### ନୂଆପଡ଼ା ଉପନିର୍ବାଚନ

# ବିଜେପି ମଥାରେ 'ଜୟ' ତିଳକ

- ୮୩୪୭୮ ବିଶାଳ ବ୍ୟବଧାନରେ ବିଜେପି ବିଜୟୀ
- ୨ୟ ସ୍ଥାନରେ କଂଗ୍ରେସର ଘାସିରାମଙ୍କୁ ୪୦୧୨୧ ଭୋଟ
- ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ପାଇଲେ ୩୮୪୦୮ ଭୋଟ



■ ଭୁବନେଶ୍ୱର/ନୂଆପଡା, ୧୪।୧୧ (ସମିସ): ନୂଆପଡା ଉପର୍ବାଚନରେ ବିପୁଳ ବିଜୟ ହାସଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଗତ ନିର୍ବାଚନରେ ତାଙ୍କ ବାପା ରାଜେନ୍ଦ୍ର ଢୋଲକିଆ ପାଇଥିବା ଭୋଟଠାରୁ ପ୍ରାୟ ୫୦ ହଜାର ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି ଜୟ। ତାଙ୍କୁ ୧,୨୩,୮୬୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ୪୦୧୨୧ ଖଣ୍ଡ ଭୋଟ୍ ମିଳିଛି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮୪୦୮ ଖଣ୍ଡ ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନରେ ରହିଛନ୍ତି।

ଜୟଙ୍କ ବିଜୟ ସହ ଦୀର୍ଘ ଏକ ଦଶନ୍ଧି ପରେ ପୁଣିଥରେ ନୂଆପଡ଼ାରେ ପଦ୍ମ ଫୁଟିଛି। ୨୦୧୪ରେ ଏଠାରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ, ଏବେ ପୁନର୍ବାର ପଦ୍ମ ଦଳର ପ୍ରାର୍ଥୀ ଭାବରେ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ ବ୍ୟବସାୟୀରୁ ଜୟଙ୍କ ▶ପୃଷ୍ଠା-୭




## ଅଭିନନ୍ଦନ ଜଣାଇଲେ ନବୀନ

- ବିଜେଡି ଲଢୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ
- ଦଳର ନେତା, କର୍ମୀ ଓ ସମର୍ଥକଙ୍କୁ କୃତଜ୍ଞତା

■ ଭୁବନେଶ୍ୱର, ୧୪।୧୧ (ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେପିର ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟ ନୂଆପାଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣି ଏହି ଜନାଦେଶକୁ ସମ୍ମାନ ଦେବେ ବୋଲି ସେ ଆଶାବାଦୀ ଥିବା ନିଜ 'ଏକ୍ସ' ହ୍ୟାଣ୍ଡେଲ୍‌ରେ ପୋଷ୍ଟ କରି ନବୀନ ଉଲ୍ଲେଖ କରିଛନ୍ତି।

ଏଥିସହିତ ନବୀନ କହିଛନ୍ତି, ବିଜେଡିର ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କ ପ୍ରତିବଦ୍ଧତା ଏବଂ ଉତ୍ସାହ ହିଁ ବିଜେଡିର ପ୍ରକୃତ ଶକ୍ତି। ନୂଆପଡ଼ା ଉପନିର୍ବାଚନରେ ଏକଜୁଟ ହୋଇ, ଅକ୍ଳାନ୍ତ ପରିଶ୍ରମ କରି ଓ ଉତ୍ସର୍ଗୀକୃତ ମନୋଭାବରେ ବିଜେଡି ପାଇଁ କାର୍ଯ୍ୟ ▶ପୃଷ୍ଠା-୭






## ବିହାର ବିଧାନସଭା ଆସନ-୨୪୩

| ଏନ୍‌ଡିଏ-୨୦୨ | |
|---|---|
| ବିଜେପି | ୮୯ |
| ଜେଡିୟୁ | ୮୫ |
| ଏଲଜେପି | ୧୯ |
| ଅନ୍ୟାନ୍ୟ | ୦୯ |



| ମହାମେଣ୍ଟ-୩୫ | |
|---|---|
| ଆରଜେଡି | ୨୫ |
| କଂଗ୍ରେସ | ୦୬ |
| ଅନ୍ୟାନ୍ୟ | ୦୪ |

ଏଆଇଏମ୍‌ଆଇଏମ୍ ୦୫



## ଅମାନତ ହରାଇଲେ ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟି ଥିବା ଜନସୁରାଜ ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଥମ ପରୀକ୍ଷାରେ ଅମାନତ ହରାଇଛନ୍ତି। ଗତ ତିନି ବର୍ଷ ହେଲା ବିହାରରେ ବୁଲି ବୁଲି ପ୍ରଚାର କରି ବଡ଼ ବଡ଼ ଦାବି କରୁଥିବା ପ୍ରଶାନ୍ତଙ୍କ ଦଳ ମୁହଁ ମାଡ଼ି ପଡ଼ିଯାଇଛି। ୬ ବର୍ଷରେ ୬ ମୁଖ୍ୟମନ୍ତ୍ରୀ କରିଥିବା ଏହି ବ୍ୟକ୍ତିଙ୍କ ଦଳ ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। କୋଟିଏରୁ ଅଧିକ ସଦସ୍ୟ ନେଇ ଦାବି କରୁଥିବା ଜନସୁରାଜ ପାର୍ଟି ୧୦ ଲକ୍ଷ ଭୋଟ ବି ହାତେଇ ପାରିନାହିଁ। ୨୩୮ ଆସନରେ ପ୍ରାର୍ଥୀ ଦେଇ ୨୩୩ (୯୮ ପ୍ରତିଶତ) ରେ ଅମାନତ ହରାଇଛନ୍ତି। ଏହି ଦଳର ପ୍ରାର୍ଥୀ ଗୋଟିଏ ଆସନରେ ଦ୍ୱିତୀୟ ସ୍ଥାନରେ ବି ରହିପାରି ନାହାନ୍ତି। ୧୨୮୦ ଦିନରେ ୬ ହଜାର କିମି ପଦଯାତ୍ରା କରିବା ସତ୍ତ୍ୱେ ବି ତାଙ୍କ ଦଳ ସଫଳତା ପାଇ ପାରିନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୫ରୁ କମ୍ ସିଟ୍ ଜିତିବେ ବୋଲି ପ୍ରଶାନ୍ତ ଦାବି କରିଥିଲେ। ଯଦି ଅଧିକ ଆସନରେ ଜିତିବେ ତେବେ ରାଜନୀତି ଛାଡିଦେବେ ବୋଲି କହିଥିବା ପ୍ରଶାନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ଆଗାମୀ ଦିନରେ କି ପଦକ୍ଷେପ ନେବେ ତାହା ଦେଖିବା ବାକି ରହିଛି। ସେ ରାଜନୀତି କରିବେ ନା ରଣନୀତିକୁ ଫେରିବା ତାହା ଜାଣିବା ପାଇଁ ଲୋକେ ବ୍ୟଗ୍ର।



## ଆରଜେଡିର ଭୋଟ ସେୟାରିଂ ଅଧିକ

ଏହି ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସବୁଦଳଠାରୁ ଆରଜେଡିର ଭୋଟ ସେୟାର ଅଧିକ ରହିଛି। ଅର୍ଥାତ୍ ଏହି ଦଳ କିଛି ଆସନରେ ଉଲ୍ଲେଖନୀୟ ବ୍ୟବଧାନରେ ବିଜୟୀ ହୋଇଛି। ଏହି ଦଳ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସତ୍ତ୍ୱେ ବିଜୟୀ ହୋଇପାରି ନାହିଁ। ସନ୍ଧ୍ୟା ସୁଦ୍ଧା ତେଜସ୍ୱୀଙ୍କ ଦଳର ଭୋଟ ସେୟାର ୨୨.୭୯ ପ୍ରତିଶତ ରହିଛି। ଏହା ବିଜେପିଠାରୁ ୨.୨୭ ପ୍ରତିଶତ ଏବଂ ଜେଡିୟୁଠାରୁ ୩.୮ ପ୍ରତିଶତ ଅଧିକ।

## ବିହାରରେ ବିଜେପିର ଉତ୍ଥାନ

ବିହାର ବିଧାନସଭା ନିର୍ବାଚନରେ ବିଜେପି ଐତିହାସିକ ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ଏଥର ୮୯ ଆସନ ଜିତିଥିବା ବିଜେପି ୨୦୧୦ ନିର୍ବାଚନରେ ୯୧ଟି ଆସନ ଜିତିଥିଲା। ୧୯୮୦ରେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବା ବିଜେପି ପାଇଁ ଏହି ଯାତ୍ରା ସଂଘର୍ଷପୂର୍ଣ୍ଣ ରହିଛି। ୧୯୮୦ ନିର୍ବାଚନରେ ବିଜେପିକୁ ୨୧ଟି ଆସନ ମିଳିଥିବା ବେଳେ ୧୯୮୫ରେ ୧୬, ୧୯୯୦ରେ ୩୯, ୧୯୯୫ରେ ୪୧, ୨୦୦୦ରେ ୬୭, ୨୦୦୫ରେ ୩୭, ୨୦୧୫ରେ ୫୩, ୨୦୨୦ରେ ୯୧ ଏବଂ ୨୦୨୦ରେ ୭୪ଟି ଆସନ ପାଇଥିଲା।

# କାମ ଦେଲାନି ରାହୁଲ-ତେଜସ୍ୱୀଙ୍କ ରଣନୀତି

ପାଟନା, ୧୪।୧୧ (ଏଜେନ୍ସି): ବିହାର ନିର୍ବାଚନରେ ମହାମେଣ୍ଟକୁ ଶକ୍ତ ଝଟ୍‌କା ଲାଗିଛି। ଏଥିରେ ଆରଜେଡିର ନେତୃତ୍ୱାଧୀନ କଂଗ୍ରେସ, ଭିଆଇପି ଏବଂ ବାମଦଳର ମହାମେଣ୍ଟ ଇଣ୍ଡିଆ ନିରାଶ ହୋଇଛି। ଏହା ପଛରେ ପ୍ରମୁଖ ୫ଟି କାରଣ ରହିଛି। ସେଗୁଡିକ ହେଲା ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଆସନ ବୁଝାମଣା ଚୂଡ଼ାନ୍ତ ନ ହେବା, ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଟଣାଓଟରା, ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ଆଦି ରହିଛି। ନିର୍ବାଚନ କମିଶନ (ଇସି) ଅକ୍ଟୋବର ୬ରେ ବିହାର ନିର୍ବାଚନ ନେଇ ଘୋଷଣା କରିଥିଲେ। ଏହାର ୬ ଦିନ ପରେ ଏନ୍‌ଡିଏର ଆସନ ବୁଝମଣା ହୋଇ ଯାଇଥିଲା। ମାତ୍ର ନିର୍ବାଚନ ଶେଷ ହୋଇ ସାରିଥିଲେ ବି ମହାମେଣ୍ଟ ଆନୁଷ୍ଠାନିକ ଭାବେ ଆସନ ବୁଝାଣା ସୂତ୍ର ବିଷୟରେ ଘୋଷଣା କରି ନ ଥିଲା। ନିଜ ପସନ୍ଦର ଆସନକୁ ନେଇ ମହାମେଣ୍ଟରେ ଟଣାଓଟରା ଜାରି ରହିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ୧୩ ଆସନରେ ମହାମେଣ୍ଟର ଅଲଗା ଅଲଗା ଦଳ ପରସ୍ପର ବିରୋଧରେ ଲଢ଼ିଥିଲେ। ଶେଷରେ କିଛି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଏହି ଆସନ ସଂଖ୍ୟା ୮କୁ ହ୍ରାସ ପାଇଥିଲା। ଅର୍ଥାତ ମହାମେଣ୍ଟରେ ସାମିଲ ଦଳ ନିଜ ନିଜ ବିରୋଧରେ ଏଠାରେ ଲଢ଼େଇ କରିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ କଳି ଲାଗିଥିଲା। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ମୁକେସ ସାହାନୀ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଜିଦ୍‌ରେ ଅଟଳ ରହିଥିଲେ। କିନ୍ତୁ କଂଗ୍ରେସ ଏଥିରେ ରାଜି ନ ଥିଲା। ସ୍ଥିତି ଅଧିକ ବିଗୁଡୁଥିବା ଦେଖି କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ପଠାଇବାକୁ ପଡ଼ିଥିଲା। ଶେଷରେ ପାଟନା ସ୍ଥିତି ଏକ ହୋଟେଲରେ

### କାହାର ବଢ଼ିଲା, କାହାର ଛିଡ଼ିଲା

| ଦଳ | ୨୦୨୫ | ୨୦୨୦ | ପରିବର୍ତ୍ତନ |
|---|---|---|---|
| ଏନଡିଏ | ୨୦୨ | ୧୨୫ | +୭୭ |
| ବିଜେପି | ୮୯ | ୭୪ | +୧୫ |
| ଜେଡିୟୁ | ୮୫ | ୪୩ | +୪୨ |
| ଅନ୍ୟାନ୍ୟ | ୨୮ | ୦୮ | +୨୦ |
| ମହାମେଣ୍ଟ | ୩୫ | ୧୧୦ | -୭୫ |
| ଆରଜେଡି | ୨୫ | ୭୫ | -୫୦ |
| କଂଗ୍ରେସ | ୦୬ | ୧୯ | -୧୩ |
| ଅନ୍ୟାନ୍ୟ | ୦୪ | ୧୬ | -୧୨ |

ବିବାଦର ସମାଧାନ କରାଯାଇଥିଲା ଏବଂ କଂଗ୍ରେସକୁ ନଇଁବାକୁ ପଡ଼ିଥିଲା। ଅକ୍ଟୋବର ୨୩ରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। କିନ୍ତୁ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସଂଶୟ ରହିଥିଲା।


- **ମହାମେଣ୍ଟ ପାଇଁ କାଳ ହେଲା ଆସନ କଳି**
- **ମୁହଁ ମାଡ଼ି ପଡ଼ିଗଲା ମହାମେଣ୍ଟ;**
- **ଆର୍‌ଜେଡିର ବୃହତ ପରାଜୟ; ଅବନତିର ଧାରାରେ କଂଗ୍ରେସ**

ତେବେ ନୀତୀଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢିବୁ ବୋଲି ବିଜେପି ନେତାମାନେ କହିଥିଲେ। ମହାମେଣ୍ଟରେ ଝଗଡ଼ା ଯୋଗୁଁ ମତଦାନ ପୂର୍ବରୁ ଏନଡିଏ ଆଗରେ ରହିଥିଲା। ପ୍ରଥମେ ଏନ୍‌ଡିଏରେ ମଧ କଳି ଲାଗି ରହିଥିଲା। କିନ୍ତୁ ସମୟପୂର୍ବରୁ ଏହାର ସମାଧାନ କରିଦିଆଯାଇଥିଲା। ଉପେନ୍ଦ୍ର କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ କହି ବିବାଦର ଅନ୍ତ କରିଦିଆଯାଇଥିଲା। ତେଣୁ ପ୍ରଥମେ ଏନ୍‌ଡିଏରେ ସବୁ କିଛି ଠିକ୍ ନ ଥିବା କହିଥିବା ଉପେନ୍ଦ୍ର ପରେ ଶାନ୍ତ ରହିଥିଲେ।

ବିହାର ନିର୍ବାଚନରେ ଆରଜେଡି ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିହାରର ଏହି ମୁଖ୍ୟ ବିରୋଧୀ ଧଳ ବୃହତ ଦଳରୁ ତଳ ଆଡୁ ଦ୍ୱିତୀୟ ଦଳରେ ପରିଣତ ହୋଇଯାଇଛି। ମାତ୍ର ୫ ବର୍ଷ ଭିତରେ ଆରଜେଡିର ଏଭଳି ଅବସ୍ଥା ହୋଇଛି। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡି ୧୪୩ଟି ଆସନରେ ଲଢ଼ି ମାତ୍ର ୨୫ଟିରେ ବିଜୟୀ ହୋଇଛି। ଏହା ଦଳ ପାଇଁ ସବୁଠାରୁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହି ଫଳାଫଳ ସହିତ ଆରଜେଡି ସବୁଠାରୁ ଖରାପ ପ୍ରଦର୍ଶନ କରିବା ଥିବା ଦ୍ୱିତୀୟ ଦଳ ହୋଇଯାଇଛି। ୨୦୦୫ ବିଧାନସଭା ନିର୍ବାଚନରେ ଆରଜେଡି ୫୫ଟି ଆସନ ପାଇଥିଲା। ସେ ସମୟରେ ଜଙ୍ଗଲରାଜକୁ ନେଇ ଆରଜେଡିକୁ ଚାରିଆଡେ ସମାଲୋଚନା କରାଯାଉଥିଲା। ସେତେବେଳେ ଜନ ବିରୋଧୀ ଆକ୍ରୋଶ, ରାବ୍ରୀ ଦେବୀଙ୍କ ନେତୃତ୍ୱକୁ ତୀବ୍ର ବିରୋଧ ସତ୍ତ୍ୱେ ଆରଜେଡି ୫୫ଟି ଆସନ ଜିତିଥିଲା। ତେବେ ୨୦୧୦ରେ ଏହି ଦଳ ମୋଟ ୨୨ଟି ଆସନ ପାଇଥିଲା। ୨୦ ବର୍ଷ ବିତିଯିବା ପରେ ଏବଂ ଅନେକ ଥର ନୀତୀଶ କୁମାରଙ୍କ ପଟ ପରିବର୍ତ୍ତନ ସତ୍ତ୍ୱେ ବିଜେପି ଏବଂ ଜେଡିୟୁ ପୁଣିଥରେ ବିଜୟୀ ହୋଇଛନ୍ତି। ୧୯୯୭ରେ ଆରଜେଡି ପ୍ରତିଷ୍ଠା ହେବା ପରେ ଚଳିତ ଥର ତେଜସ୍ୱୀଙ୍କ ନେତୃତ୍ୱରେ ଏହି ଦଳ ନିର୍ବାଚନ ଲଢ଼ିଥିଲା। କିନ୍ତୁ ସେ ଦଳ ପାଇଁ କୌଣସି ଚମତ୍କାର କରିପାରି ନାହାନ୍ତି।

## ମହାମେଣ୍ଟରୁ ୮୫ ଆସନ ଛଡ଼ାଇ ଆଣିଲା ଏନ୍‌ଡିଏ

ପାଟନା, ୧୪।୧୧ (ଏଜେନ୍ସି): ବିହାରରେ ୨୦ ବର୍ଷର ସରକାର ବିରୋଧୀ ଭାବନାକୁ ଭାଙ୍ଗି ପୁଣି ଥରେ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ବିଜେପି ୧୦୧ଟି ଆସନରେ ଲଢ଼ି ୮୯ଟିରେ ବିଜୟୀ ହୋଇଛି।



ଏହି ଦଳର ଷ୍ଟ୍ରାଇକ୍ ରେଟ ୯୦ ପ୍ରତିଶତ ରହିଛି। ଏହା ସହିତ ବିଜେପି ବିହାରରେ ବଡ଼ ଭାଇ ହୋଇଯାଇଛି। ଏହି ଦଳ ନୀତୀଶଙ୍କ ଜେଡିୟୁର ବିନା ସମର୍ଥନରେ ବି ସରକାର ଗଢ଼ିବାକୁ ସକ୍ଷମ। ସେହିପରି ଜେଡିୟୁ ୮୫ ଆସନରେ ବିଜୟୀ ହୋଇ ଦୁଇ ନମ୍ବର ସ୍ଥାନରେ ରହିଛି। ରାତି ସୁଦ୍ଧା ଏନ୍‌ଡିଏ ମେଣ୍ଟ ୨୦୨ଟି ଆସନରେ ଆଗୁଆ ରହିଛି। ଏହା ଗତ ଥର ତୁଳନାରେ ୭୭ ଅଧିକ। ସେହିପରି ମହାମେଣ୍ଟ ୧୧୦ରୁ ହ୍ରାସ ପାଇ ୩୫କୁ ଖସି ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ୧୨ରୁ ୫ଟି ଗଡ଼କୁ ଏନ୍‌ଡିଏ ଭୁଶୁଡ଼ାଇ ଦେଇଛି। ଗତ ୧୫ ବର୍ଷ ହେଲା ଏହି ୧୨ଟି ଆସନରେ କ୍ରମାଗତ ଭାବେ ଆରଜେଡି ଏବଂ କଂଗ୍ରେସ ବିଜୟୀ ହୋଇ ଆସୁଥିଲେ। ଚଳିତ ଥର ମହାମେଣ୍ଟ ଜିତିଥିବା ୮୫ଟି ଆସନକୁ ଏନ୍‌ଡିଏ ଛଡ଼େଇ ନେଇଛି। ଏନ୍‌ଡିଏ ୮୬ଟି ନୂଆ ଆସନ ହାତେଇଥିବାବେଳେ ନିଜର ୯୩ ପ୍ରତିଶତ ସିଟ୍‌କୁ ବଜାୟ ରଖିଛି।

ବିହାରର ସବୁ ୬ କ୍ଷେତ୍ରରେ ଏନ୍‌ଡିଏ ନିଜ କ୍ଷମତା ବଢ଼ାଇଛି। ତିରହୁତ-ମଗଧରୁ ଅଧିକ ୪୦ଟି ଆସନ ଜିତିଛି। ତିରହୁତର ୬୪ରୁ ୫୫ଟି, ମିଥିଳାଞ୍ଚଳର ୪୬ରୁ ୩୯ଟି, ମଗଧର ୪୯ରୁ ୩୯ଟି, ଶାହାବାଦର ୨୨ରୁ ୧୯ଟି, ଅଙ୍ଗ ପ୍ରଦେଶର ୨୫ରୁ ୨୪ଟି ଏବଂ ଗୁରୁତ୍ୱପୂର୍ଣ୍ଣ ସୀମାଞ୍ଚଳ ଓ କୋସିର ୩୭ଟି ଆସନରୁ ୨୬ଟି ହାତେଇଛି। ଗତ ନିର୍ବାଚନରେ ଏହି କ୍ଷେତ୍ରରେ ଏନ୍‌ଡିଏ ୨୨ଟି ଆସନ ଜିତିଥିଲା।

## ସାନ ଭାଇ ଜିତିଲେ; ବଡ଼ ହାରିଲେ

ପାଟଣା, ୧୪।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସୁନାମୀରେ ବହୁ ନାମୀଦାମୀ, ହେଭିୱେଟ୍ ତଥା ହାଇପ୍ରୋଫାଇଲ ନେତା ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ। ସେ ମହୁଆ ଆସନରୁ ଜନଶକ୍ତି ଜନତା ଦଳ ତରଫରୁ ନିବାଚନରେ ଅବତୀର୍ଣ୍ଣ ହୋଇ ୩୫, ୭୦୩ ଭୋଟ୍ ପାଇଁ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ) ପ୍ରାର୍ଥୀ ସଞ୍ଜୟ କୁମାର ସିଂଙ୍କଠାରୁ ୫୧, ୯୩୮ ଭୋଟରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ରହିଛନ୍ତି। ସଞ୍ଜୟ ୮୭, ୬୪୧ ଭୋଟ ପାଇଛନ୍ତି। ଆରଜେଡିର ମୁକେଶ କୁମାର ରୋଶନ ୪୨, ୬୪୪ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଲାଲୁଙ୍କ ସାନ ପୁଅ ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ରାଧେପୁର ଆସନରେ ବିଜୟୀ ହୋଇଛନ୍ତି। ସେ ୧୪, ୫୩୨ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସତୀଶ କୁମାରଙ୍କୁ ପରାସ୍ତ କରିଛନ୍ତି।

ସେହିପରି ବାହୁବଳୀ ତଥା ଜେଲ୍‌ରେ ଥିବା ଜେଡିୟୁର ଅନନ୍ତ କୁମାରୀ ସିଂ ୨୮, ୨୦୬ ଭୋଟ୍‌ରେ ମୋକାମା ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରଜେଡିର ବିଣା ଦେବୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜମୁଇରେ ବିଜେପିର ଶ୍ରେୟାସୀ ସିଂ ୫୪, ୪୯୮ ଭୋଟ୍‌ରେ ଆରଜେଡିର ମହମ୍ମଦ ସମସାଦ ଆଲମଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ବିଜେପିର ହେଭିୱେଟ୍ ନେତା ସମ୍ରାଟ ଚୌଧୁରୀ ବୃହତ ୪୫, ୮୪୩ ଭୋଟ୍‌ରେ ଆରଜେଡିର ଅରୁଣ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଭୋଜପୁରୀ ସିନେମା



ତାରକା ଖେସାରୀ ଲାଲ ଯାଦବ ମଧ ଛପରା ଆସନରେ ବିଜେପିର ଛୋଟି କୁମାରୀଙ୍କଠାରୁ ପରାସ୍ତ ହୋଇଛନ୍ତି। ଜଣାଶୁଣା ତାରକା ଗାୟିକା ମୈଥିଳି ଠାକୁର ଅଲିନଗର ଆସନରେ ୧୧, ୭୩୦ ଭୋଟ୍‌ରେ ଆରଜେଡି ବିନୋଦ ମିଶ୍ରାଙ୍କୁ ପରାସ୍ତ କରିଛନ୍ତି। ବିଜପିର ବିଜୟ କୁମାର ସିହ୍ନା ଲଖିସରାୟ ଆସନରେ କଂଗ୍ରେସର ଅମରେଶ କୁମାରଙ୍କୁ ପରାସ୍ତ କରିଛନ୍ତି। ଚନପଟିଆ ଆସନରେ ମନୀଷ କାଶ୍ୟପ ଜନସୁରାଜ ପାର୍ଟିରୁ ଲଢ଼ି ପରାସ୍ତ ହୋଇଛନ୍ତି। ବିଜେପିର ମଙ୍ଗଲ ପାଣ୍ଡେ ସବାନ ଆସନରୁ ଆରଜେଡିର ଅବଧବିହାରୀ ଚୌଧୁରୀଙ୍କୁ ୯, ୩୭୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅଭିନେତା ପବନ ସିଂହଙ୍କ ପତ୍ନୀ ଜ୍ୟୋତି ସିଂହ କାରାକଟରୁ ସ୍ୱାଧୀନ ଭାବେ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ମହମ୍ମଦ ଶାହବୁଦ୍ଦିନଙ୍କ ପୁଅ ଓସାମା ଶହାବ ରଘୁନାଥପୁର ଆସନରେ ୯, ୨୪୮ ଭୋଟ୍‌ରେ ଜେଡିୟୁର ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ: ମାଟିରେ ମିଶାଇ ଦିଆଗଲା ଆତଙ୍କବାଦୀ ଉମର୍‌ର ଘର

ନୂଆଦିଲ୍ଲୀ, ୧୪।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବିସ୍ଫୋରଣ ସହ ଏବେ ହରିୟାଣାର ନୁହ (ମେବାତ) ଜିଲ୍ଲାର ପିନଗଵାଁ ଅଞ୍ଚଳ ଜଡିତ ହୋଇଛି। ବିସ୍ଫୋରଣ ମାମଲାରେ ଯାଞ୍ଚ କରୁଥିବା ଦିଲ୍ଲୀର ଏଜେନ୍ସିଗୁଡିକ ନୁହର ସାର ବିକ୍ରେତା ଦୀନେଶ ସିଙ୍ଗଲା ଉରଫ୍ ଡବୁକୁ ପଚରାଉଚରା କରିବା ସହ ତାକୁ ଗିରଫ କରିଛି। ଡବୁ ଅଲ ଫଲାହ ବିଶ୍ୱ ବିଦ୍ୟାଳୟର ଡାକ୍ତର ମୁଜାମ୍ମିଲ ସକିଲକୁ ବିନା କୌଣସି ରେକର୍ଡରେ ଆମୋନିୟମ ନାଇଟ୍ରେଟ୍ ଭଳି ବିସ୍ଫୋରକ ପଦାର୍ଥ ଉପଲବ୍ଧ କରାଇଥିଲେ। ଏହାପୂର୍ବରୁ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷ ଡା ଉମର ନବୀର ପୁଲବାମାସ୍ଥିତ ବାସଗୃହକକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଉମର ଲାଲ୍‌କିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲା। ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ଏହା ସ୍ପଷ୍ଟ ହୋଇଛି। ସୁରକ୍ଷାବଳ ଉମରର ଘରକୁ ଆଇଇଡି ଦ୍ୱାରା ବିସ୍ଫୋରଣରେ ଉଡାଇ ଦେଇଛି। ତା ପାଖରେ ଆମୋନିୟମ ନାଇଟ୍ରେଟ ରଖିବାର ଲାଇସେନ୍ସ ନ ଥିଲା। ଏହାକୁ ବିସ୍ଫୋରଣ ଘଟାଇବାରେ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି। ଉମର ବିସ୍ଫୋରଣ ବେଳେ କାର୍‌ରେ ଥିଲା। ସେ ପୁଲୱାମାର କୋଇଲ ଅଞ୍ଚଳରେ ରହୁଥିଲା। ଏପର୍ଯ୍ୟନ୍ତ ୫୦୦ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରା ଉଚରା କରାଯାଇଛି। ସେପଟେ ନୁହର ଜଣେ ଡାକ୍ତରଙ୍କୁ ମଧ ଏହି ମାମଲାରେ ଗିରଫ କରାଯାଇଛି। ଫଳରେ ମୁଖ୍ୟ ଅଭିଯୁକ୍ତଙ୍କ ସଂଖ୍ୟା ଏବେ ୯ରେ ପହଞ୍ଚିଛି।

## ୧୫୦ କିମି ବେଗରେ ଖାଇକୁ ଖସିଲା କାର୍; ୫ ମୃତ

ରତଲାମ, ୧୪।୧୧(ଏଜେନ୍ସି): ମଧ୍ୟପ୍ରଦେଶର ରତଲାମ୍‌ରେ ନିୟନ୍ତ୍ରଣ ହରାଇ ଏକ କାର୍ ଖାଇକୁ ଖସିପଡ଼ିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୫ ବର୍ଷର ପିଲା ଓ ୬୦ ବର୍ଷର ଜଣେ ବରିଷ୍ଠ ନାଗରିକ ସାମିଲ ଅଛନ୍ତି। ସିସିଟିଭି କ୍ୟାମେରାରେ ଏହି ମର୍ମନ୍ତୁଦ ଦୁର୍ଘଟଣାର ଦୃଶ୍ୟ ରେକର୍ଡ ହୋଇଛି। ରତଲାମ ଜିଲ୍ଲାର ରାବଟି ଥାନା ଅନ୍ତର୍ଗତ ଭୀମପୁରା ଗାଁ ନିକଟରେ ମାହି ନଦୀ ପୋଲ ପୂର୍ବରୁ ଶୁକ୍ରବାର ସକାଳ ୭ଟାରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ ୱେରେ ରେଲିଂ ଭାଙ୍ଗି ଏହି ମହିନ୍ଦ୍ରା ଏସ୍‌ୟୁଭି ୭୦୦ ଗାଡି ଯାଇ ତଳେ ପଡ଼ିଥିଲା। ଡ୍ରାଇଭରଙ୍କୁ ହାଲ୍‌କା ନିଦ ଆସିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। କାର୍‌ରେ ବସିଥିବା ୪ ଜଣ ମୁମ୍ବଇର ଓ ଜଣେ ଗୁଜରାଟ ଭଦୋଦରାର ବାସିନ୍ଦା। ସମସ୍ତେ ଦିଲ୍ଲୀରୁ ମୁମ୍ବଇ ଯାଉଥିଲେ। ସମସ୍ତଙ୍କ ମୃତଦେହ ରତଲାମ ମେଡିକାଲ କଲେଜରେ ରଖାଯାଇଛି। ଦୁର୍ଘଟଣା ସ୍ଥଳିର ୧୦ ଫୁଟ୍ ଦୂରରେ ସ୍ପିଡ୍ ଗନ୍ ଲଗାଯାଇଛି ବୋଲି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ନିର୍ଦ୍ଦେଶକ ସନ୍ଦୀପ ପଟିଦାର କହିଛନ୍ତି। କାର୍‌ର ଗତି ଘଣ୍ଟାପ୍ରତି ୧୫୦ କିମି ଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି।



ବିହାର ବିଜୟ ପରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିକାଶ ଓ ସୁଶାସନର ବିଜୟ: ମୋଦୀ

ବିହାର ଲୋକମାନେ ବିଜୟ ବାନା ଉଡ଼ାଇଛନ୍ତି। ରାଜ୍ୟରେ ସୁଶାସନ, ବିକାଶ, ଜନକଲ୍ୟାଣ ଭାବନା ଏବଂ ସାମାଜିକ ନ୍ୟାୟର ବିଜୟ ହୋଇଛି। ବିହାର ଲୋକେ ଏନଡିଏକୁ ଅଭୂତପୂର୍ବ ଏବଂ ଐତିହାସିକ ବିଜୟର ଆଶୀର୍ବାଦ ଦେଇଛନ୍ତି। ଆଉ କେବେ ବି ରାଜ୍ୟକୁ ଜଙ୍ଗଲରାଜର ସରକାର ଫେରିବ ନାହିଁ। ଯେଉଁମାନେ ଛଟ୍ ପୂଜାକୁ ଡ୍ରାମା କହୁଥିଲେ, ସେମାନଙ୍କୁ ଜବାବ ମିଳିଛି। ବିଜେପି ମୁଖ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଗଙ୍ଗା ମାତା ବିହାରରୁ ପ୍ରବାହିତ ହୋଇ ପଶ୍ଚିମବଙ୍ଗ ଯାଉଛନ୍ତି। ପଶ୍ଚିମବଙ୍ଗରେ ବିଜେପିର ବିଜୟ ମାର୍ଗକୁ ବିହାର ପ୍ରଶସ୍ତ କରିଦେଇଛି। ବିଜେପି ଆପଣଙ୍କ ସହ ମିଶି ପଶ୍ଚିମବଙ୍ଗର ଜଙ୍ଗଲରାଜ ସରକାରକୁ ଭୁଶୁଡ଼ାଇ ଦେବ।

## ନିର୍ବାଚନ ନିରପେକ୍ଷ ନ ଥିଲା: ରାହୁଲ

ମହାମେଣ୍ଟ ଉପରେ ବିଶ୍ୱାସ ପ୍ରକଟ କରିଥିବା କୋଟି କୋଟି ମତଦାତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ବିହାର ବିଧାନସଭା ନିର୍ବାଚନ ଫଳାଫଳ ଚକିତ କରିଦେଇଛି। ଆମେ ଏଭଳି ଏକ ନିର୍ବାଚନରେ ବିଜୟୀ ହୋଇପାରିଲୁ ନାହିଁ, ଯାହା ପ୍ରାରମ୍ଭରୁ ନିରପେକ୍ଷ ନ ଥିଲା। ଏହି ଲଢ଼େଇ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଥିଲା। କଂଗ୍ରେସ ଏବଂ ମହାମେଣ୍ଟ 'ଇଣ୍ଡିଆ' ଏହି ଫଳାଫଳର ସମୀକ୍ଷା କରିବ ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଚାଲିଥିବା ପ୍ରୟାସକୁ ଅଧିକ ପ୍ରଭାବୀ କରାଯିବ ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

# ବାଂଲାଦେଶରେ ପୁଣି ତେଜିଲା ହିଂସା

ଢ଼ାକା, ୧୪।୧୧(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ କୋର୍ଟ ରାୟ ଦେବା ପୂର୍ବରୁ ସାରା ଦେଶରେ ହିଂସା ବୃଦ୍ଧି ପାଇଛି। ହାସିନାଙ୍କ ପାର୍ଟି ଅୱାମୀ ଲିଗ୍ କୋର୍ଟଙ୍କ ସମ୍ଭାବ୍ୟ ରାୟକୁ ବିରୋଧ କରି ସାରା ଦେଶରେ ଲକ୍‌ଡାଉନ୍ ପାଇଁ ଆହ୍ୱାନ ଦେଇଛି। କିନ୍ତୁ ଅୱାମୀ ଲିଗ୍‌କୁ ବିରୋଧ କରି ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଓ ବାଂଲାଦେଶ ଜମାତ-ଇ-ଇସ୍‌ଲାମୀ କାର୍ଯ୍ୟକର୍ତ୍ତାମାନେ ରାଜଧାନୀ ଢ଼ାକାର କିଛି ଅଞ୍ଚଳରେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହାକୁ ନେଇ ବାଂଲାଦେଶ ପୁଣି ଅଶାନ୍ତ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରେ ଆଜି ଦିନକେ ୩୨ଟି ସ୍ଥାନରେ ବୋମା ବିସ୍ଫୋରଣ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ୧୨ଟି ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଢ଼ାକା ବିମାନ ବନ୍ଦର ନିକଟରେ

**୩୨ଟି ସ୍ଥାନରେ ବୋମା ବିସ୍ଫୋରଣ**

**୧୨ଟି ବସ୍‌ରେ ନିଆଁ ଲଗାଇଦେଲେ**

ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। କିନ୍ତୁ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଢାକା ସମେତ କେତୋଟି ବଡ଼ ସ୍କୁଲରେ କ୍ଲାସକୁ ଅନଲାଇନ୍ କରାଯାଇଛି। ସାଧାରଣ ଗମନାଗମନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜଧାନୀ ଢାକାରେ ୪୦୦ ପାରା ମିଲିଟାରୀ ଯବାନଙ୍କୁ ନିୟୋଜିତ କରାଯାଇଛି।

ଉଲ୍ଲେଖଥାଉ କି ସୁପ୍ରିମକୋର୍ଟ ନଭେମ୍ବର ୧୭ରେ ହସିନାଙ୍କ ବିରୋଧରେ ଚାଲିଥିବା ମାନବୀୟ ଅପରାଧ ମାମଲା ବିରୋଧରେ ରାୟ ଶୁଣାଇବେ। ୨୦୨୪ରେ ଛାତ୍ର ଆନ୍ଦୋଳନ ଅବସରରେ ହସିନା ହିଂସା ପାଇଁ ଉସ୍‌କାଇଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ହସିନା ଏହି ମାମଲାଗୁଡିକୁ ମିଥ୍ୟା ବୋଲି କହି ଆସିଛନ୍ତି। ଏହି ହିଂସା ପରେ ହସିନାଙ୍କୁ ଶାସନରୁ ଛାତ୍ର ଆନ୍ଦୋଳନ ମାଧ୍ୟମରେ ହଟାଇ ଦିଆଯାଇଥିଲା। ସେ ଏବେ ଭାରତରେ ଆଶ୍ରୟ ନେଇଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ଏ ବିଜୟ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ: ମୋହନ

**ଭୁବନେଶ୍ୱର, ୧୪ ।୧୧ (ସମିସ):** ନୂଆପଡ଼ା ଓ ବିହାରରେ ବଡ଼ ବିଜୟ ପରେ ବିଜୟ ଉତ୍ସବ ପାଳିଛି ବିଜେପି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳୀୟ ନେତା ଓ କର୍ମୀ ଏକାଠି ହୋଇ ବିଜୟ ଉତ୍ସବ ପାଳନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଏକ ଐତିହାସିକ ଦିନ ଓ ସ୍ମରଣୀୟ ମୁହୂର୍ତ୍ତ।



### ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ

ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ବିଜେପି ଇତିହାସ ସୃଷ୍ଟି ହୋଇଛି। ନୂଆପଡ଼ା ଉପନିର୍ବାଚନରେ ବିଜେପିକୁ ବିପୁଳ ସମର୍ଥନ ଜଣାଇଥିବା ଅଂଶୀଦାରମାନଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସହାୟକ ହେବ। ବିଜେପି ରାଜନୈତିକ ଉଦ୍ଦେଶ୍ୟ ନୁହେଁ; ସେବା ମନୋଭାବ ନେଇ ଆଗକୁ ବଢୁଛି। ଏହି କାରଣରୁ ନୂଆପଡ଼ାବାସୀ ସମର୍ଥନ ଦେଇଛନ୍ତି। ନୂଆପଡ଼ାର ବିକାଶ ନିଶ୍ଚୟ ହେବ ବୋଲି ପ୍ରତିଶ୍ରୁତି ଦେବା ସହ ବିହାରରେ ବିଜେପିର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ବିଜେପିର ଐତିହାସିକ ଏବଂ ବିଶାଳ ବିଜୟ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ନୂଆପଡ଼ାର ଜନସାଧାରଣ ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ବିଜୟ କେବଳ ଏକ ନିର୍ବାଚନୀ ସଫଳତା ନୁହେଁ; ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ବିକାଶର ଏଜେଣ୍ଡା ଏବଂ ସୁଶାସନ ପ୍ରତି ଜନସାଧାରଣଙ୍କ ଅଟଳ ବିଶ୍ୱାସର ଏକ ପ୍ରମାଣ। ଏହି ବିଜୟ ଦଳର ସମସ୍ତ କର୍ମୀ, ପଦାଧିକାରୀ ଏବଂ ଜନସାଧାରଣଙ୍କ ନିରନ୍ତର ପରିଶ୍ରମ ଓ ଆସ୍ଥାର ଫଳ। ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଅଭିନନ୍ଦନ ସହ ନୂଆପଡ଼ାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ସାମଲ ତାଙ୍କୁ ଆହ୍ୱାନ ଦେଇଛନ୍ତି।

# ଜନମତକୁ ଏପଟସେପଟ କରାଯାଇଛି: ଦେବୀ ମିଶ୍ର

**ଭୁବନେଶ୍ୱର,୧୪।୧୧(ସମିସ):** ସରକାରୀ କଳ ଏବଂ ବଳ ଦ୍ୱାରା ବିଜେପି ନିର୍ବାଚନ ବିଜୟ ହାସଲ କରିଛି। ଅନେକ ସମସ୍ୟା ନେଇ ନୂଆପଡ଼ାବାସୀ ମୁହଁ ଖୋଲୁଥିଲେ। ହେଲେ ୯ ତାରିଖ ସକାଳ ପର୍ଯ୍ୟନ୍ତ ବିଜେଡି ସପକ୍ଷରେ ଥିବା ଜନାଦେଶ ପରିବର୍ତ୍ତନ ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ବିଜେଡି ଅନେକ ଉପନିର୍ବାଚନ ସାମ୍ନା କରିଛି।



ଏଥିରେ ଦଳ ଅନେକ ଉପନିର୍ବାଚନ ଜିତିଛି ଓ ହାରିଛି। ହେଲେ ନୂଆପଡା ଉପନିର୍ବାଚନ ଫଳାଫଳ କିଛି ଅଲଗା ଆଭାସ ଦେଉଛି। ସେ କହିଛନ୍ତି ଦଳ ତରଫରୁ ଯାହା ଆମେ ଆଶଙ୍କା କରିଥିଲୁ, ତାହା ସତ ପ୍ରମାଣିତ ହୋଇଛି। ଜନମତକୁ ଏପଟସେପଟ କରାଯାଇଛି। ସାଇଲେଣ୍ଟ ପିରିଅଡରେ ଶାସକ ଦଳ ପକ୍ଷରୁ ବ୍ୟବହାର ହୋଇଛି। ଶାସକ ଦଳ ଓ ସରକାରୀ କଳ ସାଇଲେଣ୍ଟ ପିରିଅଡକୁ ମ୍ୟାନୁପୁଲେସନ କରିଛନ୍ତି। ଏହାର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ଲୋକଙ୍କ ଭାବନା ଏତେ ବଡ଼ ପରିବର୍ତ୍ତନ ଚକିତ କରିଛି। ୯ ତାରିଖ ସକାଳ ଯାଏ ଯେଉଁ ମତ ଥିଲା, ତାହା ପରିବର୍ତ୍ତନ ହୋଇଛି। ଏହା ହିଁ ଚକିତ କରୁଛି। ଜନସାଧାରଣ ଜାଣିଛନ୍ତି ନବୀନ ବାବୁ ଓଡ଼ିଶାର ପ୍ରିୟତମ ନେତା। ନୂଆପଡାରେ ଅନୁକମ୍ପା ଅପେକ୍ଷା ଟ୍ରିପଲ ଇଞ୍ଜିନ ସରକାରର ମଇକ୍ରୋ ମ୍ୟାନେଜମେଣ୍ଟ ଫଳାଫଳକୁ ପ୍ରଭାବିତ କରିଛି। ଓଡିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କ କଳ ଓ ବଳ ଲାଗିଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ। ଛତିଶଗଡ଼କୁ ଲାଗି ରହିଥିବା ନୂଆପଡାର ଅଞ୍ଚଳରେ ପୂର୍ବରୁ ମଧ୍ୟ ପଛରେ ରହୁଥିଲା। ଉପନିର୍ବାଚନରେ ଏତେ ସଂଖ୍ୟକ ଭୋଟ ପଡ଼ିବା ନଜିର ନାହିଁ। ଉପନିର୍ବାଚନରେ ୮୩ ପ୍ରତିଶତରୁ ଅଧିକ ଭୋଟିଂ ହେବା ସନ୍ଦେହ ସୃଷ୍ଟି କରୁଛି। ୪୧ ବୁଥରେ ହାରାହାରି ୯୧ରୁ ୯୪ ପ୍ରତିଶତ ଭୋଟିଂ ହୋଇଛି। ଭୋଟିଂ ବୁଥକୁ ସିଜ କରିବା ଅଭିଯୋଗ ମଧ୍ୟ ଆସିଛି। ଦାଦନ ଭାବରେ କାମ କରୁଥିବା ଲୋକଙ୍କ ନାଁରେ ଭୋଟ ଦିଆଯାଇଥିବା ସନ୍ଦେହ ହେଉଛି। ନହେଲେ ଏତେ ପରିମାଣର ଭୋଟିଂ ହୋଇନଥାନ୍ତା। ଏହାକୁ ତଦନ୍ତ କଲେ ଜଣାପଡିବ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ଭୋଟ ଦେଲେ ଭଲ। ମାତ୍ର ଲୋକ ନଆସି ଭୋଟ ପଡିଲେ ଭୟଙ୍କର ହୁଏ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଅର୍ଥ ବଳର ନଗ୍ନ ପ୍ରଦର୍ଶନ କରି ଶାସକ ଦଳ ନିର୍ବାଚନ ଜିତିଲା: କଂଗ୍ରେସ

**ଭୁବନେଶ୍ୱର,୧୪।୧୧(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ହୋଇଛି। ବିଜୟୀ ପ୍ରାର୍ଥୀ ଦଳକୁ କଂଗ୍ରେସ ଅଭିନନ୍ଦନ ଜଣାଇଥିଲେ ମଧ୍ୟ ଏହି ବିଜୟକୁ ଦଳ ସହଜରେ ଗ୍ରହଣ କରିପାରୁ ନାହିଁ। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ନୂଆପଡ଼ା ଉପନିର୍ବାଚନରେ ଶାସକ ଦଳ ଯେପରି ଅର୍ଥ ବଳର ନଗ୍ନ ପ୍ରଦର୍ଶନ କଲା, ତାହା ଭାରତୀୟ ନିର୍ବାଚନୀ ଇତିହାସରେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ଆୟୋଗ ଓ ଅଧିକାରୀମାନଙ୍କ ବ୍ୟାପକ ପକ୍ଷପାତିତା ବଳରେ ଶାସକ ଦଳ ପ୍ରାର୍ଥୀ ପୁଲିସ ଓ ପ୍ରଶାସନକୁ ବ୍ୟବହାର କରି ଭୋଟରମାନଙ୍କୁ ପ୍ରଲୋଭିତ କରାଇବାରେ ସକ୍ଷମ ହେଲେ। ଆଦର୍ଶ ଆଚରଣ ବିଧି ବାରମ୍ବାର ଖୋଲାଖୋଲି ଉଲଂଘନ ହେଉଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଲେ।

ଅନ୍ୟପଟେ ପୂର୍ବରୁ ନିକଟ ଅତୀତରେ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନଗୁଡିକରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏ ଥରର ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହା କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାର ପ୍ରମାଣ ବୋଲି ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ସେ କହିଛନ୍ତି, ଏହା ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ଯେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ। ସମସ୍ତଙ୍କ ମଧ୍ୟରୁ ଯୋଗ୍ୟତମ ପ୍ରାର୍ଥୀ ଘାସିରାମ ମାଝୀ ଏଥର କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ମୂଳରୁ ହିଁ ତାଙ୍କ ବିଜୟ ଆଶା ଉଜ୍ଜ୍ୱଳ ଥିଲା। ତେବେ ନୂଆପଡ଼ାରେ ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ହେବା ଯୋଗୁଁ ଏଠାରେ ବିଜେପି ଜିତିଲା। ପ୍ରତିକୂଳ ପରିସ୍ଥିତିରେ କଂଗ୍ରେସ ସପକ୍ଷରେ ରହିଥିବା ଭୋଟର ଓ ନିର୍ବାଚନରେ ଅକ୍ଳାନ୍ତ ପରିଶ୍ରମ କରିଥିବା କଂଗ୍ରେସର ନେତୃବୃନ୍ଦ ଓ କର୍ମୀଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି।

# ୬ ଡିଗ୍ରୀକୁ ଖସିଲା ପାରଦ

### ସେମିଲିଗୁଡ଼ା ସବୁଠୁ ଥଣ୍ଡା

**ଭୁବନେଶ୍ୱର, ୧୪।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ଜାରି ରହିଛି। କ୍ରମାଗତ ଭାବେ ତାପମାତ୍ରା ହ୍ରାସ ପ୍ରଭାବରେ ଚଳିତବର୍ଷ ରାଜ୍ୟରେ ପ୍ରଥମଥର ପାଇଁ କିଛି ସ୍ଥାନରେ ଶୀତ ଲହରୀ ଅନୁଭୂତ ହୋଇଛି। ଲଗାତାର ଦୁଇ ଦିନ ହେବ, ଭୁବନେଶ୍ୱର ଓ ଫୁଲବାଣୀରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ଡିଗ୍ରୀ ତଳେ ରହିଥିବା ହେତୁ ଏଠାରେ ଶୀତ ଲହରୀ ସୃଷ୍ଟି ହୋଇଛି। ଏହାବ୍ୟତୀତ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ପାରଦ ୬ ଡିଗ୍ରୀ ଛୁଇଁଛି। କୋରାପୁଟର ସେମିଲିଗୁଡ଼ାଠାରେ ତାପମାତ୍ରା ସର୍ବନିମ୍ନ ୬.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଜି. ଉଦୟଗିରିରେ ୭, ଦାରିଙ୍ଗବାଡ଼ିରେ ୭.୫, ଫୁଲବାଣୀରେ ୮.୨, ଝାରସୁଗୁଡ଼ା ଓ ଚିପିଲିମାରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱର ଓ କଟକରେ ତାପମାତ୍ରା ୧୪.୮ ଡିଗ୍ରୀ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହା ପରେ କିଛି କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିପାରେ।

# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

**କାମାକ୍ଷାନଗର, ୧୪।୧୧(ସମିସ):** ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ। କାମାକ୍ଷାନଗର ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ପରଜଙ୍ଗ ଥାନା ସାଆନ୍ଧା ଗ୍ରାମର ରାଜେଶ କୁମାର ପାଣି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନିର୍ବନ୍ଧରେ ଭିଡିଓ ସୁଟିଂ କରିବାକୁ ଆସିଥିଲେ

ସୂଚନାନୁଯାୟୀ, ରାଜେଶ ତାଙ୍କ ଗାଁ ଛକରେ ଏକ ଭିଡିଓ ସୁଟିଂ ଦୋକାନ କରିଛନ୍ତି। ବିବାହ, ବ୍ରତ ଇତ୍ୟାଦିରେ ସୁଟିଂ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତକାଲି ସକାଳେ ଏକ ନିର୍ବନ୍ଧର ଭିଡିଓ ସୁଟିଂ ପାଇଁ ସେ ମୁକ୍ତାପଶି ଗ୍ରାମକୁ ଆସିଥିଲେ। ତେବେ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସବୁଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଆଜି ମୁକ୍ତାପଶି ଗାଁ ନିକଟରେ ଥିବା ମଠ ପୋଖରୀରୁ ରାଜେଶଙ୍କ ମୃତଦେହ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଏହାକୁ ଅଘଟଣ ଦର୍ଶାଇବା ପାଇଁ ଶବ ପୋଖରୀକୁ ଫିଙ୍ଗି ଦେଇଛି ବୋଲି ସେମାନେ କହିଛନ୍ତି। ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ପୋଖରୀ ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସବୁ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

### ତାରତମ୍ୟର ଶିକାର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ

# ପୋଷାକ, ମଧ୍ୟାହ୍ନଭୋଜନ, ସାଇକଲ୍ ଓ ବହିରୁ ବଞ୍ଚିତ

**ଭୁବନେଶ୍ୱର,୧୪ ।୧୧(ସମିସ):** ଅନୁଦାନଯୋଗ୍ୟ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ବୈମାତୃକ ମନୋଭାବର ଶିକାର ହେଉଛନ୍ତି। ସରକାରୀ ବିଦ୍ୟାଳୟର ପିଲାମାନେ ବହି, ପୋଷାକ, ମଧ୍ୟାହ୍ନଭୋଜନ, ସାଇକେଲ ଆଦି ପାଉଥିବାବେଳେ ଅନୁଦାନଯୋଗ୍ୟ ବିଦ୍ୟାଳୟର ପିଲାମାନେ ତହିଁରୁ ବଞ୍ଚିତ ହେଉଛନ୍ତି। ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଣୁ ଶିକ୍ଷାକୁ ପ୍ରୋତ୍ସାହିତ କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ସରକାରୀ ବିଦ୍ୟାଳୟ ପରି ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଦାବି କରାଯାଇଛି।

ସଂଘର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଅନୁଦାନଯୋଗ୍ୟ ବିଦ୍ୟାଳୟର ଓବିସି ଓ ଏସ୍ଇବିସି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ମିଳୁନାହିଁ। ପାଠ ପଢ଼ିବା ପାଇଁ ବହି ମଧ୍ୟ ପାଉ ନାହାନ୍ତି। ଶିକ୍ଷକ ଓ କର୍ମଚାରୀ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଛନ୍ତି। ଅଭାବ ଅନଟନ ସତ୍ତ୍ୱେ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷାଦାନ କରୁଥିଲେ ମଧ୍ୟ ଟଙ୍କାଟିଏ ଅନୁଦାନ ମିଳୁନାହିଁ। ତନ୍ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉକିଛି ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି। ତେଣୁ ଏହି ବର୍ଗର ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେଉଥିବା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବାର ବ୍ୟବସ୍ଥା ନ ଥିବାରୁ ଅବସର ପରଠାରୁ କୌଣସି ଅନୁଦାନ ପାଉ ନାହାନ୍ତି। ପୁଣି ନୂତନ ନିଯୁକ୍ତି ଦିଆଯାଉ ନଥିବାରୁ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ଅନୁରୂପ ଭାବେ ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଉଚିତ୍ ଦରମା ଦିଆଯାଉ ନାହିଁ। ଏଣୁ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଥିବା ତାରତମ୍ୟ ଦୂର କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

ଏହାସହ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ବା ନେଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନିକ୍ରିମେଣ୍ଟ, ପୁରାତନ ପେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ, ଗ୍ରେଡ ପେ' ଅସଙ୍ଗତି ଦୂରୀକରଣ ପରି ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର ଦାବି କରିଛନ୍ତି। ଏକାଧିକ ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ 'ଲୋଗୋ' ଉନ୍ମୋଚିତ

### ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୨ ହଜାର କୋଟି

**ଭୁବନେଶ୍ୱର,୧୪ ।୧୧(ସମିସ):** ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର 'ଲୋଗୋ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉନ୍ମୋଚନ କରିଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଏହାକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋଗୋର ମଧ୍ୟ ଭାଗରେ ଖୋଲା ପୁସ୍ତକ ସହ କଲମମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଉଥିବା ବେଳେ କଲମମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିଫଳିତ କରୁଛି। କଲମମୁନର ଉପରି ଭାଗରେ ଜଳୁଥିବା ମଶାଲ, ଜ୍ଞାନ ଓ ସତ୍ୟର ପ୍ରତୀକ ସଦୃଶ। ଏହା ଅଜ୍ଞାନତା ଦୂର କରି ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ।



ଓଡ଼ିଆ ସଂସ୍କୃତିକୁ ବହନ କରୁଥିବା ଏହି ଲୋଗୋ ଶିକ୍ଷାର ମହତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ। ମଶାଲ ଚାରିପାଖରେ ବିଚ୍ଛୁରିତ କିରଣ ନୈତିକ ଆଲୋକର ପ୍ରତୀକ। ସେହିପରି ବୃତ୍ତାକାର ରୂପ ଏକତା, ଅନ୍ତର୍ଭୁକ୍ତି ଏବଂ ସମନ୍ୱୟକୁ ପ୍ରତିଫଳିତ କରୁଥିବା ବେଳେ ତିନୋଟି ତାରା ଯଥାକ୍ରମେ ଜ୍ଞାନ, ଚରିତ୍ର ଓ ସେବାକୁ ପ୍ରତିନିଧିତ୍ୱ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ସାମାଜିକ ଏବଂ ଶୈକ୍ଷିକ କ୍ଷେତ୍ରରେ ସଶକ୍ତ କରିବ। ଏହା କେବଳ ଏକ ଶିକ୍ଷା ସଂସ୍କାର ଯୋଜନା ନୁହେଁ, ବରଂ ଏକ ସଂକଳ୍ପ ବୋଲି ସେ କହିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରାଯିବ। ଏଥିପାଇଁ ପ୍ରାୟ ୧୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ହେବାକୁ ଥିବା ବେଳେ ଅନ୍ୟୂନ ୫ଏକର ସରକାରୀ ଜମି ସହ ଗମନାଗମନ ସୁବିଧା ଥିବା ସ୍ଥାନକୁ ପ୍ରାଥମିକତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

**କଟକ,୧୪।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ।



# ପୁରୀକୁ ବିପଦ ବେଆଇନ ଲଜ୍, ହୋମ୍ ଷ୍ଟେ'

**ପୁରୀ,୧୪।୧୧(ସମିସ):** ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ପରେ ସାରା ଦେଶରେ ହାଇ-ଆଲର୍ଟ। ପୁରୀକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସୁଥିବାରୁ ଶ୍ରୀମନ୍ଦିର ସମେତ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ହେଲେ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ଏବେ ସାମ୍ନାକୁ ଆସିଛି। ବର୍ତ୍ତମାନ ସ୍ଥିତିରେ ଶ୍ରୀମନ୍ଦିର ଓ ପୁରୀ ସହର ପାଇଁ ବଡ଼ ବିପଦ ସାଜିଛି ବେଆଇନ ଲଜିଂ। ସବୁଆଡ଼େ ଛତୁ ଫୁଟିଲା ଭଳି ଖୋଲିଛି ବେଆଇନ ଲଜିଂ, ହୋମ୍ ଷ୍ଟେ। ଏହି ଲଜିଂ ତଥା ହୋମ୍‌ଷ୍ଟେଗୁଡ଼ିକ ମଧ୍ୟରୁ ଅଧିକାଂଶର ପୁରୀ ପୌରପାଳିକା ପ୍ରଦାନ କରୁଥିବା ଟ୍ରେଡ୍ ଲାଇସେନ୍ସ ନାହିଁ। ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିଜେ ରହୁଥିବା ଘରେ ବି କିଛି ଲୋକ ଯାତ୍ରୀଙ୍କୁ ରଖି ଟଙ୍କା ଆଦାୟରେ ଲାଗିଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରହୁଥିବା ଯାତ୍ରୀଙ୍କଠାରୁ କୌଣସି ପରିଚୟପତ୍ର ରଖାଯାଉନାହିଁ। କେଉଁ ଯାତ୍ରୀ କେଉଁ ସ୍ଥାନରୁ ଆସିଛନ୍ତି, କୌଣସି ସୂଚନା ରହୁନାହିଁ, ଯାହାକି ପୁରୀ ସହର ପାଇଁ ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କମ୍ ସମୟରେ ଆଉ ସହଜରେ କିପରି ଅର୍ଥ ରୋଜଗାର କରିହେବ କିଛି ଲୋକ ଏବେ ଏହିଭଳି ବେଆଇନ ଲଜିଂକୁ ଭରସା

### ପ୍ରଶାସନ ପାଖରେ ରହୁନି ଯାତ୍ରୀଙ୍କ ତଥ୍ୟ

କରିଛନ୍ତି। ନିଜ ଘରକୁ ହୋମ୍ ଷ୍ଟେ' ବ୍ୟବସାୟରେ ଲଗାଇ ଭଲ ରୋଜଗାର କରୁଛନ୍ତି, କିନ୍ତୁ ଆଉ କୌଣସି ଗାଇଡ୍‌ଲାଇନ୍ ପାଳନ କରୁନାହାନ୍ତି। ଯାତ୍ରୀଙ୍କୁ ରଖିବା ଲାଗି ଯେଉଁ ସୁରକ୍ଷା ବ୍ୟବସ୍ଥା ରହିବା କଥା ତାହା ଆଦୌ ନାହିଁ, ଯାହାକି ସହର ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଦୁର୍ବୃତ୍ତ ଏହି ବେଆଇନ ଲଜ୍‌ରେ ରହି କିଛି ଅଘଟଣ ପାଇଁ ଷଡ଼ଯନ୍ତ୍ର କରେ ତେବେ ସେ ସଫଳ ହେବେ ଏଥିରେ ସନ୍ଦେହ ନାହିଁ।



ପୁରୀ ସହର ଛୋଟବଡ଼ ହୋଟେଲ, ଗେଷ୍ଟହାଉସ୍, ଲଜିଂ, ଧର୍ମଶାଳାକୁ ହିସାବକୁ ନେଲେ ଏହି ସଂଖ୍ୟା ପ୍ରାୟ ୧୨୦୦ରୁ ଅଧିକ ହେବ। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏଠାରେ ରୁହନ୍ତି। ତେବେ ଯାତ୍ରୀଙ୍କୁ ରଖିବାକୁ ହେଲେ ପୁରୀ ପୌରପାଳିକାଠାରୁ ଟ୍ରେଡ୍ ଲାଇସେନ୍ସ ଓ ପଞ୍ଜୀକରଣ ବାଧ୍ୟତାମୂଳକ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଫାୟାର ସେଫ୍ଟି, ପାର୍କିଂ ବ୍ୟବସ୍ଥା ରହିବା ଜରୁରୀ। ଯେଉଁ ଯାତ୍ରୀମାନେ ରହିବେ, ସେମାନଙ୍କ ସଠିକ୍ ବୈଧ ପରିଚୟପତ୍ର ରଖିବା ଓ ରେଜିଷ୍ଟରରେ ନାମଲେଖା ସହ ଯିବାଆସିବା ସମୟ ଲେଖିବା ବାଧ୍ୟତାମୂଳକ। କୌଣସି ବିଦେଶୀ ବ୍ୟକ୍ତି କିମ୍ବା ସନ୍ଦିଗ୍ଧ ବ୍ୟକ୍ତି ଆସିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବାର ନିୟମ ରହିଛି। ନିୟମ ଉଲ୍ଲଂଘନ କଲେ ଲାଇସେନ୍ସ ବାତିଲ୍ ସହ ଜରିମାନା ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ରହିଛି। ହେଲେ ଏହାକୁ ଭୃକ୍ଷେପ ନ କରି କେତେକ ବ୍ୟକ୍ତି ନିଜର ଆବାସିକ ଘରକୁ ବେଆଇନ ଭାବେ ବିନା ପଞ୍ଜୀକରଣରେ ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ପଞ୍ଜୀକରଣ କରି ନ ଥିବା ହେତୁ ଏଠାରେ କେଉଁ ବ୍ୟକ୍ତି ଆସି ରହିଛନ୍ତି, ସେନେଇ ପୁଲିସ କିମ୍ବା ପ୍ରଶାସନ ନିକଟରେ ସୂଚନା ରହୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବେଆଇନ କାର୍ଯ୍ୟକୁ ରୋକାନଗଲେ ଆଗାମୀ ଦିନରେ ଏହା ସୁରକ୍ଷା ବ୍ୟବସ୍ଥାକୁ ବଡ଼ ବିପଦ ହେବ ବୋଲି ପୁଲିସକୁ ବୁଦ୍ଧିଜୀବୀ ସତର୍କ କରାଇଛନ୍ତି।

ବିଶେଷକରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଏଭଳି ମାଳମାଳ ବେଆଇନ ଲଜିଂ, ହେମ୍ ଷ୍ଟେ ଖୋଲିଛି। ଗୁଣ୍ଡିଚା ମନ୍ଦିରକୁ ଲାଗି ରହିଥିବା ଘରଗୁଡ଼ିକ ରାତାରାତି ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ଏଠାରେ ଯେଉଁମାନେ ରହୁଛନ୍ତି ସେମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପ୍ରଶାସନ ପାଖରେ ରହୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯାତ୍ରୀ ଭାବେ ପରିଚୟ ଦେଇ ଏଠାରେ ଅନ୍ୟ କେହି ବି ରହି କୌଣସି ବଡ଼ଧରଣର ଅଘଟଣ ଘଟାଇପାରେ। ତେଣୁ ଏସବୁ ଦିଗ ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପୂର୍ବ ସରକାର ସମୟରେ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱର କିଛି ଅଞ୍ଚଳ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିଷ୍ପତ୍ତି ଏବେ ଫାଇଲ୍ ତଳେ ଚାପି ହୋଇରହିଛି।

### ଫଲସାପଡ଼ା ମୋତିରାମ ମେହେର ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

**କୋକସରା, ୧୪ ।୧୧(ସମିସ)**



କୋକସରା ଥାନା ବେହେରା ଫଲସାପଡ଼ା ଗ୍ରାମର ମୋତିରାମ ମେହେରଙ୍କ ଚିକିତ୍ସାଧିନ ଅବସ୍ଥାରେ ମେଡିକାଲରେ ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ମୋତିରାମଙ୍କୁ ଆକ୍ରମଣ କରିଥିବା ସମ୍ପୃକ୍ତ ଯୁବକମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖରେ ବେହେରା ବିଦେଶୀ ମଦ ଦୋକାନ ସମ୍ମୁଖରେ ବେହେରା ଗ୍ରାମର ୩ ଜଣ ଯୁବକ ବଳପୂର୍ବକ ମୋତିରାମଙ୍କୁ ମଦ ମାଗିଥିଲେ। ମୋତିରାମ ପାଖରେ ଟଙ୍କା ନଥିବା କହି ସେମାନଙ୍କୁ ମନା କରି ଦେବାରୁ ଉତକ୍ଷିପ୍ତ ହୋଇ ଭଙ୍ଗା ମଦ ବୋତଲରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥି ସହିତ ତାଙ୍କ ମୋବାଇଲ୍ ଭାଙ୍ଗିଦେବା ସହ କିଛି ଟଙ୍କା ଛଡ଼ାଇ ନେଇଥିଲେ। ମାରପିଟ୍ ଯୋଗୁଁ ମୋତିରାମଙ୍କ ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ମୋତିରାମ ଗତ ୨୭ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିବା ଏବଂ ମେଡିକାଲରେ ଚିକିତ୍ସା ମଧ ହୋଇଥିଲେ। କିଛିଦିନ ପରେ ମୋତିରାମ ଅଧିକ ଅସୁସ୍ଥ ହେବାରୁ ନିକଟସ୍ଥ ଧର୍ମଗଡ଼ ମେଡିକାଲ, ବୁର୍ଲା ମେଡ଼ିକାଲ ଓ ପରେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ପରିବାରଲୋକ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୋତିରାମଙ୍କ ମୃତ୍ୟୁ ହୋଇଥିବା ପରିବାରଲୋକ କହିଛନ୍ତି। ସେଠାରୁ ଶବ ଘରକୁ ଆଣିବା ପରେ ପରିବାରଲୋକ କୋକସରା ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ଗାଁରେ ପହଞ୍ଚି ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ମୋତିରାମଙ୍କୁ ଆକ୍ରମଣ କରିଥିବା ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରିବା ଦାବି କରି ମେଡିକାଲ ପରିସରରେ ଶବ ରଖି ପରିବାରଲୋକ କିଛି ସମୟ ଅଡ଼ି ବସିଥିଲେ। କୋକସରା ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଅନେକ ସମୟ ଧରି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଇବା ସହିତ ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିବାରଲୋକ ସେଠାରୁ ଶବ ନେଇଥିଲେ। ଅନ୍ୟପଟେ ସମ୍ପୃକ୍ତ ଯୁବକମାନେ ଫେରାର ହୋଇଥିବା ଜଣାପଡ଼ିଛି।

### ଜେଲ୍ ଗଲେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ବରିଷ୍ଠ କିରାଣି

# ଭିଜିଲାନ୍ସ ହାତରେ ଲାଗିଛି ଡାଏରୀ

**ଭବାନୀପାଟଣା, ୧୪ ।୧୧ (ସମିସ):** ସ୍ଥାନୀୟ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ପେନସନ କାଗଜ କରିବାକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ି ଏବେ ଜେଲରେ ଅଛନ୍ତି। ପୂର୍ବ ସୂଚନାମତେ ତାଙ୍କ ସରକାରୀ କ୍ୱାର୍ଟରରେ ହିଁ ପେନ୍‌ସନ୍ ଟଙ୍କା ପାଇଁ ଲାଞ୍ଚ ଟଙ୍କା ନେବାକୁ ଅଭିଯୋଗକାରୀଙ୍କୁ କହିଥିଲେ। ଟଙ୍କା ନେବା ବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ଏହି ସମୟରେ କିରାଣୀ ବାବୁଙ୍କ ଗୋଟିଏ ଡାଏରୀ ଭିଜିଲାନ୍ସ ହାତରେ ପଡ଼ିବାରୁ ତାକୁ ଜବତ କରିଥିଲେ। କିରାଣୀ ବାବୁ ଜଣକ ଡାଏରୀ ଦେବାକୁ ଆଦୌ ରାଜି ହେଉନଥିଲେ। କାରଣ ସେ ଡାଏରୀ ପ୍ରମାଣ କରିଛି କାହା ଠାରୁ କେତେ ଟଙ୍କା କେବେ ନେଇଛନ୍ତି। ଡ଼ାଏରୀକୁ ଘାଣ୍ଟୁଛି ଭିଜିଲାନ୍ସ।କେତେ ଟଙ୍କାର କାମ କେତେ ବିଲ ହେବ ସେ ଅନୁସାରେ ପିସି ଟଙ୍କା ଫିକ୍ସ କରାଯାଇଛି। ଏବଂ ସମ୍ପୃକ୍ତ ଲୋକଙ୍କ ଠାରୁ ଟଙ୍କା ନିଆଯାଇଛି। ଟଙ୍କା ଦେଉଥିବା ବ୍ୟକ୍ତି ନାମ ପରିଷ୍କାର ଭାବେ ଡାଏରୀରେ ଉଲ୍ଲେଖ ଅଛି। ଗତ ୨୦୨୪ ଓ ୨୦୨୫ ମସିହାର ସମ୍ପୂର୍ଣ୍ଣ ହିସାବ ଟିପା ହୋଇଛି। କେବଳ ସେତିକି



ନୁହେଁ ଅଫିସରେ ଅନ୍ୟ ଅଧିକାରୀମାନଙ୍କ ଭାଗରେ ପଡୁଥିବା ପିସି ଟଙ୍କାର ହିସାବ କରି ବରିଷ୍ଠ କିରାଣୀ ଟଙ୍କା ରଖିବା ଧରା ପଡ଼ିଛି। ପ୍ରାୟ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ତାଲିକା ଦର୍ଶାଉଛି ଡାଏରୀ। ଭିଜିଲାନ୍ସ ଏସ୍‌ପି ଉକ୍ତ ଡାଏରୀକୁ ନେଇ କି ପଦକ୍ଷପ ଗ୍ରହଣ କରିବେ ତାହା ଆଗକୁ ଜଣାପଡ଼ିବ।ସର୍ଭିସ ବହି ଅପଡେଟ କଲେ ହଜାରେ ଟଙ୍କାରୁ ଅଧିକ ଡିମାଣ୍ଡ କରୁଥିଲେ କିରାଣୀ। ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କ ଫାଇଲ ଛୁଇଁଲେ ଟଙ୍କା ଦେବାକୁ ପଡୁଥିବା ଅନେକ ଏବେ ଖୋଲା ଖୋଲି କହୁଛନ୍ତି। ଦୀର୍ଘ ସାତ ବର୍ଷରୁ ଅଧିକ ସମୟ ଏହି ଅଫିସରେ ବରିଷ୍ଠ କିରାଣୀ ରାଜ କରି ଆସୁଥିଲେ।

# ସପ୍ତମ ଦିବସରେ ୬୧ତମ ମହାବୀର ମହୋତ୍ସବ

**ଭବାନୀପାଟଣା, ୧୪।୧୧ (ସମିସ):** ଶିଶୁମାନଙ୍କୁ ବୁଝିବାକୁ ହେଲେ ନିଜକୁ ଶିଶୁ ଭଳି ହେବାକୁ ହେବ। ଶିଶୁ ମନସ୍ତତ୍ତ୍ୱକୁ ଅଧ୍ୟୟନ ସହିତ ସେମାନଙ୍କ ଅଧିକାର ସମ୍ପର୍କରେ ପ୍ରତ୍ୟେକ ବାପ-ମାଆ, ଅଭିଭାବକ ଓ ଗୁରୁଜନ ସଚେତନ ହେବାର ଆବଶ୍ୟକତା ରହିଛି। କୋମଳମତି ଶିଶୁର ଜୀବନକୁ ଗଢ଼ି ତୋଳିବାର ପ୍ରୟାସ ଦେଶ ଗଢିବାର ପ୍ରୟାସ ସହିତ କୌଣସି ଗୁଣରେ କମ ନୁହେଁ ବୋଲି ଶୁକ୍ରବାର ୬୧ତମ ମହାବୀର ମହୋତ୍ସବ ଅବସରରେ ଆୟୋଜିତ ଶିଶୁ ମେଳା ଓ ଶିଶୁ ଅଧିକାର କର୍ମଶାଳାରେ ଯୋଗଦେଇ ଅତିଥିମାନେ କହିଛନ୍ତି। ମହାବୀର ସାଂସ୍କୃତିକ ଅନୁଷ୍ଠାନ ତଥା କଳିଙ୍ଗ କୁସୁମ ଫାଉଣ୍ଡେସନ ଓ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଆ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସନ୍ତୋଷ କୁମାର ପଣ୍ଡା, ଆଇନଜୀବୀ କିରଣ କୁମାର ପାତ୍ର, ୟୁଟିଆ ଶିକ୍ଷକ ସଂଘ କଳାହାଣ୍ଡି ଶାଖାର ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ଅମରେଶ ନେଗୀ ପ୍ରମୁଖ ଯୋଗ ଦେଇଥିଲେ। ମହାବୀର ସାଂସ୍କୃତିକ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ କୁମାର ସିଂହ ସଭା ପରିଚାଳନା କରିଥିଲେ। ପରେ ଅପରାହ୍ନରେ ୦ରୁ ୩ ବର୍ଷ ବୟସର ଶିଶୁମାନଙ୍କୁ ନେଇ ମହାବୀର ଶିଶୁଶ୍ରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




## ବିକଶିତ ଦେଶର ସ୍ୱପ୍ନ ଶିଶୁର ଭବିଷ୍ୟତ ଉପରେ ନିର୍ଭର

## ଶିଶୁ ମେଳା ଓ ଶିଶୁ ଅଧିକାର କର୍ମଶାଳା

# ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ




**ଭବାନୀପାଟଣା, ୧୪ ।୧୧ (ସମିସ):** ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକୀ ସାରସ୍ୱତ ସମାରୋହ ମହାବୀର ମହୋତ୍ସବ-୨୦୨୫ ଅନୁଷ୍ଠାନ ପରିସରରେ ଧୂମଧାମରେ ଆୟୋଜିତ ହେଉଛି। ମହୋତ୍ସବର ପଞ୍ଚମ ଦିବସରେ କଳାହାଣ୍ଡି ଆର୍ଟ ଫାଉଣ୍ଡେସନ୍ ସହଯୋଗରେ 'ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ' ଆୟୋଜିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରିଥିଲେ କଳାହାଣ୍ଡି ବାଣିଜ୍ୟ, ଦ୍ରବ୍ୟ ଓ ସେବାକର ବିଭାଗର ସହକାରୀ କମିସନର ପ୍ରଦୋଷ କୁମାର ଦିଗାଲ। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଖଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡା, ବରିଷ୍ଠ ଚିତ୍ରଶିଳ୍ପୀ ବିଦ୍ୟୁତଲତା ପାଟ୍ଟଶାଣୀ ଏବଂ ଚିତ୍ରଶିଳ୍ପୀ ତଥା କବି ଶଶଧର ପତି। ସଭାପତିତ୍ୱ କରିଥିଲେ ଭବାନୀପାଟଣା ପିଏମ୍‌ଶ୍ରୀ ସରକାରୀ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇଲାରାଣୀ ମହାନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ, ବଚପନ୍ ପ୍ଲେ ସ୍କୁଲର ଅଧ୍ୟକ୍ଷା ମମତାରାଣୀ ପଟ୍ଟନାୟକ ଓ ବରଗଡ଼ର ବିନୋଦ ସାହୁଙ୍କୁ 'କଳାଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ ଖଲିଆଭଟାର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ 'ଶ୍ରେଷ୍ଠ ପ୍ରତିପାଳକ' ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ଶିଳ୍ପୀ ମୁକୁନ୍ଦ ରେ‡ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

**କର୍ଲାମୁଣ୍ଡା, ୧୪ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଖଲିଆପାଲି ଗ୍ରାମ ଶିବମନ୍ଦିରରେ ଆସନ୍ତା ଫେବୃଆରୀରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ।ଏହାର ଉଦ୍ୟୋକ୍ତା ପଣ୍ଡିତ ଚିତ୍ରସେନ ଦାସ ବିଭିନ୍ନ ବୈଠକ କରି ମହାଯଜ୍ଞକୁ ସଫଳ କରିବାପାଇଁ ନିବେଦନ ରଖୁଛନ୍ତି। ରିଷିଡାସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଶ୍ରୀଦାସ ଯୋଗଦେଇ ବିଶ୍ୱକଲ୍ୟାଣ ପାଇଁ କର୍ଲାମୁଣ୍ଡା ବ୍ଲକର ପ୍ରତିଟିଗାଁର ଲୋକଙ୍କୁ ନେଇ ହେବାକୁଥିବା ବିଶ୍ୱଶାନ୍ତି ମହାଯଜ୍ଞ, ଚଣ୍ଡୀ ମହାଯଜ୍ଞ, ଗାୟତ୍ରୀ ମହାଯଜ୍ଞ, ଓ ଅଖଣ୍ଡ ନାମଯଜ୍ଞ ଉପରେ ସୂଚନା ଦେଇଥିଲେ। ଏଥିପାଇଁ କମିଟି ମଧ ଗଠନ କରାଯାଇଛି। ରିଷିଡା ସରପଞ୍ଚ ସେବତୀ ରଣା ଡମ୍ବରୁଧର ପାତ୍ର, ଅଶୋକ ତ୍ରିପାଠୀ, ପ୍ରେମାନନ୍ଦ ପାତ୍ର, ଉମାକାନ୍ତ ସାହୁ, ନାରାୟଣ ରଣା, ଅନ୍ତର୍ଯ୍ୟାମୀ ସାହୁ, ପବିତ୍ର ଲେଙ୍କା, ନରୋତ୍ତମ ସେଲମା, ସଞ୍ଜୟ ଜୈନ, ଲକ୍ଷ୍ମୀପ୍ରସାଦ ସେଠ, ଦୁଷ୍ମନ୍ତ ଲେଙ୍କା, ହେମାଦ୍ରୀ ଭୋଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଟିଚର୍ସ ପ୍ରିମିୟର ଲିଗ୍ ସିଜନ-୨ ଉଦ୍‌ଘାଟିତ

**କଲମପୁର, ୧୪।୧୧ (ସମିସ):** କଲମପୁର ଟିଚର୍ସ ଆସୋସିଏସନ୍ ପକ୍ଷରୁ କଲମପୁର ମିନି ଷ୍ଟାଡିୟମରେ ଟିଚର୍ସ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷକ ସଂଘର ସଭାପତି ଦିଲିପ କୁମାର ବେହେରା, ସମ୍ପାଦକ ବିଜେ ନାଗ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ କଲମପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣି ମାଝୀ ଖେଳାଳିଙ୍କ ସହିତ କରମର୍ଦ୍ଦନ ପୂର୍ବକ ଶୁଭାରମ୍ଭ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ତିନି ଦିନ ବ୍ୟାପୀ ଖେଳ ଅନୁଷ୍ଠିତ ହୋଇ ରବିବାର ଦିନ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ମ୍ୟାଚ୍ କଲମପୁର ଏକାଦଶ ଓ ବରଗାଁ ଏକାଦଶ ମଧରେହୋଇଥିଲା। ଦିନକୁ ୩ଟି ଲେଖାଏଁ ମ୍ୟାଚ୍ ଖେଳାଯିବା ପାଇଁ ଧାର୍ଯ୍ୟ ହୋଇଛି। ପ୍ରକାଶ ଯେ ଟିଚର୍ସ ଆସୋସିଏସନ୍ ଗତବର୍ଷ ମଧ ପ୍ରିମିୟମ ଲିଗ-୧ ଆୟୋଜନ କରିଥିଲେ ଏଥର ପ୍ରିମିୟର -୨ ଆରମ୍ଭ କରିଛନ୍ତି। ମନ୍ମଥ ମିଶ୍ର, ନବଘନ ସାହୁ, ପ୍ରଦୀପ ମାଝୀ, ଦେବରାଜ ବେମାଲ, ଶ୍ରୀରାମ ପଣ୍ଡା, ରାହାସ ତେଣ୍ଡକାରି, ମନୋଜ ମେହେର, ବିଜୟ ସୁରଦେଓ ପ୍ରମୁଖ ସହଯୋଗ କରିଥିଲେ।



# ଚହକା ଆଞ୍ଚଳିକ ଯାଦବ ସମାଜର କର୍ମକର୍ତ୍ତା ଚୟନ

**ଗୋଲାମୁଣ୍ଡା, ୧୪ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ଅନ୍ତର୍ଗତ ଚହକା ଆଞ୍ଚଳିକ ଯାଦବ ସମାଜର ନୂତନ କର୍ମକର୍ତ୍ତା ଚୟନ ଚହାକାରେ ଅନୁଷ୍ଠିତ ହୋଇଥିଲା। ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜର ଉପସଭାପତି ରେବା କଟା, ଯୁଗ୍ମ ସମ୍ପାଦକ ସଦାଶିବ ବେମାଲ, କେଗାଁ ଜୋନାଲ ସଭାପତି ଦିନରାମ କେତକୀ, ସମାଜସେବୀ ତଥା ଯୁବ ସାମ୍ବାଦିକ ବ୍ରହ୍ମା ପ୍ରସାଦ କାଣ୍ଡ ପ୍ରମୁଖ ଉପସ୍ଥିତିରେ ସମାଜ ସଂକ୍ରାନ୍ତିୟ ଆଲୋଚନା ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବରେ ରାମଚନ୍ଦ୍ର ଛତ୍ରିଆ, ଉପସଭାପତି କ୍ଷେତ୍ର ପୁଞ୍ଜି, ସମ୍ପାଦକ ଦେବାର୍ଚ୍ଚନ ଚଣ୍ଡୀ, ଯୁଗ୍ମ ସମ୍ପାଦକ ନରିନ ପୁଞ୍ଜି, କୋଷାଧ୍ୟକ୍ଷ ଧନିଷ୍ଟ ନାଗ, ମହିଳା ସଭାନେତ୍ରୀ ବନିତା ପୁଞ୍ଜି, ମହିଳା ସମ୍ପାଦିକା ହେମ ଜାଲ ଚୟନ ହୋଇଛନ୍ତି।

**BEST OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

### ଜନବାଦୀ କବି ଅଖିଳଙ୍କ ଚତୁର୍ଥ ସ୍ମୃତି ସମାରୋହ

# 'ଅଖିଳଙ୍କ ସାହିତ୍ୟରେ ନିକ୍ଷେପିତ ଜନଗଣଙ୍କ ସ୍ୱର'

**ଧର୍ମଗଡ଼, ୧୪ ।୧୧ (ସମିସ):** ଜନବାଦୀ କବି ତଥା ଔପନ୍ୟାସିକ ଅଖିଳ ନାୟକଙ୍କ ସାହିତ୍ୟ ସମାଜର ନିକ୍ଷେପିତ ବର୍ଗଙ୍କ ପାଇଁ ଅନ୍ଧକାର ମଧ୍ୟରେ ବିଜୁଳିର ଚମକ ସଦୃଶ, ଯାହା ବ୍ରାହ୍ମଣବାଦୀ ବିଚାରଧାରାକୁ ଭାଙ୍ଗି ଏକ ସାମ୍ୟବାଦୀ ତଥା ଜନବାଦୀ ସମାଜ ଗଠନ ଦିଗରେ ପ୍ରେରିତ କରେ। ତାଙ୍କ କବିତାର ପ୍ରତିଟି ଫକ୍ତି ଓ ଉପନ୍ୟାସର ପ୍ରତିଟି ଧାଡ଼ି ଓଡ଼ିଆ ସାହିତ୍ୟରେ ଚମକ ସୃଷ୍ଟି କରୁଥିବ ଏବଂ ଅଖିଳ ଅକ୍ଷର ଅଖିଳପ୍ରେମୀଙ୍କ ପାଇଁ ଜୀବନର ବର୍ଣ୍ଣବୋଧ ସାଜୁଥିବ ବୋଲି ଅଖିଳ ସ୍ମୃତି ସମାରୋହରେ ମତ ପ୍ରକାଶ ପାଇଛି। ଅଖିଳ ସାମାଜିକ ସାଂସ୍କୃତିକ ଟ୍ରଷ୍ଟ କଳାହାଣ୍ଡି ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ନିଜ ଭିଟା ମାଟି ଋଇନଗୁଡା ଠାରେ ୪ର୍ଥ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି।ପ୍ରାରମ୍ଭରେ କବିଙ୍କ ଜନ୍ମ ମାଟି ଏନଗୁଡା ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ଆମ୍ବେଦକରବାଦୀ ଢଗ ନାଏକଙ୍କ ଦ୍ୱାରା ବୁଦ୍ଧ ବନ୍ଦନା ଓ ତ୍ରିଶରଣ ଗାନ କରାଯାଇଥିଲା। ପରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ କବି ଜୟଦ୍ରଥ ସୁନା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଶଙ୍କର ଜୁଏଡ଼, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ବେହେରା ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରି, ଶିକ୍ଷକ ଲଳିତ ନାଏକ, ଆଲୋଚକ ସବ୍ୟସାଚୀ ବିଶୋଇ, ସାଂସ୍କୃତିକ ଗବେଷକ ସାଇମନ ବିଡ଼ିକା, ପୋତାଗୁଡା ସରପଞ୍ଚ ଜୟରାମ ନାଗ ପ୍ରମୁଖ ଉପସ୍ଥିତ ରହି ଅଖିଳ ସ୍ମୃତି ସମାରୋହରେ ଅଖିଳଙ୍କ ଉପରେ ଆଲୋକପାତ କରିଥିଲେ। ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ବିବରଣୀ ପୃଷ୍ଠଭୂମି ତଥା ଆୟୋଜକ ବରିଷ୍ଠ ସାମ୍ବାଦିକ ଡମ୍ବରୁ ନାୟକ ଉପସ୍ଥାପନ କରିଥିଲେ।ଏହି ଅବସରରେ ନିଟ୍‌ରେ ଉତ୍ତୀର୍ଣ କରିଥିବା ଆଦିତ୍ୟ କୁମାର ନାଏକ ଏବଂ ସଂଗ୍ରାମ ସାଗରଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଏଲଟିଆର ଶିକ୍ଷକ ଜଗଜୀବନ ନାଏକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଖଣ୍ଡଳମଣି ଭରତିଆ ପରିଚାଳନା କରିଥିବା ବେଳେ କାମେଶ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନାରୀନେତ୍ରୀ ରମଣୀ ଦୁରିଆ, ଅଧ୍ୟାପକ ପଞ୍ଚାନନ ଦୁରିଆ, ବେହେରା କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ରଜନୀକାନ୍ତ ନାଏକ, ଜୟପାଳ ନାଏକ, ନୋଜଲ ବାଗ, ଲୋହିତ ଦୁରିଆ, ଯଶୋବନ୍ତ ପାଣିଗ୍ରାହୀ, ପିଣ୍ଟୁ ନାଏକ, ସମେତ ବିଭିନ୍ନ ଜିଲ୍ଲାର ଶତାଧିକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



# କେନ୍ଦ୍ରୀୟ ମାଲ୍ ଗୋଦାମ ଆଗରେ ଶ୍ରମିକଙ୍କ ଧାରଣା

**କୋକସରା, ୧୪ ।୧୧(ସମିସ)**

କଳାହାଣ୍ଡି ଜିଲ୍ଲା କୋକସରାସ୍ଥିତ କେନ୍ଦ୍ରୀୟ ମାଲ ଗୋଦମରେ ନିୟୋଜିତ ଥିବା ଶ୍ରମିକମାନେ ଶୁକ୍ରବାର ଗୋଦାମର ମୁଖ୍ୟ ଫାଟକ ଆଗରେ ଆନ୍ଦୋଳନ କରିବା ସହ ଧାରଣାରେ ବସଛନ୍ତି। ତାଙ୍କର ଦାବି ମୁତାବକ ବର୍ତ୍ତମାନ ବସ୍ତା ପିଛା ଲୋଡ୍ ଏବଂ ଅନଲୋଡ ଲାଗି ୩ ଟଙ୍କା ୧୦ ପଇସା ପ୍ରଦାନ କରାଯାଉଛି। ଏହାକୁ ୫ଟଙ୍କା ବୃଦ୍ଧି କରିବା ପାଇଁ ସେମାନେ ଦାବି କରିଛନ୍ତି। ଏନେଇ ମାଲ ଗୋଦାମରେ ନିୟୋଜିତ ଥିବା ଶ୍ରମିକ ଅମର ସିଂ ଦଳପତି, ଧଳଚନ୍ଦ୍ର ଗୋପାଳ, ପଞ୍ଚାନନ ଗୋପାଳ, ଯୁଗଳ ଦଳପତି, ଗୁଣନିଧି ବୋଡକିଆ, ଦିନ ନାଏକ, ସଦାରାମ ପୁଝାରୀ, ହିରିଲାଲ ମାଝୀ, ଇନ୍ଦ୍ରଜିତ ଗୋପାଳ ସମେତ ଶତାଧିକ ଶ୍ରମିକ ସନ୍ଧ୍ୟାରୁ ଧାରଣା ଦେଇଛନ୍ତି। ଏଥିସହିତ ମାଲ୍ ଗୋଦାମର କ୍ରୟ ଅଧିକାରୀ (ପିଆଇ) ସଞ୍ଜୟ ଟେଟେଙ୍କ ବିରୁଦ୍ଧରେ ନାରାବାଜି ମଧ କରିଛନ୍ତି। ଧାରଣାରେ ଶ୍ରମିକ ସଂଘର ଜିଲ୍ଲା ସଭାପତି ଚିନ୍ମୟ ବେହେରା, ଶ୍ରମିକ ସର୍ଦ୍ଦାର ହାତିରାମ ପାଣ୍ଡେ, ଜଗଦୀଶ ଗହିର, ପୂର୍ଣ୍ଣଚନ୍ଦ୍ର ଧଙ୍ଗଡ଼ାମାଝୀ, ଚନ୍ଦ୍ରଧ୍ୱଜ ହାତୀ, ଗଦାଧର ନାଏକ, ଚିତ୍ରସେନ ପାତ୍ର, ଅର୍ଜୁ ନାଏକ ପ୍ରମୁଖ ସାମିଲ ହୋଇ ଆନ୍ଦୋଳନରତ ଶ୍ରମିକମାନଙ୍କୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଛନ୍ତି। ଘଟଣାର ଖବର ପାଇ କୋକସରା ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଶ୍ରମିକ ମାନଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ନିଜ ଜିଦରେ ଅଟଳ ରହିଥିଲେ। ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସି ଧାରଣାରତ ଶ୍ରମିକ ନେତାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା କାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ମିଲ ମାଲିକ ଓ ଶ୍ରମିକ ସଂଘ ନେଇ ବୈଠକରେ ଆଲୋଚନା କରି ଶ୍ରମିକଙ୍କ ଦାବି ନେଇ ନିଷ୍ପତ୍ତି ନିଆଯିବା ନେଇ ସୂଚନା ଦେବାପରେ ଶ୍ରମିକମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି।



# ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



**ଭବାନୀପାଟଣା, ୧୪ ।୧୧(ସମିସ):** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ର ସହଯୋଗରେ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ହୋଇଥିଲା।ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରି ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଗୁରୁତ୍ୱ ଦେଇ ସମସ୍ତ ସରକାରୀ କର୍ମଚାରୀ, ବରିଷ୍ଟ ନାଗରିକ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ୱାସ୍ଥ୍ୟବାନ ହେବାକୁ ପରାମର୍ଶ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସଞ୍ଚୟ ଓ ଅର୍ଥ ସେବା ବିବେକାନନ୍ଦ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ ଦୁବେଙ୍କ ସହଯୋଗରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଭେଷଜ ଚିକିତ୍ସା ବିଭାଗ, ଦାନ୍ତ ଚିକିତ୍ସା ବିଭାଗ, ଚକ୍ଷୁ, ନାସା, କର୍ଣ୍ଣ ଓ ଗଳା, ଶିଶୁରୋଗ ବିଭାଗ ଇତ୍ୟାଦିର ବିଶେଷଜ୍ଞ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଶିବିରରେ ୧୧୪ ଜଣ ଅଧିକାରୀ, କର୍ମଚାରୀ, ବରିଷ୍ଟ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଥିଲା। ପ୍ରଥମ ଥର କରି ଶିବିରରେ ୧୭ ଜଣ ମହିଳାଙ୍କ ସ୍ତନ କର୍କଟ ସମ୍ବନ୍ଧୀୟ ପରୀକ୍ଷା ମଧ କରାଯାଇଥିଲା। କଳାହାଣ୍ଡି ଜିଲ୍ଲା ପରିଦର୍ଶନରେ ଆସିଥିବା ୧୧ଜଣ ଭାରତୀୟ ପ୍ରଶାସନିକ ସେବାର ଯୁବ ଅଧିକାରୀ ଶିବିର ବୁଲି ଦେଖିଥିଲେ। ଶିବିରରେ ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଶିବାଜୀ ପ୍ରଧାନ, , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧକାନ୍ତ ଛତ୍ରୀଆ, ଜିଲ୍ଲା ଶ୍ରମ ଅଧିକାରୀ ଜିତେନ୍ ମାଝୀ, ଏପିଡି, ବିମ୍ବାଧର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିର ସୁପରିଚାଳନାରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାସ ସହଯୋଗ କରିଥିଲେ।

# ଡିସେମ୍ବର ୧୩ରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗିର,୧୪।୧୧(ସମିସ):** ଡିସେମ୍ବର ୧୩ ତାରିଖରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ସଦର ମହକୁମା ବଲାଙ୍ଗିର, ପାଟଣାଗଡ ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଏବଂ ବଙ୍ଗୋମୁଣ୍ଡା ଅଦାଲତ ପରିସରରେ ଏହି ଲୋକ ଅଦାଲତ ଆୟୋଜିତ ହେବ। ଜିଲ୍ଲାର ସମସ୍ତ ରାଜସ୍ୱ ବିଭାଗ ତଥା ରାଷ୍ଟ୍ରାୟତ ବ୍ୟାଙ୍କ, ଜିଲ୍ଲା ଶ୍ରମ ବିଭାଗ, ବିଏସଏନଲ, ପୌରପରିଷଦ, ଜନସ୍ୱାସ୍ଥ୍ୟ, ଖାଉଟି ଫୋରମ୍‌ର ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ।

ଏଥିରେ ସମସ୍ତ ପ୍ରକାରର ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏହାସହ ପ୍ରାକ୍ ମକଦ୍ଦମାସ୍ତରୀୟ ମାମଲା ତଥା ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ସମାଧାନ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ କରିବାକୁ ପଡେନାହିଁ। ଦୀର୍ଘଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହି ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ଓ ତାଲୁକ ଆଇନ ସେବା କମିଟି ପାଟଣାଗଡ଼, ଟିଟିଲାଗଡ, କଣ୍ଟାବାଞ୍ଜି, ଲୋଇସିଂହା, ସଇଁତଳା, ମୁରିବାହାଲ ଏବଂ ବଙ୍ଗାମୁଣ୍ଡା ଏବଂ ଅନ୍ୟ ବିଭାଗ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି।

# ଶିଶୁ ଦିବସରେ ଚାଚା ନେହରୁଙ୍କୁ ସ୍ମରଣ


ରେଙ୍ଗାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ


କଦମପଡା ଶିଶୁମନ୍ଦିର


କଣ୍ଟାବାଞ୍ଜି ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର

**ବଲାଙ୍ଗିର,୧୪।୧୧(ସମିସ)**

ଲୋଇସିଂହା ବ୍ଲକ୍ ରେଙ୍ଗାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ବୀରକିଶୋର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦୟସିଂ ଠାକୁର, ପରିଚାଳନା କମିଟି ସଭାପତି ବେଣୁଧର ପଧାନ ଉପସ୍ଥିତ ଥିଲେ। ବିଗତ ଏକ ସପ୍ତାହ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ବିଭିନ୍ନ ଲେଖାଗୁଡ଼ିକର ସଙ୍କଳନ ସ୍ୱରୂପ "ପ୍ରାଚୀର ପତ୍ରିକା' ଉନ୍ମୋଚନ କରାଯାଇଥିଲା।

ବଲାଙ୍ଗିର କଦମପଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁଦିବସ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଆଚାର୍ଯ୍ୟ ଚନ୍ଦ୍ରଶେଖର ବେହେରା ଯୋଗ ଦେଇଥିଲେ। ସମବେତ ସଙ୍ଗୀତ ଗାନ ପରେ ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର ଅତିଥ ପରିଚୟ ପ୍ରଦାନ କରିଥିଲେ। ସ୍ୱୀକୃତି ରାଣୀ କର୍ମୀ, ପ୍ରତ୍ୟୁଷ ତ୍ରିପାଠୀ, ଇପସିତା ଅପରାଜିତା ସାହୁ ପ୍ରମୁଖ ଜବାହାର ଲାଲ ନେହରୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁରୁମା ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ଗୁରୁଜୀ ଶିବପ୍ରସାଦ ଶତପଥୀ ଜବାହାରଲାଲ ନେହରୁଙ୍କ କାର୍ଯ୍ୟାବଳୀ ବର୍ଣ୍ଣନା କରିଥିଲେ। ଛାତ୍ରୀ ତୃପ୍ତିମୟୀ ପାଢୀ ଓ ସ୍ମୃତିଶିଖା ପାଢୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ତରଣୀସେନ ପଟେଲ, ଆଚାର୍ଯ୍ୟ ପ୍ରତିନିଧି ଶିବପ୍ରସାଦ ଶତପଥୀ ଉପସ୍ଥିତ ଥିଲେ। ଗୁରୁମା ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ସନ୍ତୋଷିନୀ ସାହୁଙ୍କ ସଂଚାଳନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଛାତ୍ର ପ୍ରତ୍ୟୁଷ ତ୍ରିପାଠୀ ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ହୋମିଓପାଥି ଡ. ଗୋଦାବରିଶ ମିଶ୍ର, ବଲାଙ୍ଗିର ଆୟୁର୍ବେଦିକ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପିକା ଡ. ସୁଧା ଦଣ୍ଡସେନା ଉପସ୍ଥିତ ଥିଲେ। ଶଶିଭୂଷଣ ପଣ୍ଡା ଆତ୍ମସୁରକ୍ଷା କୌଶଳ ଉପରେ କହିଥିଲେ। ସ୍ୱର୍ଦ୍ଧା ସଂସ୍ଥାର ନିର୍ଦ୍ଦେଶକ ନିର୍ଲିପ୍ତ ଶୋଭନ ମିଶ୍ର ଆଲୋଚନା କରିଥିଲେ। ଗୁରୁଜୀ ଜଗତ ବିହାରୀ ପଟେଲ, ଗୁରୁମା ନିରୁପମା ପାଣିଗ୍ରାହୀ ଓ କଲ୍ୟାଣୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡିଆଟନ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ବ୍ୟଙ୍ଗ କବି ଟିକେଲାଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସାହିତ୍ୟକ ଜ୍ୟୋତି ପ୍ରକାଶ ଗଡତ୍ୟା ମୁଖ୍ୟବକ୍ତା, ଶିକ୍ଷକ ଗୋପୀନାଥ ମିଶ୍ର, ଅମିର ଛତ୍ରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୁନୁବାଳା ପଟ୍ଟାୟତ ଅତିଥି ପରିଚୟ ଦେଇଥିଲେ। ଗୀତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ତଥା ମମତାର ଡୋରି ଶିଶୁ କିଶୋର ପତ୍ରିକାର ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଓ ସାହିତ୍ୟିକ ତଥା ପତ୍ରେ ପତ୍ରେ ପତ୍ରିକାର ସମ୍ପାଦକ ଭିକାରୀ ଚରଣ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ୫ ଜଣ କୃତୀ ପ୍ରତିଯୋଗୀଙ୍କୁ ନିର୍ଝରିଣୀ ତରଫରୁ ପ୍ରମାଣ ପତ୍ର, ପଦକ ଓ ପୁସ୍ତକ ପ୍ରଦାନ କରାଯାଇଥିଲା। ଅନ୍ୟ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପାଠାଗାରକୁ ଭିକାରୀ ଚରଣ ମିଶ୍ର, ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ ଓ ବିରଞ୍ଚି ନାରାୟଣ ଦାଶ ୨ଶହରୁ ଅଧିକ ପୁସ୍ତକ ପ୍ରଦାନ କରିଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ବଲାଙ୍ଗିର ଗସ୍ତ

**ବଲାଙ୍ଗିର,୧୪।୧୧(ସମିସ):** ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଏବଂ ପ୍ରେମଶିଳା କେରକେଟା ତିନି ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସିଛନ୍ତି। ସଦସ୍ୟମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍-୨୦୧୩ ଅଧୀନରେ ଥିବା କାର୍ଯକ୍ରମ, ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ-୨୦୨୦ ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ସଂଶୋଧନ ନିୟମାବଳୀ-୨୦୨୨ର କାର୍ଯ୍ୟକାରିତାର ତଦାରଖ ଓ ସମୀକ୍ଷା କରିଥିଲେ। ସଦସ୍ୟମାନେ ବେଲପଡା ବ୍ଲକର କପାଣିରେ ଥିବା ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟର ପରିବା ବଗିଚା, ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତରେ ବଣ୍ଟନ ହେଉଥିବା ପିଡିଏସ, ଭାରୁଆମୁଣ୍ଡା ଓଡିଶା ଆଦର୍ଶ ବିଦ୍ୟାଳୟ, ବେଲପଡାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରର ଆହାର କେନ୍ଦ୍ର, ସିଏଚସି, ବେଲପଡା, ପ୍ରସୂତି ବିଭାଗ ଓ ପଞ୍ଜୀକରଣ, ମା ତୁଳସୀ ଛତୁଆ ପ୍ରସ୍ତୁତି ପ୍ରକ୍ରିୟା କେନ୍ଦ୍ର, ବେଲପଡା, ମୂନାପାଲି ଅଙ୍ଗନବାଡି କେନ୍ଦ୍ର ଓ ଆଶ୍ରମ ବିଦ୍ୟାଳୟ, କାନୁଟସ୍ଥିତ କସ୍ତୁରବା ଗାନ୍ଧୀ ଉନ୍ନୀତ ଉଚ୍ଚ ଓ ମାଧ୍ୟମିକ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ୱେଲନେସ କେନ୍ଦ୍ର ପ୍ରଭୃତି ପରିଦର୍ଶନ ତଥା ତଦାରଖ କରିଥିଲେ। ବେଲପଡା ବିଡିଓ ଡ. ରାଜେଶ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ତୁରେକେଲା ବ୍ଲକ ଗସ୍ତରେ ଯାଇ ଚାଉଳଶୁଖା ଆଶ୍ରମ ବିଦ୍ୟାଳୟର ଛାତ୍ରୀନିବାସ, ପଞ୍ଚାୟତରେ ବଣ୍ଟନ ହେଉଥିବା ପିଡିଏସ, ବାନ୍ଧନପାଲି ଆଶ୍ରମ ବିଦ୍ୟାଳୟ, କଣ୍ଟାବାଞ୍ଜି ସ୍ୱାସ୍ଥ୍ୟ କେନ୍ଦ୍ରର ଶିଶୁ ଓ ମାତୃ ବିଭାଗ, ଆହାର କେନ୍ଦ୍ର ଏବଂ ଝରଣୀ (କ) (ଖ)ର ଅଙ୍ଗନବାଡି କେନ୍ଦ୍ର ଓ ଛତୁଆ ପ୍ରସ୍ତୁତି ପ୍ରକ୍ରିୟା କେନ୍ଦ୍ରଗୁଡିକ ତଦାରଖ କରିଥିଲେ। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ତଦାରଖ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଛତୁଆ ପ୍ରସ୍ତୁତି ପୂର୍ବରୁ ଗୁଣବତ୍ତା ଗୁଡିକ ତନଖି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତରେ ତୁରେକେଲା ବିଡିଓ ପୂର୍ଣ୍ଣାନନ୍ଦ ପଟେଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଓ ଅନ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଲାଙ୍ଗିର ବ୍ଲକ ଗାନ୍ଧୀନଗରପଡାର ସରକାରୀ ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ର, ବୀରମୁଣ୍ଡାର କମଳା ଛତୁଆ ପ୍ରସ୍ତୁତି ପ୍ରକ୍ରିୟା କେନ୍ଦ୍ର, ମାଧିଆପାଲିସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର, ସଦେଇପାଲିରେ ଅବସ୍ଥିତ ଅଙ୍ଗନବାଡି କେନ୍ଦ୍ର, ପଥରଚେପାସ୍ଥିତ ଅନ୍ୱେଷା ଛାତ୍ରାବାସ, ଝଙ୍କାରପାଲି ପଞ୍ଚାୟତ ଖୁଚୁରା ବିକ୍ରୟ କେନ୍ଦ୍ର ଓ ଆଶ୍ରମ ବିଦ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆହାର କେନ୍ଦ୍ର, ମାତୃ ଓ ଶିଶୁ ବିଭାଗ, ପୁଷ୍ଟି ପୁନର୍ବାସ କେନ୍ଦ୍ର ପ୍ରମୁଖ ପରିଦର୍ଶନ କରିଥିଲେ। ସର୍କିଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଙ୍ଗନବାଡି କେନ୍ଦ୍ର, ଛତୁଆ ପ୍ରସ୍ତୁତି ପ୍ରକ୍ରିୟା କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର, ଆହାର କେନ୍ଦ୍ର, ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକରେ ପୌରପରିଷଦ ଅଧକ୍ଷା ଲିକା ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ସାହୁ, ବଲାଙ୍ଗିର ବିଡିଓ ହୃଷୀକେଶ ଗଣ୍ଡ, ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦୋନଜିତ ହୋତା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସୁଷୁମା ମହାପାତ୍ର, ଅତିରିକ୍ତ ଜିଲ୍ଲା ଅଧିକାରୀ ପ୍ରବୀର ପଣ୍ଡା, ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଆବୁଧାବିରେ ବୋଇତ ବନ୍ଦାଣ ଉତ୍ସବ



**ଟିଟିଲାଗଡ,୧୪।୧୧(ସମିସ):** ଆବୁଧାବିରେ ଓଡ଼ିଆ ସମାଜ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ -୨୦୨୫ ମହା ଆଡମ୍ବରରେ ପାଳନ କରାଯାଇଛି। ପ୍ରାୟ ୫୦୦ରୁ ଅଧିକ ଓଡିଆ ନିଜ ପରିବାର ସହ ଏହି ଉତ୍ସବ ଉପଭୋଗ କରିଥିଲେ। ୭୦ରୁ ଅଧିକ କଳାକାର ଓଡ଼ିଶୀ ପରିବେଷଣ କରିଥିଲେ। ଅତିଥି ଭାବେ ମୁରଲୀଧରନ, ସମ୍ମାନିତ ଅତିଥି ଭାବେ ମମତା ସଚଦେବ ଏବଂ ପ୍ରଣବ ଦେଶାଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅଭିନେତ୍ରୀ ରିଆ ଦେ ଏବଂ ଗାୟକ ବିନୟ ମହାନ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଓଡ଼ିଆ ସମାଜର ସଭାପତି ସୌଗତ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ସାଧାରଣ ସମ୍ପାଦକ ସୁକର୍ଣ୍ଣ ବେହେରା, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ମିଶ୍ର ଏବଂ ସଦସ୍ୟ ସୁଶାନ୍ତ ମହାପାତ୍ର, ଚିନ୍ମୟ ନାୟକ, ସମ୍ବିତ ମହାନ୍ତି, ଟି କେସବ, ପରାମର୍ଶଦାତା ହିମାଂଶୁ ଦାସ, ପ୍ରଦୀପ ରଥ, କାର୍ତ୍ତିକ ସିଂ, ଅସ୍ମିତା ପଟେଲ, ସିପ୍ରା ଦାଶ, ଶୁଭ୍ରା ସାମଲ, ଗାର୍ଗୀ ସିଂହ, ସୁବୋଧ ସାହୁ, ସୁମିତ ପଣ୍ଡା, ବିଶ୍ୱରଞ୍ଜନ ଜେନା, ଗିରିଜା ସୁବୁଦ୍ଧି, ପ୍ରଦୀପ ସାହୁ, ଦିଲୀପ ନାୟକ ଏବଂ ରାଜେଶ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଦାଦନ ସର୍ଦ୍ଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ

**କଣ୍ଟାବାଞ୍ଜି,୧୪।୧୧(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ଓ ଟାସ୍କଫୋର୍ସ ଟିମ୍ ଅନେକ ସମୟରେ ବେଆଇନ ଚାଲାଣ ହେଉଥିବା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରୁଛି; ହେଲେ ବେଆଇନ ଶ୍ରମିକ ଚାଲାଣ କରୁଥିବା ଦାଦନ ସର୍ଦ୍ଦାରଙ୍କଠାରୁ ହାତଗୁଞ୍ଜି ନେଇ ଫେରାର କରୁଥିବା ଅଭିଯୋଗ ହେଉଛି। ଗତ ମଙ୍ଗଳବାର କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ବେଆଇନ ଭାବେ ଚାଲାଣ ହେଉଥିବା ୭ ଜଣ ଦାଦନ ଶ୍ରମିକଙ୍କୁ କଣ୍ଟାବାଞ୍ଜି ପୁଲିସ ଓ ଟାସ୍କଫୋର୍ସ ଟିମ ଉଦ୍ଧାର କରିଥିଲା। ଦାଦନ ସର୍ଦ୍ଦାର ଅନୁପ ବେଟକାର (ସାନ) କିନ୍ତୁ ଫେରାର ମାରିଥଲା। ୩ ତିନ ବିତିଯାଇଥିଲେ ମଧ କଣ୍ଟାବାଞ୍ଜି ପୁଲିସ ତାକୁ ଗିରଫ କରିନି। ତେବେ ଦାଦନ ସର୍ଦ୍ଦାର ଅନୁପର ସାମ୍ରାଜ୍ୟକୁ ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଅନୁପ ବେଟକାରକୁ ଗିରଫ ପାଇଁ ପୁଲିସର ପଛଘୁଞ୍ଚା ନେଇ ଖବର ପ୍ରକାଶ ପାଇବା ପରେ ବଲାଙ୍ଗିର ଏସ୍‌ପିଙ୍କୁ ତୁରନ୍ତ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ 'ଏକ୍ସ' ମାଧ୍ୟରେ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ତେବେ ପ୍ରକୃତରେ ଗୃହ ବିଭାଗର ନିର୍ଦ୍ଦେଶକୁ ପାଳନ କରି କଣ୍ଟାବାଞ୍ଜି ପୁଲିସ ଅନୁପକୁ ଗିରଫ କରିବ ନା ଫେରାର ଦର୍ଶାଇ ଟିମ୍ ଧରିବାକୁ ପ୍ରୟାସ କରୁଛି କହି ଜାମିନ ଆଣିବାକୁ ସହଯୋଗ କରିବା ତାହାକୁ ନେଇ ସନ୍ଦେହ ଉପୁଜିଛି।

# ପ୍ରକୃତି, ପରିବେଶ ସୁରକ୍ଷା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ




**ବଲାଙ୍ଗିର,୧୪।୧୧(ସମିସ):** ତୁଷୁରା ଡିଗ୍ରୀ କଲେଜରେ "ଯୁଥ୍ ଫର୍ ନେଚର୍ ଆଣ୍ଡ ଏନଭାରମେଣ୍ଟାଲ୍ ପ୍ରୋଟେକ୍ସନ୍' ଉପରେ ସେମିନାର ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ଯୁବ ପିଢ଼ି ଆଗେଇ ଆସିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ସରୋଜ ପଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ତୁଷୁରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଉପେନ୍ଦ୍ର ମହାନ୍ତି, ସମ୍ମାନୀତ ଅତିଥି ଭାବେ ଓକେସିଏଲ୍ ଜିଲ୍ଲା ସଂଯୋଜକ ସଞ୍ଜୀବ ପଧାନ ଓ ତୁଷୁରା ଯୁଥ୍ ଆକ୍ସନ୍ କମିଟି ସଭାପତି ଲିସନ୍ ପଧାନ ଯୋଗ ଦେଇଥିଲେ। ଭାଗବତ ନାହାକ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସୌଦାମିନି ସାହୁ ସହଯୋଗ କରିଥିଲେ।

# ସାଇଟ୍ କଲେଜରେ ବିଶ୍ୱ ମଧୁମେହ ଦିବସ



**ବଲାଙ୍ଗିର,୧୪।୧୧(ସମିସ):** ସଦାଇପାଲି ପଲ୍ଲିଶ୍ରୀ ବିହାରସ୍ଥିତ ସାଇଟ୍ କଲେଜରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଛି। ଡ. ପ୍ରମୋଦ ମିଶ୍ର, ଡ. ନାରାୟଣ ପ୍ରସାଦ ମିଶ୍ର, ନର୍ସିଂ ଅଧକ୍ଷା ପ୍ରଫେସର ସ୍ନିଗ୍ଧା ମିନତି ଦାନୀ, ଉପାଧକ୍ଷା ପ୍ରଫେସର ଲୋପାମୁଦ୍ରା ମିଶ୍ର, ଅଧ୍ୟାପିକା ଲକ୍ଷ୍ମୀ ମେହେର ଓ ଏକଜିକ୍ୟୁଟିଭ ଅଫିସର ଇଂ. ପ୍ରଶାନ୍ତ ତ୍ରିପାଠୀ ମଞ୍ଚାସୀନ ଥିଲେ। ଶ୍ରୀମତି ଦାନୀ ତାଙ୍କ ଅଭିଭାଷଣରେ ମଧୁମେହ ରୋଗର ଉପଶମ ଏବଂ ଔଷଧ ସେବନ ଉପରେ ଆଲୋକପାତ କରିଥିଲେ। ତେବେ ଏହି ରୋଗ ଛାଡେ ନାହିଁ; କିନ୍ତୁ ବିଧି ବ୍ୟବସ୍ଥା ଭିତରେ ରହିଲେ କିଛି ଅସୁବିଧା ହୁଏ ନାହିଁ ବୋଲି ଡ. ମିଶ୍ର କହିଥିଲେ। ଏହି ଅବସରରେ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିଶୁକନ୍ୟାକୁ ଉଦ୍ଧାର କଲେ ଏବିଭିପି ସଦସ୍ୟ

**କଣ୍ଟାବାଞ୍ଜି,୧୪।୧୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଶାସ୍ତ୍ରୀ ଚୌକରେ ଗୁରୁବାର ଏବିଭିପି ସଦସ୍ୟ ଏକ ଶିଶୁକନ୍ୟାକୁ ଉଦ୍ଧାର କରିଛନ୍ତି। ପିଲାଟି ଏକାକୀ ଏବଂ ବ୍ୟଥିତ ଅବସ୍ଥାରେ ବୁଲୁଥିଲା। ଏବିଭିପି ସଦସ୍ୟମାନେ ଝିଅଟିର ସୁରକ୍ଷା ସୁନିଶ୍ଚିତ କରିଥିଲେ। ଜିଲ୍ଲା ସହ-ସଂଯୋଜକ ଶୁଭାଶିଷ ପାଣି, ନଗର ପ୍ରମୁଖ ସୁବ୍ରତ ମହାକୁର, ନଗର ସାହା ପ୍ରମୁଖ ଆଶିଷ ଯାଦବ, ନଗର ସମ୍ପାଦକ ଦିବ୍ୟାଂଶୁ ପାଣିଗ୍ରାହୀ, ନଗର ସହସମ୍ପାଦକ ସୁମିତ ଦାସ ଏବଂ ଗଣମାଧ୍ୟମ ସଂଯୋଜକ ଅନନ୍ତ ତିୱାରୀ କଣ୍ଟାବାଞ୍ଜି ପୁଲିସକୁ ଶିଶୁଟିକୁ ହସ୍ତାନ୍ତର କରିଥିଲେ।



# ବିଚାରକଙ୍କ ମନ ଜିଣିଲେ କୁନି ବିଜ୍ଞାନିକ


ବଲାଙ୍ଗିର ପବ୍ଲିକ ସ୍କୁଲ

**ବଲାଙ୍ଗିର,୧୪।୧୧(ସମିସ):** ବଲାଙ୍ଗିର ପବ୍ଲିକ ସ୍କୁଲ ପରିସରରେ ଆନ୍ତବିଦ୍ୟାଳୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛିଫ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ବଷରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କମଧ୍ୟରେ ପରିଚାଳନା କମିଟିର ସମ୍ପାଦକ ଗୋପାଳକୃଷ୍ଣ ସିଂଦେଓ, କୋଷାଧକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ଶିରୀଶଚନ୍ଦ୍ର ହୋତା, ସଭ୍ୟ ବାଦଲ ମହାକୁର ଯୋଗ ଦେଇଥିଲେ। ଏହି ମେଳାରେ ପ୍ରାୟ ୧୨୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ୩ ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିବପ୍ରସାଦ ତ୍ରିପାଠୀ, ସୁଧାନିଧି ମିଶ୍ର, ଆନନ୍ଦ ସାହୁ, ଅନନ୍ୟା ମିଶ୍ର, ଦିବ୍ୟସିଂହ ସାହୁ, ଜୟନ୍ତ ମେହେର, ସମ୍ବିତ ଥନାପତି ପ୍ରମୁଖ ବିଜ୍ଞାନଶିକ୍ଷକ ଶିକ୍ଷିକାମାନେ ବିଚାରକ ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସତୀଶ ପ୍ରଧାନ, ଉପାଧାକ୍ଷ ଦୀପକ ବରାଳ, ମମିତା ବେହରା, ବିଦ୍ୟାଳୟର ବିଜ୍ଞାନ ସଂଯୋଜକ ଶିକ୍ଷକ ଦୌଲତ ମହହାରଣା, ଶାଶ୍ୱତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


ସେହିପରି ବଲାଙ୍ଗିର ମଣ୍ଟେଶ୍ୱରୀ ପବ୍ଲିକ ସ୍କୁଲରେ ୧୧ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡା. ପଞ୍ଚଜନ୍ୟ ପଣ୍ଡା ଯୋଗ ଦେଇ ବିଜ୍ଞାନ ଓ ଏହାର ଆବିଷ୍କାର ବିଷୟରେ ଆଲୋକପାତ କରିଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ନିଜ ନିଜର ପ୍ରକଳ୍ପ ବିଷୟରେ ଦର୍ଶକମାନଙ୍କୁ ବିଷଦ୍ ଭାବରେ ବୁଝାଇଥିଲେ। ବି.ରକ ରୂପେ ବିଜ୍ଞାନ ଶିକ୍ଷୟତ୍ରୀ ସୁଶ୍ରୀ ସଞ୍ଜିବନୀ ପଣ୍ଡା ଏବଂ ବିଜ୍ଞାନ ଶିକ୍ଷକ କାର୍ତ୍ତିକ ପଣ୍ଡା ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ ସ୍ୱରୂପ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇଥିଲା। ଶିଶୁ ଦିବସ ଅବସରରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର ସୌରଭ କୁମାର ଏବଂ ପ୍ରତାପ ରଥ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ ଚେୟାରମ୍ୟାନ ବିରେନ୍ଦ୍ର ନାରାୟଣ ଉଦ୍‌ଗାତାଙ୍କ ଅଧକ୍ଷତାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମାୟାବର୍ହା ପ୍ରଧାନ ଶିକ୍ଷକ ରବିଚନ୍ଦ୍ର ପଶାୟତ, ଆକୁଳ ବେହେରା ଉପସ୍ଥିତ ଥିଲେ। ଶେଷରେ ଅଧକ୍ଷ ରବିଚନ୍ଦ୍ର ଉଦ୍‌ଗୋତା ଧନ୍ୟବାଦ ଅର୍ପଣ କରିଥିଲେ।


ମଣ୍ଟେଶ୍ୱରୀ ପବ୍ଲିକ ସ୍କୁଲ


କାନୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବେଲପଡା:** ବେଲପଡା ବ୍ଲକ କାନୁଟ ଗ୍ରାମର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିଶୁ ଦିବସ ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ୟାମ କୁମାର କୁଅଁର ଅଧକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରେମାନନ୍ଦ ନାଗ ମଞ୍ଚ ପରିଚାଳନା କରିଥିଲେ।

# ସମ୍ପାଦକୀୟ



ଅନ୍ୟକୁ ମାତ୍ରାଧିକ ଭଲପାଇବା ଭିତରେ ନିଜକୁ ହଜାଇ ଦେବା ଓ ନିଜର ସ୍ୱତନ୍ତ୍ରତାକୁ ଭୁଲି ଯିବା ସବୁଠାରୁ କଷ୍ଟଦାୟକ।
-ଅର୍ନେଷ୍ଟ ହେମିଙ୍ଗୱେ

ସକାଳ
THE SAKALA

## ମୁଦ୍ରାସ୍ଫୀତି ହ୍ରାସ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁଧହାର ବା ରିପୋ ରେଟ ହ୍ରାସ ଅନେକଟା ନିର୍ଭରଶୀଳ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ। ଗତ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୦.୨୫ ପ୍ରତିଶତକୁ ହ୍ରାସ ପାଇଛି। ତେଣୁ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭବ୍ୟାଙ୍କ ମୁଦ୍ରାନୀତି କମିଟିର ନିଷ୍ପତ୍ତିକୁ ଏହା ନିଶ୍ଚୟ ପ୍ରଭାବିତ କରିବ। କାରଣ ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ଏବେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରିଜର୍ଭବ୍ୟାଙ୍କ ପକ୍ଷରୁ ପ୍ରୟୋଗ କରାଯାଇଥିବା କଟକଣା ଅନୁଯାୟୀ ୬ ପ୍ରତିଶତ ମୁଦ୍ରାସ୍ଫୀତି ସହନୀୟ ସ୍ଥିତି ଏବଂ ୪ ପ୍ରତିଶତକୁ ହ୍ରାସ ରହିଛି ଲକ୍ଷ୍ୟ। ଏବେ ପରିସ୍ଥିତି ସଂପୂର୍ଣ୍ଣ ରୂପେ ବଦଳି ଯାଇଛି। ତେଣୁ ରେପୋରେଟ ହ୍ରାସ ପାଇଁ ମୁଦ୍ରାନୀତି କମିଟି ଆଉ କୁଣ୍ଠିତ ହେବେ ନାହିଁ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ଖାଦ୍ୟ ସାମଗ୍ରୀର ଦରଦାମ ହ୍ରାସ ସହିତ ସାମଗ୍ରୀ ଓ ସେବା ଟିକସ (ଜିଏସଟି) ରେ ସଂସ୍କାର ଅଣାଯାଇଥିବାରୁ ତାହାର ଅନୁକୂଳ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି। ପନିପରିବା, ଫଳ, ଅଣ୍ଡା ଭଳି ସାମଗ୍ରୀ ମୂଲ୍ୟ କମିଥିବା ବେଳେ ପରିବହନ ଓ ଯୋଗାଯୋଗ ଅପେକ୍ଷାକୃତ ଶସ୍ତା ହୋଇଥିବାରୁ ଖୁଚୁରା ସାମଗ୍ରୀର ମୂଲ୍ୟକୁ ତାହା ପ୍ରଭାବିତ କରିଛି। ଏହି ପରିସଂଖ୍ୟାନର ସବୁଠାରୁ ଉଲ୍ଲେଖଯୋଗ୍ୟ ଦିଗ ହେଲା, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଖାଉଟି ମୁଦ୍ରାସ୍ଫୀତି ଅପେକ୍ଷାକୃତ ଅଧିକ ହ୍ରାସ ଘଟିଛି। ତେଣୁ ଗ୍ରାମୀଣ ଜୀବନ ଦରଦାମ ବୃଦ୍ଧି ଜନିତ କଷ୍ଟରୁ ମୁକ୍ତ ହେଉଛି। ଏହି ପରିବେଶରେ ଗ୍ରାମାଞ୍ଚଳରେ ଉପାର୍ଜନ ବୃଦ୍ଧି ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ହେଲେ ସେମାନଙ୍କ କ୍ରୟ ଶକ୍ତି ବଢ଼ିବ। ସାମଗ୍ରିକ ଭାବେ ତାହା ବଜାର ବ୍ୟବସ୍ଥାକୁ ସୁଧାରିବାରେ ସହାୟକ ହେବ। ଓଡ଼ିଶା ସମେତ ଯେଉଁସବୁ ପ୍ରମୁଖ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତସ୍ଥିତିରେ ରହିଛି ସେମାନଙ୍କ ମଧ୍ୟରେ ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଅନ୍ୟତମ।

ଦେଶର ଏଭଳି କିଛି ରାଜ୍ୟ ଅଛି, ଯେଉଁଠାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଏବେ ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି। କେରଳରେ ଏହି ହାର ସର୍ବାଧିକ ୮.୫୬ ପ୍ରତିଶତ ହୋଇଛି। ଏହା ପଛକୁ ଜାମ୍ମୁ-କାଶ୍ମୀରରେ ୨.୯୫ ପ୍ରତିଶତ ଓ କର୍ଣ୍ଣାଟକରେ ୨.୩୪ ପ୍ରତିଶତ ରହିଛି। କେରଳର ଏହି ସ୍ଥିତି କ୍ରମାଗତ ୧୦ ମାସ ଧରି ବଳବତ୍ତର ରହିଛି। ତେବେ ଏହି ପାର୍ଥକ୍ୟ କାହିଁକି? ହୋଇପାରେ ସେଠାରେ ସାଧାରଣ ଗ୍ରାହକଙ୍କ କ୍ରୟଶକ୍ତି ଅଧିକ। ସେମାନଙ୍କ ବର୍ଦ୍ଧିତ ଚାହିଦା ଯୋଗୁଁ ବଜାରରେ ଉପଲବ୍ଧ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଆମ ଦେଶର ୧୪୫ କୋଟି ଜନସମୁଦାୟର ବର୍ଦ୍ଧିତ କ୍ରୟଶକ୍ତି ହିଁ ବଜାର ଅର୍ଥନୀତିକୁ ସମୃଦ୍ଧ କରିପାରିବ। ମୁଦ୍ରାସ୍ଫୀତିରେ ପରିଲକ୍ଷିତ ଅବନତିରୁ ସ୍ପଷ୍ଟ ଯେ ଖାଉଟିଙ୍କ ଚାହିଦା ଆଶାନୁରୂପ ଭାବେ ବୃଦ୍ଧି ପାଉନାହିଁ। ତେଣୁ ରିଜର୍ଭବ୍ୟାଙ୍କ ସୁଧହାର ହ୍ରାସ ମାଧ୍ୟମରେ ମୁଦ୍ରାପ୍ରଚଳନ ବୃଦ୍ଧି କରିବାକୁ ଚାହାନ୍ତି। ଋଣପ୍ରାପ୍ତି ଯେତେ ସହଜ ଓ ସରଳ ହେଲେ ମଧ୍ୟ ଗ୍ରହୀତାଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି ନ ପାଇଲେ ପରିଶୋଧ ଜନିତ ସମସ୍ୟା ସ୍ଥିତିକୁ ଆହୁରି ବିଗାଡ଼ି ଦେବ। ସରକାର ସାଧାରଣ ଲୋକଙ୍କ ଉପାର୍ଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧ୍ୟାନ ନଦେଲେ ଆର୍ଥିକ ସ୍ଥିତିରେ ଆଶାଜନକ ପରିବର୍ତ୍ତନ ସମ୍ଭବ ନୁହେଁ। ●

## ସାମାଜିକ କଳଙ୍କ

ଆମ ରାଜ୍ୟର ଗ୍ରାମୀଣ ଜୀବନରେ ଗୁଣିଗାରେଡ଼ି ଓ ତନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସ ଏବେ ମଧ୍ୟ ତିଷ୍ଠି ରହିଛି। ବହୁ ଘଟଣାରେ ଏହା ପାରିବାରିକ ଓ ସାମାଜିକ ଜୀବନକୁ ପ୍ରଭାବିତ କରୁଛି। ଏହାକୁ କେନ୍ଦ୍ର କରି ଆପରାଧିକ କାର୍ଯ୍ୟକଳାପ ଏବଂ ଏକାଧିକ କ୍ଷେତ୍ରରେ ହତ୍ୟାକାଣ୍ଡ ଭଳି ନୃଶଂସତା ପରିଲକ୍ଷିତ ହେଉଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରୟୋଗ କ୍ରମେ ଲୋକଙ୍କ ମନରୁ ଏହି ବିଭ୍ରାନ୍ତି ଦୂର କରିବାରେ ଅନେକାଂଶରେ ସହାୟକ ହୋଇଛି। ଏହାସତ୍ତ୍ୱେ ରାଜ୍ୟର ଦଶଟି ଜିଲ୍ଲାରେ ଏଭଳି ଅନ୍ଧବିଶ୍ୱାସ ସହ ସଂଶ୍ଳିଷ୍ଟ କିଛି ଲୋକ ତନ୍ତ୍ର ପ୍ରୟୋଗ ଓ ତାନ୍ତ୍ରିକ ସନ୍ଦେହରେ ସେମାନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ସହ ନୃଶଂସ ଭାବେ ହତ୍ୟା ମଧ୍ୟ କରୁଛନ୍ତି। ଏହାର ପ୍ରୟୋଗ ଓ ପ୍ରୋତ୍ସାହନର ପୃଷ୍ଠଭାଗରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦଣ୍ଡବିଧାନ ହେଉନଥିବାରୁ ଆମ ସାମାଜିକ ବ୍ୟବସ୍ଥାରେ ଏବେ ମଧ୍ୟ ଏହି ଅନ୍ଧବିଶ୍ୱାସ ତିଷ୍ଠି ରହିଛି। ତେଣୁ ୨୦୧୩ ମସିହାର ଓପିଡବ୍ଲ୍ୟୁ ଆଇନର ପରିସରକୁ ଆହୁରି ବ୍ୟାପକ କରିବା ସକାଶେ ସରକାର ଚିଠା ସଂଶୋଧନ ପ୍ରସ୍ତୁତ କରିଛନ୍ତି।

ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ କ୍ରମାଗତ ଭାବେ ଗୁଣିଗାରେଡ଼ିକୁ କେନ୍ଦ୍ର କରି ଶାରୀରିକ ଅତ୍ୟାଚାର ଓ ହିସାକାଣ୍ଡ ଏବେ ମଧ୍ୟ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଲୋକଙ୍କ ମନରୁ ଏପ୍ରକାର ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ସାମାଜିକ ସ୍ତରରେ ସେଭଳି ସଚେତନତା ସୃଷ୍ଟି ଉଦ୍ୟମ ହୋଇନାହିଁ। ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ କନ୍ଧମାଳ ଜିଲ୍ଲାରେ ତନ୍ତ୍ର ଓ ମନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସରୁ ସୃଷ୍ଟି ହିଂସାକାଣ୍ଡରେ ୬୦୬ ଲୋକଙ୍କ ଗତ ୧୧ ବର୍ଷରେ ମୃତ୍ୟୁ ଘଟିଛି। ଏକଥା ସତ ଯେ ୨୦୧୩ ର ଆଇନ ଏପ୍ରକାର ଅମାନୁଷିକ କାର୍ଯ୍ୟକଳାପକୁ ରୋକିବାରେ କେତେକାଂଶରେ ସଫଳ ହୋଇଛି। ତେବେ ଆଇନ ପରିସରରୁ ଅସଲ ପ୍ରାୟୋଜକ ଓ ସହାୟକ ଖସି ଯାଉଥିବାରୁ ନିୟନ୍ତ୍ରଣ ପ୍ରକ୍ରିୟା ସେଭଳି ପ୍ରଭାବୀ ହୋଇପାରୁନାହିଁ। ଏବେ ମଧ୍ୟ ବର୍ଷକୁ ଅନ୍ୟୁନ ୫୦ ଜଣ ଏହି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ୪୦୮ ମାମଲା ରୁଜୁ ହେବା ସହ ୩୮୮ ଜଣଙ୍କୁ ଗିରଫ କରାଯାଇଛି। ପ୍ରଣୀତ ଆଇନ କେତେଦୂର ସଫଳ ଓ ବିଫଳ ହେଉଛି ସେ ନେଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ତର୍ଜମା କରାଯିବା ଜରୁରୀ। କାର୍ଯ୍ୟକାରୀ ହେଉଥିବା ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନର ଆବଶ୍ୟକତା ଅନୁଭବ କରି ରାଜ୍ୟ ବିଧି ଆୟୋଗ ଦେଇଥିବା ସୁପାରିସ କ୍ରମେ ସରକାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚିଠା ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ ହୋଇଛି।

ଗୁଣିଗାରେଡ଼ି ସନ୍ଦେହରେ କାହାକୁ ହତ୍ୟାକରିବା, ସାମାଜିକ ନିର୍ଯ୍ୟାତନା ଦେବା ଭଳି ଜଘନ୍ୟ ଅପରାଧ ଏକ ସାମାଜିକ କଳଙ୍କ। ମାନବ ସଭ୍ୟତା ବିକାଶର ପ୍ରଭାବ ଅନୁଭୂତ ହୋଇ ନଥିବା ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଯେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ ତାହାକୁ ସ୍ୱୀକାର କରିବାକୁ ପଡ଼ିବ। ଏହି କଳଙ୍କିତ ଅଧ୍ୟାୟର ପରିସମାପ୍ତି ସକାଶେ ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନ ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ଜରୁରୀ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସାମାଜିକ ବ୍ୟବସ୍ଥାକୁ ଯୁଗୋପଯୋଗୀ କରିବା ସକାଶେ ପରିବିର୍ତ୍ତିତ ଦେଶଦୁନିଆର ବାର୍ତ୍ତା ପହଞ୍ଚାଇବା। ଏଥିଲାଗି ତୃଣମୂଳ ସ୍ତରରେ ସମର୍ପିତ ସାମାଜିକ କର୍ମୀ ନିୟୋଜିତ ହେବା ଆବଶ୍ୟକ। ●

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ଦୁଇପର୍ଯ୍ୟାୟରେ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନର ଫଳାଫଳ ଓ ନିଷ୍କର୍ଷ ପ୍ରାୟତଃ ସ୍ପଷ୍ଟ ହୋଇସାରିଛି। ଯଦି ଏନ୍‌ଡିଏରେ ସେଭଳି ନେତୃତ୍ୱ କନ୍ଦଳ ସୃଷ୍ଟି ନ ହୁଏ ତେବେ ନୀତୀଶ କୁମାର ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାକୁ ଯାଉଛନ୍ତି। ଅପରପକ୍ଷରେ ପ୍ରମୁଖ ଆଶାୟୀ ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡିକୁ ୨୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଦୁଇ ଅଙ୍କ ମଧ୍ୟ ଟପିପାରିନାହିଁ। ଏହି ଦଳ ମାତ୍ର ୬ଟି ଆସନ ଜିତିପାରିଛି।

ଆଞ୍ଚଳିକ ଓ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏବଂ ଉଦାହରଣ ସୃଷ୍ଟି କରିଆସିଥିବା ବିହାର ଏଥର ରେକର୍ଡ ସଂଖ୍ୟକ ଭୋଟଦାନ ହାର ସହିତ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା। ଅନଗ୍ରସର ଓ ଅଳ୍ପପାଠୁଆ ରାଜ୍ୟ ଭାବେ ଅପଖ୍ୟାତି ଅର୍ଜନ କରିଥିବା ଏହି ରାଜ୍ୟର ମହିଳା ଭୋଟରମାନେ ଏଥର ବିପୁଳ ଉତ୍ସାହର ସହିତ ରେକର୍ଡ ସଂଖ୍ୟାରେ ମତଦାନ କରିଥିବାରୁ ଭୋଟଦାନ ହାର ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲା। ସାଧାରଣତଃ ଭାରତୀୟ ନିର୍ବାଚନୀ ରାଜନୀତିରେ ଭୋଟଦାନ ହାର ଅଧିକ ହେଲେ ସରକାର ବଦଳିବାର ଏକ ଅଲିଖିତ ଧାରଣା ରହି ଆସିଛି। ତେଣୁ ଏଥର ବିହାରରେ ସରକାର ବଳଦିବ ବୋଲି ଆରଜେଡି ଓ କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ମେଣ୍ଟ ପ୍ରବଳ ଆଶାୟୀ ଥିଲେ। କିନ୍ତୁ ସବୁ ଧାରଣା ଓ ଅଙ୍କକଷାକୁ ଓଲଟପାଲଟ କରି ବିହାର ପୁଣି ଥରେ ଜାତୀୟ ରାଜନୀତିରେ ଆଚମ୍ବିତ ପରିବେଶ ସୃଷ୍ଟି କରିଛି। ସେହିପରି ବିହାର ବିଧାନସଭା ନିର୍ବାଚନରେ ପରେ ଏକ୍‌ଜିଟ୍ ପୋଲ୍ ବା ବୁଥ ବାହୁଡ଼ା ମତ ଆକଳନ ପ୍ରାୟତଃ ଭୁଲ୍ ସାବ୍ୟସ୍ତ ହୋଇଥିବା ବେଳେ ଏଥର ଠିକ୍ ପ୍ରମାଣିତ ହୋଇଛି।

ନିର୍ବାଚନ ଫଳାଫଳକୁ ନେଇ ରାଜନୈତିକ ବିଶାରଦମାନେ ଆଲୋଚନା ଆରମ୍ଭ କରିସାରିଛନ୍ତି। ଜାତୀୟ ରାଜନୀତିରେ ଏହାର ପ୍ରଭାବ ରହୁଥିବାରୁ ଆହୁରି କିଛିଦିନ ଧରି ତର୍ଜମା ଓ ଆଲୋଚନା ଜାରି ରହିବ। ତେବେ ଏନ୍‌ଡିଏର ବିପୁଳ ବିଜୟ ଓ ମହାଗଟ୍‌ବନ୍ଧନ, ବିଶେଷକରି କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ରାଜନୈତିକ ପଣ୍ଡିତମାନେ ଏବେ ମୁଖର ହୋଇଛନ୍ତି। ବିରୋଧୀଦଳର ପରାଜୟ ପାଇଁ ଦୁର୍ବଳ ନେତୃତ୍ୱ ଓ ଅନାକର୍ଷଣୀୟ ପ୍ରସଙ୍ଗକୁ ଦାୟୀ କରାଯାଇଥିବା ବେଳେ ଶାସକ ଦଳର ବିଜୟ ପାଇଁ ମହିଳା ଭୋଟର, ପ୍ରବାସୀ ଶ୍ରମିକଙ୍କ ଭୋଟ, ଫ୍ରିବିଜ୍ ବା୧୦ ହଜାର ଟଙ୍କା ବଣ୍ଟନ ସହିତ ନୀତୀଶଙ୍କ କେତେକ ସାମାଜିକ କାର୍ଯ୍ୟକ୍ରମକୁ ଶ୍ରେୟ ଦିଆଯାଇଛି। ଏଥିସହିତ ବିଜେପି ବିରୋଧରେ ପ୍ରମୁଖ ନିର୍ବାଚନୀ ଅସ୍ତ୍ର 'ଭୋଟ ଚୋରି' ଅଭିଯାନର ପ୍ରଥମ ପ୍ରୟୋଗ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ବିହାରରେ କରିଥିବାରୁ ତା'ର ପ୍ରଭାବ ଉପରେ ଦେଶର ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା। ଆଗାମୀ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସହିତ ଜାତୀୟ ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ କି ନାହିଁ ତା'ର ପ୍ରୟୋଗଶାଳା ମଧ୍ୟ ବିହାର ଥିଲା। କିନ୍ତୁ ରାହୁଲ୍ ଗାନ୍ଧୀଙ୍କ ଏହି ଅସ୍ତ୍ର ପ୍ରଭାବହୀନ ସାବ୍ୟସ୍ତ ହୋଇଛି।

କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ବିଫଳ ହେବାର ପ୍ରମୁଖ କାରଣ ମଧ୍ୟରୁ ପ୍ରଥମତଃ, ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ମେଣ୍ଟ ଭିତରେ ଆସନ ବୁଝାମଣା ଅଙ୍କ ଛିଣ୍ଡି ନଥିଲା। ଶେଷ ମୁହୂର୍ତ୍ତରେ ତରବରିଆ ଭାବରେ ଏହି କାର୍ଯ୍ୟଟି ହେଲା। ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ପାଇଥିବା କିଛି କଂଗ୍ରେସ ପ୍ରାର୍ଥୀଙ୍କ ନିକଟରୁ ତାହା ପୁଣି ପ୍ରତ୍ୟାହାର କରି ନିଆଯାଇଥିଲା। ଅଳ୍ପଶିକ୍ଷିତ ହେଲେ ମଧ୍ୟ ବିହାର ଭୋଟର ଯେ ଏହାକୁ ଅତି ଗୁରୁତ୍ୱର ସହ ନିରୀକ୍ଷଣ କରୁଥିଲେ, ତାହା ଆରଜେଡି କିମ୍ବା କଂଗ୍ରେସର ନେତୃମଣ୍ଡଳୀ ଦୃଷ୍ଟି ଦେଇ ନଥିଲେ। ବୋଧହୁଏ ଭୋଟରଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ବିହାରକୁ ଭାଗବଣ୍ଟା କରୁଛନ୍ତି ସେମାନେ ଶାସନ କ୍ଷମତାକୁ ଆସିଲେ ଲୋକହିତ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଧ୍ୟାନ ଦେଇ କଳହ କରିବେ, ଯାହା ସରକାରକୁ ଅଧିକ ଦିନ ଧରି ରଖିପାରିବ ନାହିଁ। ବିହାରରୁ ଏନ୍‌ଡିଏକୁ ହଟାଇବାକୁ ଦୃଢ଼ ପରିକର ଥିଲେ କଂଗ୍ରେସ ନିଜେ ନିର୍ବାଚନରୁ ଓହରି ଯାଇ ଆରଜେଡିକୁ ପୂର୍ଣ୍ଣ ସମର୍ଥନ କରିବାର ଆବଶ୍ୟକ ଥିଲା। ଏହାପରେ ହୁଏତ ବିହାରରେ କ୍ଷମତା ଦଖଲ ପାଇଁ କଂଗ୍ରେସ ପାଖରେ ସୁଯୋଗ ରହିଥା'ନ୍ତା। ଟିକେଟ୍ ପ୍ରତ୍ୟାହାର ପରେ କଂଗ୍ରେସରେ ଆନ୍ତଃକନ୍ଦଳ ଏକ ସଙ୍କଟର ରୂପ ନେଲା, ଯାହା ଫଳରେ ଦଳ ଦୁଇ ଅଙ୍କ ମଧ୍ୟ ଟପି ପାରିଲା ନାହିଁ।

ଦ୍ୱିତୀୟତଃ, କଂଗ୍ରେସ ଅଣଯାଦବ ଭୋଟ ହାତେଇବା ପାଇଁ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ପ୍ରତ୍ୟକ୍ଷ ସମର୍ଥନ କଲା ନାହିଁ। ତେଣୁ ମାତ୍ର ଦୁଇ/ତିନୋଟି ସଭାକୁ ଛାଡ଼ିଦେଲେ ରାହୁଲ୍ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଲା ନାହିଁ। ଏହା ଭୋଟରଙ୍କୁ ଭୁଲ୍ ବାର୍ତ୍ତା ଦେଲା। ତୃତୀୟତଃ, ଦଳିତ ବର୍ଗର ଭୋଟ ହାତେଇବା ପାଇଁ କଂଗ୍ରେସ ଉଚ୍ଚବର୍ଗକୁ ସମ୍ପୂର୍ଣ୍ଣ ଅଣଦେଖା କଲା, ଯାହାର ଧ୍ରୁବୀକରଣ ଭୋଟ ଫଳାଫଳରେ ପ୍ରତିଫଳିତ ହେଲା। ଚତୁର୍ଥତଃ, ବିହାରବାସୀ ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲ ରାଜ' ଶାସନରେ ଏତେ ଅତିଷ୍ଠ ହୋଇସାରିଥିଲେ ଯେ ସେମାନେ ପୁଣି ଥରେ ବିପଦ ବରଣ କରିବାକୁ ଚାହିଁଲେ ନାହିଁ। ଏହି କଥାଟି ଏନ୍‌ଡିଏ ଉଚିତ ସମୟରେ ବିହାର ଭୋଟରଙ୍କୁ ମନେ ପକାଇ ଦେଲା। ବିହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପରି ଏକାଧିକ ସାମାଜିକ-ଅର୍ଥନୈତିକ ସମସ୍ୟା ରହିଥିବା ବେଳେ କଂଗ୍ରେସ 'ଭୋଟ ଚୋରି'କୁ ପ୍ରସଙ୍ଗ କଲା, ଯାହା ଲୋକେ ପ୍ରତ୍ୟାଖ୍ୟାନ କଲେ। ଗତ ସାଧାରଣ ନିର୍ବାଚନରେ ମଧ୍ୟ ଦରଦାମ ବୃଦ୍ଧି ବଦଳରେ କଂଗ୍ରେସ ସମ୍ବିଧାନର ସୁରକ୍ଷାକୁ ପ୍ରସଙ୍ଗ କରି ବିଫଳ ହୋଇଥିଲା।

ଅପରପକ୍ଷରେ ବିହାରର ଜାତିଭିତ୍ତିକ ଭୋଟ ରାଜନୀତିକୁ ଏନ୍‌ଡିଏ ବହୁପୂର୍ବରୁ ଗୁରୁତ୍ୱ ଦେଇ ଆସିଥିଲା ଏବଂ ଯେକୌଣସି ଛୋଟ ଛୋଟ ସମ୍ପ୍ରଦାୟକୁ ବାଦ୍ ଦେଇ ନଥିଲା। ଗତ ଫେବୃଆରୀରେ ସାଧାରଣ ବଜେଟ୍ ଉପସ୍ଥାପନ ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ମଧୁବନୀ ଶାଢ଼ି ପିନ୍ଧିବା, ବଜେଟ୍‌ରେ ମାଖନା କ୍ଷେତ୍ରର ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିବା ପରେ ଜଣାପଡ଼ିଯାଇଥିଲା ଏନ୍‌ଡିଏର ମୂଳ ଲକ୍ଷ୍ୟ କ'ଣ। ତେଣୁ ନିର୍ବାଚନ ରଣନୀତିରେ ଏନ୍‌ଡିଏ ଦଳିତ ସହିତ ଅର୍ଥନୈତିକ ପଛୁଆ ବର୍ଗକୁ କେନ୍ଦ୍ରରେ ରଖିଲା। ଏଥର ନିର୍ବାଚନ ରଣନୀତିରେ ମହାଗଟ୍‌ବନ୍ଧନ ମୁସ୍‌ଲିମ୍ ଓ ଦଳିତ ଭୋଟରଙ୍କୁ ପ୍ରାଧାନ୍ୟ ଦେଇଥିବା ବେଳେ ନୀତୀଶ କୁମାର ମହିଳା ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏନ୍‌ଡିଏ ଚତୁରତାର ସହିତ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅଧୀନରେ ମହିଳା ଉଦ୍ୟୋଗୀଙ୍କୁ ୨.୧ ଲକ୍ଷ ଟଙ୍କା ଲେଖାଏଁ ଦେବାର ଘୋଷଣା କଲେ ଏବଂ ଅଗ୍ରୀମ ୧୦ ହଜାର ଟଙ୍କା ଲେଖାଏଁ ୧.୨୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କଲେ।

ଏହାଛଡ଼ା ନୀତୀଶକୁମାରଙ୍କ ଅଭିଯୋଗ ସମାଧାନ ସହିତ ଶିକ୍ଷକ, ପୁଲିସ, ପ୍ରଶାସନିକ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ କରି ସେବାରେ ସ୍ୱଚ୍ଛତା ଆଣିବା, ପଞ୍ଚାୟତିରାଜ କର୍ମୀଙ୍କୁ ଭତ୍ତା, ବରିଷ୍ଠ ନାଗରିକଙ୍କୁ ଅଧିକ ଭତ୍ତା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି, ଜୀବିକା ଦିଦିଙ୍କୁ ୧୦ ହଜାର ଟଙ୍କା, ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ରିହାତି ଆଦି କାର୍ଯ୍ୟକ୍ରମ ଭୋଟରଙ୍କୁ ଛୁଇଁଲା ଏବଂ ତାହା ଭୋଟରେ ରୂପାନ୍ତରିତ ହେଲା। ଏନ୍‌ଡିଏ ସପକ୍ଷରେ ଆଉ ଏକ ନିର୍ଣ୍ଣାୟକ ସାବ୍ୟସ୍ତ ହେଲା ଛଟ୍ ପୂଜା ପାଇଁ ପ୍ରବାସୀ ଶ୍ରମିକମାନଙ୍କର ଘରବାହୁଡ଼ା। ଏହାକୁ ମୌକାରେ ପରିଣତ କରିବା ପାଇଁ ଏନ୍‌ଡିଏ କୌଣସି ସୁଯୋଗ ହାତଛଡ଼ା କରି ନଥିବା ବେଳେ କଂଗ୍ରେସ ତାହାକୁ ଅଣଦେଖା କରିଥିଲା। ଏପରିକି ନିର୍ବାଚନ ସହିତ ଧର୍ମକୁ ଯୋଡ଼ିବା ପାଇଁ ଏନ୍‌ଡିଏ ଭରପୂର ପ୍ରୟାସ କରି ପ୍ରୀତିଭାଜନ ହୋଇଥିବା ବେଳେ କଂଗ୍ରେସ ଏହାକୁ ନାଟକ କହି ଭୋଟରଙ୍କ ରୋଷଭାଜନ ହେଲା।

ଏହି ନିର୍ବାଚନରେ ସବୁଠାରୁ ଉଲ୍ଲେଖନୀୟ ହେଲା ପ୍ରତ୍ୟକ୍ଷ ଭାବେ ନିର୍ବାଚନକୁ ଓହ୍ଲାଇଥିବା ନିର୍ବାଚନୀ ରଣନୀତିକାର ବା ଚାଣକ୍ୟ ରୂପେ ସ୍ୱୀକୃତ ଓ ବିଦିତ ପ୍ରଶାନ୍ତ କିଶୋରଙ୍କ ନିର୍ବାଚନୀ ଫଳାଫଳ ପୁଣି ଥରେ ପ୍ରମାଣିତ କରିଦେଲା ଯେ ରଣନୀତିକାର ଓ ରାଜନୈତା ଭିତରେ ବହୁ ତଫାତ ଅଛି। ●

(ସକାଳ ମିଡିଆ ସର୍ଭିସ୍)

# ସାମ୍ବାଦିକତା ଓ ସାମାଜିକ ଅଙ୍ଗୀକାରବଦ୍ଧତା

**ପଞ୍ଚାନନ ଅଗ୍ରୱାଲ**

କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଦେଶର ଜାଗ୍ରତ ପ୍ରହରୀ ରୂପେ କାମ କରିଥାଏ। ତତ୍‌ସଙ୍ଗେ ସଙ୍ଗେ ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ଦାୟିତ୍ୱ ତୁଲାଇଥାଏ। ବର୍ତ୍ତମାନ ସ୍ଥିତିରେ ଗଣମାଧ୍ୟମର ସ୍ୱତନ୍ତ୍ରତା ଚର୍ଚ୍ଚାର ପରିଧିକୁ ଆସିଛି। ପ୍ରେସ୍ ସ୍ୱାଧୀନତା ମୂଳରେ ତିନି ଜଣ ମୁଖ୍ୟତଃ ଆସୁଛନ୍ତି। ସେମାନେ ହେଲେ ମାଲିକ, ସମ୍ପାଦକ ଆଉ ପାଠକ। ପ୍ରେସ ସ୍ୱାଧୀନତାର ଅର୍ଥ ସାମ୍ବାଦିକର ସ୍ୱାଧୀନତା ହେଉ ନାହିଁ। ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ରାଷ୍ଟ୍ରର ହିତ ସାଧନା ହିଁ ସାମ୍ବାଦିକର ଲକ୍ଷ୍ୟ ହେବା ଉଚିତ, ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଯାଉଛି। ବର୍ତ୍ତମାନ ମାଲିକର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସାମ୍ବାଦିକର ଧର୍ମ ହୋଇଯାଇଛି। ବିଶିଷ୍ଟ ସମାଲୋଚକ, ହିନ୍ଦୀ ସାମ୍ବାଦିକ ରାକିଶୋର କହନ୍ତି ଯେ ଖବରକାଗଜ ଅଥବା ସାମ୍ବାଦିକମାନଙ୍କ ନିଜର କୌଣସି ଅଭିବ୍ୟକ୍ତି ନଥିବା କାରଣରୁ ସାମ୍ବାଦିକମାନେ ସ୍ୱେୟାର ପାର୍ଟସ ଭଳି ହୋଇଯାଉଛନ୍ତି। ଯେ କେହି ଏହାକୁ ନେଇ ବ୍ୟବହାର କରିପାରିବ। ତେବେ ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା କହିବା ନା ପେଶାର ସ୍ୱାଧୀନତା? ସାମ୍ବାଦିକଙ୍କ ସ୍ୱାଧୀନତା ଅର୍ଥ ଆଜି ପେଣ୍ଡୁଲମ ଭଳି ଦୋଳାୟମାନ ସ୍ଥିତିରେ ଅଛି।

ଏ କଥା ନିଶ୍ଚୟ ଚିନ୍ତାଜନକ। ଅଧିକ ପ୍ରସାରିତ ଖବରଗକାଗଜ ମାଲକାନା ଧନିକ ଶ୍ରେଣୀର। ପ୍ରେସ ସ୍ୱାଧୀନତାର ବଡ଼ ଅଂଶ ମାଲିକମାନେ ପାଉଛନ୍ତି। ସମସ୍ତେ ପୁଞ୍ଜିପତି ବର୍ଗ। ଏଣୁ ରାଜନୀତିର ପରିସରଭୁକ୍ତ ହୋଇଯାଉଛନ୍ତି। ସାମ୍ବାଦିକମାନେ ଏଥିନେଇ ଅଧିକ ମୁଣ୍ଡ ଖେଳାଇବାକୁ ପସନ୍ଦ କରୁନାହାନ୍ତି। ସାମ୍ବାଦିକତାକୁ ଅନ୍ୟ ବ୍ୟବସାୟିକ ଶିଳ୍ପ ସଂସ୍ଥା ବୁଝିବା ଦ୍ୱାରା ଏହାର ମୂଳ ଉଦ୍ଦେଶ୍ୟ ଆର୍ଥିକ ଫାଇଦା ଉଠାଇବା ହୋଇଯାଉଛି। ଆଜି ସାମ୍ବାଦିକତାକୁ ରାଜନୀତିରୁ ଅଲଗା କରି ରଖି ହେବ ନାହିଁ। ପ୍ରକାଶନ ମାଲିକମାନଙ୍କୁ କେବଳ ଅର୍ଥଲୋଭ ନୁହେଁ, ତା' ସହିତ କ୍ଷମତା ଲୋଭ ମଧ୍ୟ ଘାରିଛି। ଏଣୁ ଏମାନେ ସବୁବେଳେ କ୍ଷମତାର ମୁଖ୍ୟଧାରାରେ ଜଡ଼ିତ ହେବାକୁ ପସନ୍ଦ କରନ୍ତି।

'ହଂସ' ପତ୍ରିକାର ବାର୍ଷିକ ଉତ୍ସବରେ ହିନ୍ଦୀ କଥା ସମ୍ରାଟ ପ୍ରେମଚାନ୍ଦ ଲେଖିଥିଲେ ଆମର ଆର୍ଥିକ ହାନି ଘଟିଛି, ରାଜନୈତିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଛି। ତଥାପି ଆମେ ସାହସ ବାନ୍ଧି ରଖିଛୁ, ହାରି ଯାଇନାହୁଁ। ଆମ ସମ୍ମୁଖରେ ଯେଉଁ ଆଦର୍ଶ ଅଛି ତାହା ଆମକୁ ଅଧିକ ଉତ୍ସାହିତ କରୁଛି। ଆମକୁ ଲାଭ-କ୍ଷତି ପାଇଁ କୌଣସି ବ୍ୟସ୍ତ ହେବାର ନାହିଁ। ବର୍ତ୍ତମାନ ଯୁଗରେ ସଫଳତାର ମାନଦଣ୍ଡକୁ ପ୍ରେମଚାନ୍ଦଙ୍କ ଆଧାରରେ ନେବା ସମୀଚୀନ ହେବନାହିଁ। ୧୯୩୨ ଅଗଷ୍ଟ ୨୨ରେ 'ଜାଗରଣ'କୁ ନୂଆ ରୂପରେ ପ୍ରକାଶିତ କରାଇବା ଅବସରରେ ସେ ଲେଖିଥିଲେ 'ସତ୍ୟକୁ ଖୋଜିବା ଦରକାର, ସତ୍ୟର ପୂଜାରୀ ହେବାକୁ ପଡ଼ିବ, ସତ୍ୟକୁ ସହିବା ପାଇଁ ଯେତେ ଅପମାନ ସହୁ ନା କାହିଁକି, ଅପ୍ରିୟ ସତ୍ୟ କହିବାକୁ ଭୁଲିବ ନାହିଁ। ସେକେବେ ଅନ୍ୟର ଦୋଷକୁ ଦେଖିବ ନାହିଁ, ବରଂ ନିଜର ଦୋଷକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ।

ଆଜି ସାମ୍ବାଦିକତା କ୍ଷେତ୍ରରେ 'ସତ୍ୟ' ଖୋଜିବା ସ୍ଥାନ ନେଇଛି 'ଷ୍ଟୋରୀ' ଖୋଜିବା। ଆଜିକାଲି ଖବରକାଗଜ ପୃଷ୍ଠାଗୁଡ଼ିକରେ ନିଜ ପ୍ରତିନିଧିଙ୍କ ଖବର ବଦଳରେ ବାସ୍ତୁବାଦୀ, ଆମୋଦପ୍ରଦ, ଉତ୍ତେଜକ କଥା କାହାଣୀ ରୂପରେ ପ୍ରକାଶ ପାଉଛି। ଅନେକ ସମୟରେ ପାଠକ ସତ୍ୟ ଖୋଜିବାରେ ଝୁଣ୍ଟିପଡ଼ୁଛି, ନିରାଶ ମଧ୍ୟ ହେଉଛି। ସାମ୍ବାଦିକ ଶିଳ୍ପ ସଂସ୍ଥା ଭଳି ଅର୍ଥକେନ୍ଦ୍ରିକ, ଜନଚେତନା, ସତ୍ୟର ଉଦ୍‌ଘାଟନ ଓ ବିକାଶ ସହିତ ସଂଶ୍ଳିଷ୍ଟ ହେବା ଉଚିତ୍। ମାଖନଲାଲ ଚତୁର୍ବେଦୀ ମୁଖ୍ୟତଃ କବି ଥିଲେ। ରାଜନୈତିକ କର୍ମକର୍ତ୍ତା ମଧ୍ୟ ଥିଲେ। ୧୯୨୫ ମସିହାରେ ସେ ପତ୍ରକାର ପରିଷଦରେ ଭାଷଣ ଦେଇ କହିଥିଲେ, 'ଯଦି ସମାଚାର ପତ୍ର ଦୁନିଆରେ ସବୁଠାରୁ ବଳୀୟାନ ଓ ଶକ୍ତିଶାଳୀ, ତେବେ ତା' ମୁଣ୍ଡରେ ଆପଦ ବିପଦ ଘେରି ହୋଇରହିଛି। ସେ ରାଷ୍ଟ୍ରୀୟ ସୁରକ୍ଷାର ବଡ଼ ପ୍ରାଚୀର ହୋଇ ରହିଛି। ସେ ହିମାଳୟର ଶିଖର ଭଳି ଝଟକି ଉଠୁଛି। ତା' ଉପରେ ଦେଶର ବହୁ ଗୁରୁଦାୟିତ୍ୱ ରହିଛି।

ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକତା କ୍ଷେତ୍ରରେ ବହୁ କ୍ରାନ୍ତିକାରୀ ନେତା ଗୋଟିଏ ଝୁମ୍‌ରେ କଲମ ମୁନ ଧରି ଆଗେଇ ଆସି ସାମ୍ବାଦିକତାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି। ସେତେବେଳେ ପତ୍ରପତ୍ରିକା ମଧ୍ୟରେ ଥିଲେ ମର୍ଯ୍ୟାଦା, ଅଭ୍ୟୁଦୟ, ବିକ୍ରମ, ପ୍ରତାପ, କର୍ମବୀର, ସରସ୍ୱତୀ, ପ୍ରଭା, ମତୱାଲ, ଚାନ୍ଦ, ମାଧୁରୀ, ହଂସ, ଜାଗରଣ, ନବଜୀବନ, ସୁଧା ଆଦି। ସେମାନଙ୍କ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟବୋଧ, ସାମାଜିକ ଅଙ୍ଗୀକାରବଦ୍ଧତା ଅକ୍ଷୁଣ୍ଣ ଥିଲା। ସେମାନେ କେବଳ ଦୃଷ୍ଟିକୋଣକୁ ଆଧାର ରଖି ନଥିଲେ ବରଂ ଜନତାଙ୍କ ହିତ ଦୃଷ୍ଟିକୁ ଅଗ୍ରାଧିକାର ଦେଉଥିଲେ। ୧୯୬୫ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର 'ସମାଜ' ସମ୍ପାଦକୀୟରେ ଲେଖିଥିଲେ, ଆଜିକାଲି ସମ୍ବାଦପତ୍ର ସବୁ କୌଣସି ଦଳର ମୁଖପତ୍ର, କିନ୍ତୁ 'ସମାଜ' ଜନ୍ମ ସମୟରେ ଦେଶର ଏ ଅବସ୍ଥା ନଥିଲା। ଗୋପବନ୍ଧୁ ରାଜନୀତି, ଦଳଗତକୁ ଊର୍ଦ୍ଧ୍ୱରେ ରହି ଦେଶ ସେବା ପାଇଁ କେବଳ ଲେଖନୀ ଚାଳନା କରିଥିଲେ।

ବେଳେବେଳେ କିଛି ନିର୍ଦ୍ଦିଷ୍ଟ ଖବରକାଗଜ ଧାରା ପ୍ରବାଦ ନେତାଙ୍କ ନିନ୍ଦାଗାନରେ ମଜ୍ଜିଥା'ନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋରାଜୀ ଦେଶାଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ। ବ୍ଲିଜ୍ ସାପ୍ତାହିକ ଲଗାତାର ତାଙ୍କ ବିରୁଦ୍ଧରେ ସମ୍ବାଦ ପରିବେଷଣ କରୁଥିଲା। ସେତେବଳେ ପତ୍ରିକାର ମାଲିକ ଓ ସଂପାଦକ ଥାଆନ୍ତି ଆର୍.କେ.କରିଆ। କେହି ହିତାକାଂକ୍ଷୀ ଦେଶାଇଙ୍କୁ ବ୍ଲିଜ ବିଷୟରେ କହିବାକୁ ସେ ଉତ୍ତର ଦେଲେ, 'ମୁଁ ବ୍ଲିଜ କେବେ ପଢ଼େନାହିଁ।' ଯେତେବେଳେ ସେ ପ୍ରଧାନମନ୍ତ୍ରୀ ହେଲେ ସେ ଯଦି ଚାହିଁଥା'ନ୍ତେ ସାମ୍ବାଦିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିପାରିଥା'ନ୍ତେ, କିମ୍ବା ସରକାରୀ ବିଜ୍ଞାପନ ବନ୍ଦ କରିଦେଇ ପାରିଥା'ନ୍ତେ। ମାତ୍ର ସେ ସେପରି କଲେ ନାହିଁ। ସମାଜରେ ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକକୁ ରାଷ୍ଟ୍ର ହିତ ଉଦ୍ଦେଶ୍ୟରେ କଲମ ଚାଳନା କରିବାକୁ ପଡ଼ିବ। ତେବେ ଯାଇ ସେ ଶୀର୍ଷ ସ୍ଥାନକୁ ଯାଇପାରିବ। ●

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧


# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ନିକଟସ୍ଥ ଭିକମପାଲି ଗ୍ରାମରେ ଏକ ନୂତନ ପଦ୍ମାସିନୀ ମନ୍ଦିର ନିର୍ମାଣ କରାଯାଇଛି। ସେହିଭଳି ବୁଡ଼ି ଯାଇଥିବା ପଦ୍ମପୁରର ମୂଳ ପଦ୍ମାସିନୀ ଦେବୀ ନିକଟସ୍ଥ ପୂଜାରିପାଲି ଗ୍ରାମରେ ପୂଜା ପାଉଛନ୍ତି ନୂତନ ଭାବେ ନିର୍ମିତ ପୂଜା ସ୍ଥଳରେ। ଦକ୍ଷିଣ କୋଶଳରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମସ୍ତ ମହାନଦୀ ଅବବାହିକା ଅଞ୍ଚଳରେ ପ୍ରାଚୀନ ବୌଦ୍ଧ କୀର୍ତ୍ତି ଓ ବୌଦ୍ଧ ସ୍ଥଳମାନ ବିଛାଇ ହୋଇ ରହିଛନ୍ତି। ଏହା ମଧ୍ୟରେ ପ୍ରାଚୀନ ଧ୍ୱଂସପ୍ରାପ୍ତ ବୌଦ୍ଧ ବିହାର, ମନ୍ଦିର, ଗୁମ୍ଫା, ବୌଦ୍ଧ ଅନୁଷ୍ଠାନ ସବୁ ବୌଦ୍ଧ ମୂର୍ତ୍ତିମାନ, ବୌଦ୍ଧ ଦେବଦେବୀ ମୂର୍ତ୍ତି ସବୁ ବହୁସଂଖ୍ୟାରେ ଦେଖାଯାଏ। କିଛିସ୍ଥଳରେ ଖନନ ହୋଇ ଉଦ୍ଧାର କରାଯାଇଛି; ମାତ୍ର ବହୁସ୍ଥଳରେ କୌଣସି ଖନନ ଅଥବା ସଠିକ ଅନୁସନ୍ଧାନ ଅଥବା ଅନ୍ୱେଷଣ ମଧ୍ୟ କରାଯାଇନାହିଁ।

ପଦ୍ମପୁର ଏବଂ ଏହାର ଚାରିପାଖର ଅନେକ ଗ୍ରାମର ନାମ ଏବେ ମଧ୍ୟ ଏ ଅଞ୍ଚଳର ପ୍ରାଚୀନ ବୌଦ୍ଧ ପରିମ୍ପରାକୁ ସୂଚାଇ ଥାଏ। ବହୁ ଗ୍ରାମ ଓ ସ୍ଥଳମାନ ବୌଦ୍ଧ ନାମ ଧାରଣ କରିଥିବା ଜଣାଯାଏ। ବୌଦ୍ଧ ଭିକ୍ଷୁ ତଥା ବୌଦ୍ଧ ଦେବଦେବୀଙ୍କ ନାମ ମଧ୍ୟ। ଏ ଅଞ୍ଚଳ ବଜ୍ରଯାନର ଦୁର୍ଗଭଳି ପରିଣତ ହୋଇଥିଲା। ଗ୍ରାମଗୁଡ଼ିକ ଏହିଭଳି - ଭିକମପାଲି (ଭିକ୍ଷୁପାଲି), ଆମ୍ବପାଲି (ଆମ୍ରପାଲି), ଯୋଗୀଡିପ, ଯୋଗିନୀ, ମଚ୍ଛିଦା(ମତ୍ସ୍ୟେନ୍ଦ୍ରନାଥ), ମହାସିଂଘା, ପାଲସଦା, କନକତାରା, ଗୌତମଖୋଟ ଓ ବିକ୍ରମ ଖେଶଲ (ଏ ଦୁଇଟି ପାହାଡ଼), ବାସମପାଲି, କଣ୍ଟାପାଲି, କଦମଘାଟ, ଦେବଧାର, କୋଟଗଡ଼, ରୋହିଣୀ, କେସରଜିମା, ବସ୍ତି, ଅଟ୍ଟାବିରା, ରେମଣ୍ଡା, ସିଙ୍ଗାରପୁର(ସିଙ୍ଗଳ), ବିନ୍ଧୁପାଲି, ବୁଧେଲକାଣି, ସୁଖ ଡିହ।




ପଦ୍ମପୁର ପାଖାପାଖି ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁମାନଙ୍କର ଗୁମ୍ଫା ରହିଛି। ସେଥିରୁ ଏ ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁ ବସବାସ କରୁଥିବା ଜଣା। ।ଯାଉଛି। ଗୁଜା ପାହାଡ଼ରେ ଅନେକଗୁଡ଼ିଏ ଗୁମ୍ଫା ରହିଛି ଏବଂ ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳ ମଧ୍ୟରେ। ମାତ୍ର ଏହାକୁ ପୋତାଯାଇ ରାସ୍ତା କରାଯାଇଛି ଏବଂ ସେହି ପାହାଡ଼ ପାଦଦେଶରେ ଏକ ଭ୍ରମଣସ୍ଥଳ ସୃଷ୍ଟି ରାଯାଇଛି। ସେହି ରମ୍ଭାଲୁଗାଠାରେ ମଧ୍ୟ ଏକ ଭ୍ରମଣକେନ୍ଦ୍ର ସୃଷ୍ଟି କରାଯାଇଛି ଏବଂ ସେଠାରେ ପଦ୍ମସମ୍ଭବଙ୍କର ଏକ ବୃହତ୍ତ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ କରାଯିବାର ଯୋଜନା ରହିଛି।

ସେହିଭଳି ଭିକମପାଲିଠାରେ ନିକଟରେ ଗୁରୁପଦ୍ମସମ୍ଭବଙ୍କ ଆବିର୍ଭାବ ଦିବସରେ ଉତ୍ସବ ପାଳନ ଅବସରରେ ସେଠାରେ ମାର୍ବଲ ନିର୍ମିତ ମୂର୍ତ୍ତି, ଭଗବାନ ବୁଦ୍ଧ ଓ ଶ୍ରୀଜଗନ୍ନାଥଙ୍କ ପ୍ରସ୍ତର ମୂର୍ତ୍ତିମାନ ବୌଦ୍ଧ ନୀତିନିୟମ ମୁତାବକ ସ୍ଥାପନ କରାଯାଇଛି ଏବଂ ପ୍ରତିଷ୍ଠା ଉତ୍ସବ ମଧ୍ୟ କରାଯାଇଛି ।ନିକଟସ୍ଥ ପଲସଦା ଗ୍ରାମରେ ଏକ ବୌଦ୍ଧସ୍ତୂପ ଥିବାର ଜଣାଯାଇଛି।

ପଦ୍ମପୁର ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ। ସ୍ଥାନୀୟ ପରମ୍ପରା ମୁତାବକ ଆଠବର୍ଷ ବୟସରେ ସେ କୌଣସିପରିସ୍ଥିତିରେ ଘର ଛାଡ଼ି ମହାନଦୀ କୂଳେ ତଳକୁ ସମ୍ବଲ ରାଜପ୍ରସାଦ ଆଡ଼କୁ ଯାହାକି ତାଙ୍କ ଗ୍ରାମଠାରୁ ବହୁ ଦୂରବର୍ତ୍ତୀ ଅଞ୍ଚଳ ନୁହେଁ, ଚାଲିଯାଇଥିଲେ। ସେଠାରେ ଧନକୋଷ ପୁଷ୍କରିଣୀ (ହ୍ରଦ କୁହାଯାଇଛି) ନିକଟରେ ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ତାଙ୍କୁ ଉଦ୍ଧାର କରିଥିଲେ। ପରେ ରାଜା ଆସି ତାଙ୍କୁ ରାଜପ୍ରସାଦକୁ ନେଇ ପରେ ପୋଷ୍ୟପୁତ୍ରଭାବେ ଗ୍ରହଣ କରିଥିଲେ। କୁହାଯାଏ ଧନକୋଷ ହ୍ରଦରେ ଅନେକ ପଦ୍ମଫୁଲ ସବୁବେଳେ ଫୁଟିଥାଏ, ଏବେ ମଧ୍ୟ ଫୁଟୁଛି। ପଦ୍ମଫୁଲ ହ୍ରଦ ପାଖରୁ ପାଇ ରାଜା ତାଙ୍କୁ ପଦ୍ମସମ୍ଭବ ନାମରେ ନାମିତ କରିଥିଲେ। ତାଙ୍କ ଜନ୍ମସ୍ଥଳ ଗ୍ରାମ ବା ନଗର / ସହରକୁ ମଧ୍ୟ ତାଙ୍କ ନାମରେ ରାଜା ହିଁ ପଦ୍ମପୁର ନାମରେ ନାମିତ କରି ତାଙ୍କ ସ୍ମୃତିରେ ସେଠାରେ ପଦ୍ମାସିନୀ ମନ୍ଦିର ନିର୍ମାଣ କରିଥିଲେ। ଏହି ପଦ୍ମପୁର ନଗର ସମକାଳରେ ଜନ୍ମ ମହାକବି ଭବଭୂତିଙ୍କର ମଧ୍ୟ ଜନ୍ମସ୍ଥାନ। ସେ ମଧ୍ୟ ପଦ୍ମସମ୍ଭବଙ୍କ ଭଳି ସେହିସ୍ଥାନରେ ଅଷ୍ଟମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦ୍ୱାରଶୁଣୀ ଘାଟି ରାସ୍ତା ସଂପ୍ରସାରଣ

# ୧୮ରୁ ୨୪ ଯାଏ କଟକଣା

ବାରିପଦା, ୧୪।୧୧(ସମିସ): ବାଙ୍ଗିରିପୋଷି ନିକଟ ୪୯ନଂ. ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ୯କିମି ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ କଟକଣା ବିଜ୍ଞପ୍ତି ପ୍ରକାଶ ପାଇଛି। କଣ୍ଟ୍ରୋଲ୍ ବ୍ଲାଷ୍ଟିଂ ସମୟରେ କୌଣସି ପଦଚାରୀ ଓ ଯାନବାହନର ପ୍ରବେଶ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକଣା କରାଯାଇଛି। ଏହି କଟକଣା ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୪ଟା ଯାଏ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ପଶୁପାଳକ ଓ ଅନ୍ୟ ଲୋକଙ୍କୁ ମଧ୍ୟ କୌଣସି ଗୃହପାଳିତ ପଶୁଙ୍କ ଛାଡ଼ିବାକୁ ବାରଣ କରାଯାଇଛି। ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନବାହନକୁ ପରିସ୍ଥିତି ଅନୁସାରେ ଏନଏଚଆଇ/ପୁଲିସ୍ କ୍ଲିୟରାନ୍ସ ପରେ ଅନୁମତି ଦିଆଯିବ। ସମସ୍ତ ଜନସାଧାରଣଙ୍କୁ ପ୍ରକଳ୍ପର ସଫଳତା ପାଇଁ ସହଯୋଗ କରିବାକୁ ଏନ୍ଏଚଆଇ ପକ୍ଷରୁ ନିବେଦନ କରାଯାଇଛି। ଏହି ସମୟରେ ବିଶୋଇ ଅର୍ଗଳବିନ୍ଧା, ଶଙ୍ଖାଭଙ୍ଗା, ଜୋକା, ଚନ୍ଦନପୁର, କାତରା ଛକ ଦେଇ ଯାନବାହନ ଯାତାୟାତ କରିପାରିବେ।

**ମଧ୍ୟାହ୍ନରୁ ଅପରାହ୍ଣ ୪ଟା ଯାଏ ସବୁ ଗାଡ଼ି ଚଳାଚଳ ବନ୍ଦ**

## ହାଇକୋର୍ଟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ନିମ୍ନ ଅଦାଲତଙ୍କ ରେକର୍ଡ ଦାଖଲ ନିର୍ଦ୍ଦେଶ

କଟକ,୧୪।୧୧(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ନିମ୍ନ ଅଦାଲତଙ୍କ ରେକର୍ଡପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ତରଫରୁ ନିମ୍ନ ଅଦାଲତଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ତାରିଖରେ ଜରିମାନା ରାଶି ପାଇଠ ନିର୍ଦ୍ଦେଶ ଉପରେ ରହିତାଦେଶ ଓ ଜାମିନ ପ୍ରଦାନ ପାଇଁ ପୁଞ୍ଜିଲାଲଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିମ୍ନ ଅଦାଲତ ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା।

## ■ ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ପୁରସ୍କାର

# ଓଡ଼ିଆ ଭାଷା ପାଇଁ ରାଜକିଶୋର ପାଢ଼ୀ ପୁରସ୍କୃତ

ଭୁବନେଶ୍ୱର,୧୪।୧୧(ସମିସ):ସାହିତ୍ୟ ଅକାଦେମୀ ପକ୍ଷରୁ 'ବାଲ ସାହିତ୍ୟ ପୁରସ୍କାର-୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୨୪ଟି ଭାରତୀୟ ଭାଷାରେ ବାଲ୍ୟ ସାହିତ୍ୟକାରଙ୍କୁ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଓଡ଼ିଆ ଭାଷାରେ କବିତା 'କେତେ ଫୁଲ ଫୁଟିଚି' ପାଇଁ ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ପୁରସ୍କୃତ ବାଲ ସାହିତ୍ୟକାରମାନଙ୍କୁ ତାମ୍ରଫଳକ ସମେତ ତଥା ୫୦ହଜାରଟଙ୍କାଲେଖାଏଁଅର୍ଥରାଶିପ୍ରଦାନକରାଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଖ୍ୟାତ ଗୁଜରାଟୀ ଲେଖିକା ବର୍ଷା ଦାସ ଯୋଗଦେଇ କହିଛନ୍ତି ଯେ, ବାଲ ସାହିତ୍ୟ ଆମକୁ ବିବିଧତାରେ ଏକତାର ଅନନ୍ୟ ସନ୍ଦେଶ ଦେଇଥାଏ। ତେଣୁ ଏହାର ଲେଖକ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପିଲାମାନଙ୍କୁ ବାଲ ସାହିତ୍ୟ ନିରନ୍ତର ମିଳୁଥିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ୍। ସେହିପରି ସେ ଗୁଜରାଟୀର ବିଖ୍ୟାତ



୨୪ ଭାରତୀୟ ଭାଷାର ବାଲ୍ ସାହିତ୍ୟକାର ପୁରସ୍କୃତ

ବାଲ୍ ସାହିତ୍ୟକାର ଗିଜୁ ଭାଇ ବଧେକାଙ୍କ ଲେଖନୀର ଅନେକ ଉଦାହରଣ ଦେଇ କହିଛନ୍ତି ଯେ ପିଲାମାନେ ବାଲ ସାହିତ୍ୟ ପଢ଼ି ପାଠପଢ଼ାରେ ରୁଚି ନେଉଥିବା ସହ ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ। କାହାଣୀର ବିବିଧତା ସେମାନଙ୍କୁ ସମଗ୍ର ବିଶ୍ୱ ସହ ଯୋଡ଼ିଥାଏ। ସେ ସାହିତ୍ୟ ଆକାଦେମୀ ଦ୍ୱାରା ବିଭିନ୍ନ ଭାରତୀୟ ଭାଷାରେ ବାଲସାହିତ୍ୟରଅନୁବାଦକୁଅତିଆବଶ୍ୟକମାନି ଏହାକୁ ନିରନ୍ତରବଜାୟରଖିବାରପରାମର୍ଶଦେଇଛନ୍ତି। ସାହିତ୍ୟ ଆକାଦେମୀର ଅଧ୍ୟକ୍ଷ ମାଧବ କୌଶିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ପିଲାମାନଙ୍କୁ ବାଲ୍ୟାବସ୍ଥାରୁ ଯଦି ଭଲ ବାଲ୍ ସାହିତ୍ୟ ପଢ଼ିବାକୁ ମିଳେ ତେବେ ସେମାନେ ବିଭିନ୍ନ ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରରେ ରହିବେ। ଏଥିରେ ଅନ୍ୟଅତିଥିଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟର ଉପସଚିବ ଅମିତା ପ୍ରସାଦ ସରଭାଇ, ଅକାଦେମୀର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର, ଅକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମା ପ୍ରମୁଖ ଉପସ୍ଥିତ ରହି ବାଲ ଲେଖକ କୌତୂହଳ, ଉତ୍କଣ୍ଠା ଓ ଜିଜ୍ଞାସାର ଭୂମିରେ ନିଜ କଲମରେ ଯାହା ସୃଷ୍ଟି କରନ୍ତି, ତାହା ନିଶ୍ଚୟ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା କାଲି ଅଧ୍ୟକ୍ଷତା ସାହିତ୍ୟ ଆକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ଅଡିଟୋରିୟମ୍, ପ୍ରଥମ ମହଲାରେ ଆୟୋଜିତ ହେବାକୁ ଥିବା 'ଲେଖକ ସମ୍ମିଳନୀ'ରେ ପୁରସ୍କୃତ ବାଲ୍ ସାହିତ୍ୟକାରମାନେ ନିଜ ରଚନାତ୍ମକ ଅନୁଭବ ପ୍ରଦାନ କରିବେ।

# ଏମ୍ସରେ କଣ୍ଠଶିଳ୍ପୀ ହ୍ୟୁମାନ୍‌ସାଗର

## ଲିଭର ଓ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ

ଭୁବନେଶ୍ୱର,୧୪।୧୧(ସମିସ): ଓଡିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଛି। କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ବର୍ତ୍ତମାନ ହ୍ୟୁମାନସାଗର ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କର ମଲ୍‌ଟି ଅରଗାନ୍ ଡିସଫଙ୍କସନାଲ ରହିଛି ବା ଶରୀରର ଅଧିକାଂଶ ଅଙ୍ଗ କାମ କରୁନାହିଁ। ବ୍ରେନରେ ସମସ୍ୟା ରହିବା ସହ ରେସପାରେଟୋରୀ ନିମୋନିଆ, ଲିଭର ଡିଜିଜ୍ ସାଙ୍ଗକୁ ସୋଡିୟମ ପରିମାଣ ମଧ୍ୟ କମିଥିବା ଜଣାପଡ଼ିଛି। ସେହିପରି କ୍ନିରେ ସମସ୍ୟା ଥିବା ସହ ନିମୋନିଆ ଯୋଗୁଁ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଛି। ଏପଟେ ରକ୍ତଚାପ ମଧ୍ୟ ସ୍ଥିର ହେଉନଥିବାରୁ ତାଙ୍କୁ ଔଷଧ ଦିଆଯାଉଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଏମସ୍ ପକ୍ଷରୁ କୁହାଯାଇଛି। ତେବେ ୨୦୨୪ରୁ ସେ ଅସୁସ୍ଥ ରହିଥିବା ଜଣାପଡ଼ିଛି।



ସେହିପରି ଓଲିଉଡର ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ମଧ୍ୟ ସେପ୍ଟେମ୍ବର ୪ ତାରିଖରୁ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସେ ଭେଣ୍ଟିଲେଟରରେ ଥିବା ବେଳେ ବର୍ତ୍ତମାନ ସେ ୱାର୍ଡକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନଥିବା ଜଣାପଡ଼ିଛି।

## ■ ପୀତବାସ ହତ୍ୟାକାଣ୍ଡ ମାମଲା

# ଶନିବାର ଟିଆଇ ପରେଡ୍‌ରେ ସାମିଲ ହେବେ ୮ ଗିରଫ ଅଭିଯୁକ୍ତ

ବ୍ରହ୍ମପୁର, ୧୪।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କର ଟିଆଇ ପରେଡ ହେବ। ପରେଡରେ ସାମିଲ ହେବାକୁ ଥିବା ଅଭିଯୁକ୍ତମାନେ ହେଲେ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଯୋଗେନ୍ଦ୍ର ରାଉତ, ଉମା ବିଷୋୟୀ, ଶିଶୁପାଳ ପାଶ୍ୱାନ, କୁନ୍ଦନ କୁମାର, ସିମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁ। ମାମଲାର ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଏଥିପାଇଁ କରିଥିବା ଆବେଦନକୁ ଏସଡିଜେଏମ୍ କୋ ଅନୁମତି ଦେଇଛନ୍ତି। ତଦନୁଯାୟୀ, ଆସନ୍ତା ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ ହେବ। ତେବେ ପୁଲିସ ଏହି ମାମଲାରେ କାହାକୁ ପ୍ରତ୍ୟକ୍ଷଦର୍ଶୀ ରଖିଛି, ତାହା ସ୍ପଷ୍ଟ ହୋଇନାହିଁ। ଶନିବାର ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାକ୍ଷୀମାନେ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବେ। ସାକ୍ଷୀ ଭାବେ ପୁଲିସ ଆକାଶ ବିଶୋୟୀ, ଏନ୍. କିରଣ କୁମାରଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରିଥିବା ସୂଚନା ମିଳିଛି। ତେବେ ଟିଆଇ ପରେଡ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ, ଏପରିକି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ସେମାନଙ୍କ ମୁହଁ ଖୋଲା ଚିତ୍ରକୁ ସାକ୍ଷୀମାନେ ଦେଖିଥିବାରୁ ଟିଆଇ ପରେଡରେ ଅପରାଧୀ ଚିହ୍ନଟ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ଥିବା ଆଲୋଚନା ହେଉଛି।

## ନୂଆପଡ଼ା ଉପନିର୍ବାଚନ

# ଜୟଙ୍କ ବାଜିମାତ୍

| |
|---|
| ବିଜୟ ବ୍ୟବଧାନ ୮୩ହଜାର ୨୦୪ |
| ଜୟ ପାଇଲେ ୧ଲକ୍ଷ ୨୩ହଜାର ୨୪୩ |
| ବିଜେଡିକୁ ମିଳିଲା ୩୮ ହଜାର ୨୫୬ |
| ନୋଟାକୁ ଗଲା ୧୯୯୫ |

ନୂଆପଡ଼ା, ୧୪।୧୧ (ସମିସ): ବହୁପ୍ରତୀକ୍ଷିତ ନୂଆପଡ଼ା ବିଧାନସଭା ଉପନିର୍ବାଚନର ସବୁ ଗଣିତ ପଦାକୁ ଆସିଛି। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଲଢ଼େଇ ହୋଇଥିବା ବେଳେ ବିଜେପିର ଜୟ ଢୋଲକିଆ ବାଜି ମାରିନେଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ୮୩ହଜାର ୨୦୪ ଭୋଟ୍ ଆଗରେ ରହି ସେ ବିଜୟ ତିଳକ ପିନ୍ଧିଛନ୍ତି। ତାଙ୍କୁ ୧ଲକ୍ଷ ୨୩ହଜାର ୨୪୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଘାସିରାମ ୪୦ ହଜାର ୩୯ ଖଣ୍ଡ ଭୋଟ୍ ପାଇଛନ୍ତି। ତୃତୀୟ ସ୍ଥାନରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮ହଜାର ୨୫୬ ଭୋଟ୍ ପାଇଛନ୍ତି। ସେହିପରି, ଏହି ନିର୍ବାଚନରେ ପ୍ରଥମଥର ପାଇଁ ଏଠିକାର ଭୋଟର୍ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ଦଳବଦଳ ରାଜନୀତିକୁ ଅତି ନିକଟରୁ ଦେଖିବା ସହ ମଦ, ମାଂସ ଓ ଟଙ୍କା କାରବାରକୁ ଏତେମାତ୍ରାରେ ଦେଖି ପ୍ରାର୍ଥୀ ତଥା ଦଳ ଉପରୁ ମୁହଁ ମୋଡ଼ିଥିବା ନୋଟା ଭୋଟ୍‌ରୁ ସ୍ପଷ୍ଟ ହୋଇଛି। ନୋଟାକୁ ସର୍ବାଧିକ ୧୯୯୫ଖଣ୍ଡ ଭୋଟ ପଡିଥିବା ଚର୍ଚ୍ଚାର ବିଷୟ ହୋଇଛି।

### ■ ବିଜେପି ଅଫିସରେ ଜୟଙ୍କୁ ସମ୍ବର୍ଦ୍ଧନା

ଗଣତି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବିଜେପିର ପ୍ରମୁଖ ନେତାଗଣ ନୂଆପଡ଼ାରେ ଡେରା ପକାଇ ରହିଥିଲେ। ଗଣତି କାର୍ଯ୍ୟ ଶେଷ ନ ହେଉଣୁ ଜୟଙ୍କ ନିଜର ସହର ଖରିଆରରୋଡ୍ ବସ୍ତିରେ ହୋଲିର ମାହୋଲ ହୋଇଥିଲା। ସ୍ୱତନ୍ତ୍ର ଗାଡ଼ିରେ ସବାର ହୋଇ ଜୟ ନୂଆପଡ଼ା ଅଭିମୁଖେ ଆସିଥିଲେ। ଗଣତି କେନ୍ଦ୍ରରେ ଜିଲ୍ଲାପାଳଙ୍କଠାରୁ ସାର୍ଟିଫିକେଟ୍ ହାସଲ କରିବାପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୟ ଢୋଲକିଆଙ୍କୁ ବିଜେପିର ଶତାଧିକ କର୍ମକର୍ତ୍ତା ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ହେଲେ କୁଆଡ଼େ ବେଶୀ ଭୋଟରେ ବିଜୟୀ ହୋଇଥିଲେ ବୋଲି କିଛି ବରିଷ୍ଠ ନେତାଙ୍କୁ ହଜମ ହୋଇ ନଥିଲା। ତେଣୁ ନେତାମାନେ କୁଆଡ଼େ ଲୁଚି ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏପରିକି, ଷ୍ଟେଜରେ ଜିଲ୍ଲା ସଭାପତିଙ୍କ ସହ କିଛି ନେତାଙ୍କ ମନୋମାଳିନ୍ୟ ହୋଇଥିବା ମଧ୍ୟ ଚର୍ଚ୍ଚାରେ ରହିଛି।

### ■ ବସନ୍ତଙ୍କ ଘରକୁ ଗଲେ ଜୟ

ବିଜେପିରେ ଯୋଗଦେବା ପରେ ଜୟ ଢୋଲକିଆ ପ୍ରଥମେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲେ। ବିଜୟ ପରେ ମଧ୍ୟ ନୂଆପଡ଼ାରେ ପ୍ରବେଶ କରି ପ୍ରଥମେ ବସନ୍ତ ପଣ୍ଡାଙ୍କ ଘରକୁ ଯାଇ ଦଣ୍ଡବତ ହୋଇଥିଲେ।

### ■ ଖରିଆରରୋଡ୍ ଓ ନୂଆପଡ଼ାରେ ବିଜୟ ଉତ୍ସବ

ବିଜୟ ଲାଭ କରିବା ପରେ ଜୟ ଆଜି ସଂଧ୍ୟାରେ ଖରିଆରରୋଡ୍‌ସ୍ଥିତ ନିଜ ବାସଭବନରୁ ବାହାରି ନୂଆପଡ଼ା ଅଭିମୁଖେ ଆସିଥିଲେ। ବାଟରେ ଏକତା ଛକରେ ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାରା ସହର ପରିକ୍ରମା କରିଥିଲେ। ପୂରା ସହର ଆଲୋକମାଳାରେ ଝଲସିବା ସହ ବାଣଫୁଟାରେ ଦୁଲୁକିଥିଲା।

### ■ ଟଙ୍କା, ମଦ-ମାଂସର ବିଜୟ ହୋଇଛି: ଘାସିରାମ

ଏହି ଉପନିର୍ବାଚନ ମଦ, ମାଂସ ଏବଂ ଟଙ୍କାର ରାଜନୀତି ଥିଲା। ନିର୍ବାଚନ ମଣ୍ଡଳୀର ନିରୀହ, ସରଳ ଜନତାଙ୍କୁ କିଣାବିକା ରାଜନୀତି କରି ବିଜେପି ହାତେଇଛି ବୋଲି ପରାଜିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ସେ ମଧ୍ୟ ଠିକ ଭାବରେ ଲଢ଼ିଥିଲେ। ହେଲେ କଂଗ୍ରେସ ତରଫରୁ ଠିକ ଭାବରେ ସହାୟତା ମିଳି ନଥିଲା ବୋଲି ହାରିଗଲେ। ହେଲେ ଜନତା ଜନାର୍ଦ୍ଦନଙ୍କ ଏଭଳି ସମର୍ଥନକୁ ସେ ଗ୍ରହଣ କରିଥିବା କହିଛନ୍ତି।

### ■ ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି: ଅବନୀ ରଞ୍ଜନ

ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି। ବିଜେପି ଲଢ଼େଇ ଆରମ୍ଭରୁ ହିଁ କଂଗ୍ରେସ ସହ ଲଢ଼େଇ ବୋଲି କହିଆସିଥିଲା। ନିର୍ବାଚନ ଆରମ୍ଭ ହେବାର ୪୮ ଘଣ୍ଟା ପୂର୍ବରୁ ନିରବ ଅବଧି (ସାଇଲେଣ୍ଟ ପିରିୟଡ୍) ଭାବେ ବିବେଚନା କରାଯାଇଥାଏ। ବିଜେଡି ଶାସନ କାଳରେ କୌଣସି ଦଳୀୟ କର୍ମକର୍ତ୍ତା, ନେତା ନିର୍ବାଚନମଣ୍ଡଳୀ ଭିତରେ ରହିବାର ନିୟମକୁ କଡ଼ାକଡ଼ି ପାଳନ କରୁଥିଲା। ହେଲେ ବର୍ତ୍ତମାନ ବିଜେପି ସବୁ ନିୟମକୁ ନିଜେ ଉଲ୍ଲଂଘନ କରି ଭୋଟକୁ ନିଜ ଅକ୍ତିଆରକୁ ନେଇଥିଲା। ପ୍ରାର୍ଥୀ ଚୋରିଠାରୁ ଆରମ୍ଭ କରି ଶେଷରେ ଭୋଟ ଚୋରି କଲା। ଏହା ଶାସକ ଦଳର ଅସାଧୁ ବିଜୟ ବୋଲି ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

କଟକ,୧୪।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୫୦ ବର୍ଷ ତଳେ କଟକରେ ପ୍ରତିଷ୍ଠା ହୋଇଥିବା ଏହି ଶିଳ୍ପୋଦ୍ୟୋଗ ଦୀର୍ଘବର୍ଷ ଧରି ବାଲିଯାତ୍ରାରେ ଅଂଶଗ୍ରହଣ କରିଆସୁଛି।

# ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୪।୧୧ (ସମିସ): ଜଟଣୀଠାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍ଏଫ୍ଏସ୍ୟୁ)ର ପ୍ରତିଷ୍ଠା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଅଗ୍ରଗତି ଆଲୋଚନା ହେବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନ୍ଏଫ୍ଏସ୍ୟୁର ବର୍ତ୍ତମାନ କାର୍ଯ୍ୟକଳାପ ଓ ଭବିଷ୍ୟତ ଯୋଜନା ସମ୍ପର୍କିତ ଆଲୋଚନା ହେବା ସହ ରାଜ୍ୟରେ ଅପରାଧ ବିଧି ବିଜ୍ଞାନର କ୍ଷମତା ବୃଦ୍ଧି କରି ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବିଶେଷ ଆଲୋଚନା କରାଯାଇଛି। ସେହିପରି ଓଡ଼ିଶା ଅପରାଧ ବିଧି ବିଜ୍ଞାନଗାରର ଅଧିକାରୀ, ପୁଲିସ ଓ ଅନ୍ୟ ଅଧିକାରୀଙ୍କୁ ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ କରିବାକୁ ମଧ୍ୟ ଆଲୋଚନା ହୋଇଛି।

ସୂଚନାଯୋଗ୍ୟ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟ ପାଇଁ ଜଟଣୀର ଗଡଡ଼କାଶୀପୁର ଓ ଅଳକାରଠାରେ ଜମି ଯୋଗାଇ ଦିଆଯାଇଛି। ଗୁଜରାଟର ଅହମଦାବାଦଠାରେ ଥିବା ଏନ୍ଏଫ୍ଏସ୍ୟୁର ଏକ ଶାଖା ଭାବେ କାର୍ଯ୍ୟ କରିବ। ନିର୍ମାଣରେ ବିଳମ୍ବ କାରଣରୁ ମଞ୍ଚେଶ୍ୱରଠାରେ ଚଳିତ ବର୍ଷଠାରୁ ଏକ ଅସ୍ଥାୟୀ କ୍ୟାମ୍ପସ୍‌ରେ ଏହି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି ଏବଂ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହୋଇଛି। ୮ଜଣ ଅଧ୍ୟାପକଙ୍କ ସହ ୧୧ଜଣ ପ୍ରଶାସନିକ ଅଧିକାରୀ ୫ଜଣ ପିଏଚ୍‌ଡି ସ୍କଲାର କାର୍ଯ୍ୟରତ ଅଛନ୍ତି। ଏହି ବୈଠକରେ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ନୂଆଦିଲ୍ଲୀସ୍ଥିତ ଏନ୍ଏଫ୍ଏସ୍ୟୁ ନିର୍ଦ୍ଦେଶିକା ପୂରବୀ ପୋଖାରିୟା, ଏସ୍ଏଫ୍ଏସ୍ଏଲ୍ ନିର୍ଦ୍ଦେଶିକା ଡ. ସନ୍ତୋଷ ବାଲା, ସ୍ୱତନ୍ତ୍ର ଶାସନ ସଚିବ ଆର.କେ ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ 'ନୀମୋ'..

କରିଛି। ଗତ ନିର୍ବାଚନରେ ଦୁଇ ଅଙ୍କ ଛୁଇଁ ପାରି ନ ଥିବା ଲୋକଜନଶକ୍ତି ପାର୍ଟି ୨୮ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ଟି ଆସନରେ ବିଜୟୀ ହୋଇଛି ।

କୌତୂହଳର ବିଷୟ ଯେ, ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଅଳ୍ପକେ ବିଜୟୀ ହୋଇ ସମ୍ମାନ ରଖିବାରେ ସକ୍ଷମ ହୋଇଥିଲେ ହେଁ ତାଙ୍କ ଦଳ ଆର୍‌ଜେଡି ମାତ୍ର ୨୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମହାଗଠନବନ୍ଧନର ପ୍ରମୁଖ ସହଯୋଗୀ କଂଗ୍ରେସର ଆସନ ସଂଖ୍ୟା ୬ ମଧ୍ୟରେ ସୀମିତ ରହିଛି। ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରଜ ପାର୍ଟି, ଭିଆଇପି ଆଦି ରାଜନୈତିକ ଦଳ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଗତ ନିର୍ବାଚନ ତୁଳନାରେ ଏନଡିଏ ୭୫ରୁ ଅଧିକ ଆସନ ଲାଭ କରିଛି। ଚଳିତ ନିର୍ବାଚନରେ ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ତଥା ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ମଧ୍ୟ ନିର୍ବାଚନରେ ପରାଜିତ ହୋଇଛନ୍ତି। ଭୋଜପୁରୀ ଅଭିନେତା ଆର୍‌ଜେଡି ପ୍ରାର୍ଥୀ ଖେସାରୀ ଲାଲ ପରାଭବ ଭୋଗିଥିବାବେଳେ ବିଜେପି ପ୍ରାର୍ଥୀ ତଥା ଲୋକଗୀତ ଗାୟିକା ମୈଥିଳୀ ଠାକୁର ଆଲିନଗର ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି । ତେବେ ଅସଦୁଦ୍ଦିନ ଓୱେସୀଙ୍କ ଏଏମ୍ଆଏମ୍ ୫ଟି ଆସନ ବଜାୟ ରଖିଛି।

### ବିଜେପି ମଥାରେ...

ବିଧାୟକ ହେବା ସ୍ୱପ୍ନ ସାକାର ହୋଇଛି। ବାପା ରାଜେନ୍ଦ୍ର ଢୋଲକିଆ ୪ ଥରର ବିଧାୟକ ଥିବାବେଳେ ବିଜେଡି ସରକାରରେ ସେ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି; କିନ୍ତୁ ପିତା ରାଜେନ୍ଦ୍ରଙ୍କ ପରଲୋକ ପରେ ବ୍ୟବସାୟରେ ଲିପ୍ତ ଥିବା ଜୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ବାପା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ରାଜନୀତିରେ ପାଦ ଥାପିଥିଲେ ଜୟ ଢୋଲକିଆ। ଗତ ଅକ୍ଟୋବର ୧୧ରେ ଅପ୍ରତ୍ୟାଶିତ ଭାବେ ସେ ବିଜେପିରେ ସାମିଲ ହୋଇଥିଲେ ଓ ଦଳୀୟ ଟିକଟରେ ନିର୍ବାଚନ ଲଢ଼ିଥିଲେ। ଏହି ଆସନ ଏବେ ବିଜେପି ହାତକୁ ଚାଲିଯାଇଥିବା ବେଳେ ଉଭୟ ବିଜେଡିକୁ ବଡ଼ ଧକ୍କା ଲାଗିଛି। ଗତ ନିର୍ବାଚନରେ ୫୧ ଆସନରେ ବିଜୟୀ ହୋଇଥିବା ବିଜେଡିର ଆସନ ସଂଖ୍ୟା ଗୋଟିଏ ହ୍ରାସ ପାଇଛି। ସେହିପରି ବିଜେପିର ଆସନ ସଂଖ୍ୟା ବିଧାନସଭାରେ ଗୋଟିଏ ବୃଦ୍ଧି ପାଇଁ ୭୯ରେ ପହଞ୍ଚିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କର ବିଧାୟକ ହେବାର ସ୍ୱପ୍ନ ଅଧୁରା ରହିଯାଇଛି। ପୂର୍ବରୁ ୫ ଥର ପରାଜୟ ସ୍ୱାଦ ଚାଖିଥିବା ଘାସିରାମ ଏଥର ନିର୍ବାଚନ ଜିତିବା ନେଇ ଆଶାବାଦୀ ଥିଲେ ମଧ୍ୟ ଗତ ନିର୍ବାଚନ ପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ବିଜୟୀ ହେବାପରେ ବାପା ରାଜେନ୍ଦ୍ର ଢୋଲକିଆଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବେ ବୋଲି ଦୋହରାଇଛନ୍ତି ଜୟ ଢୋଲକିଆ। ସେ କହିଛନ୍ତି ଯେ ଏହି ବିଜୟ ନୂଆପଡ଼ାବାସୀଙ୍କର। ଆଗାମୀ ଦିନରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଦିନରାତି ଏକ କରିଦେବ। ତାଙ୍କର ବିଶାଳ ବିଜୟ ହେବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ଆଭିମୁଖ୍ୟକୁ ନୂଆପଡ଼ାବାସୀ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୦୨୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଆଜିର ଭୋଟଗଣତି ଫଳ ପ୍ରକାଶ ପାଇବା ପରେ ତାଙ୍କୁ ପୁଣିଥରେ ଦ୍ୱିତୀୟ ସ୍ଥାନ ମିଳିଛି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସେ ଏକାଧିକ ଥର ନିର୍ବାଚନ ହାରିଥିଲେ ମଧ୍ୟ ଆଶା ହରାଇନାହାନ୍ତି। ଆଗକୁ ଯେତେ ନିର୍ବାଚନ ହେବ ସେ ନୂଆପଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୁଣି ଥରେ ଘାସିରାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

### ଅଭିନନ୍ଦନ ଜଣାଇଲେ...

କରିଥିବା ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କୁ ନବୀନ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

ନବୀନ କହିଛନ୍ତି ଯେ ନିର୍ବାଚନ ଆସେ ଏବଂ ଯାଏ; କିନ୍ତୁ ଆମର ମୂଲ୍ୟବୋଧ ଏବଂ ଲୋକଙ୍କ ବିଶ୍ୱାସ ପ୍ରତି ସର୍ବଦା ସମ୍ମାନ ରହିବା ଆବଶ୍ୟକ। ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ଓ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ଆମ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ। ବିଜେଡି ଅନେକ ଉତ୍ଥାନ-ପତନ ଦେଇ ଗତି କରିଛି। ତଥାପି ଲୋକଙ୍କ ପାଇଁ ଲଢ଼ିବା ପାଇଁ ଆମର ସଂକଳ୍ପ ଅତୁଟ ରହିଛି, ଆଗକୁ ମଧ୍ୟ ଏହା ଜାରି ରହିବ। ଆମ ଦଳ ଲଢୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ। ଓଡ଼ିଶା ଲୋକଙ୍କ ଅଧିକାର ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ପୁନର୍ବାର ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଯେଉଁମାନେ ବିଜେଡିକୁ ଭୋଟ ଦେଇଛନ୍ତି ଏବଂ ଏହି ଉପନିର୍ବାଚନ ପାଇଁ କଠିନ ପରିଶ୍ରମ କରିଥିବା ଦଳର ସମସ୍ତ କର୍ମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।


Phone No. (06854)241159/232714, Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**

HEAD OFFICE: N.K.T. ROAD, JEYPORE - 764003: DIST: KORAPUT (ODISHA)

Letter No. 4036/P&S / 2025-26, Date 13.11.2025

**QUOTATION CALL NOTICE**

Sealed quotations are invited from the intending registered firm for making a Gold weighing Machine for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.20.11.2025** by **5.30** P.M latest as per following specification along with **2%** security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **21.11.2025** at **4.30** P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No | Particulars | Qty. required approximately | Proposed installation Site/Places in the KCCB Ltd., Branch bank |
|---|---|---|---|
| 1. | Gold Weighing Machine: Electronic Weighing Scale Make: Contech Model: CTL 600 Capacity: 600 Readability:0.01g Pan Size: 115 Digital display and wind shield Duly verified & stamped by Legal Metrology Deptt. Govt, of Odisha. | 6 | KCCB Ltd., Main, Koraput, Semiliguda, M.V. 79 Branch @ Kalimela, Gunupur & Padmapur Branch. |

The above items should be quoted including GST, Transportation, Delivery/Supply at the above Branch Bank of the Koraput Central Cooperative Bank Ltd., Jeypore (within undivided Koraput District) including installation/charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies The authority reserves the right to reject all or any quotations without assigning any reason thereof Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik Manager P&S, KCC Bank Ltd., Head Office, Jeypore. Mobile No.: 9777519964.

**Secretary**
**Koraput Central Cooperative Bank Ltd.,**
**Jeypore**



**AFFIDAVIT**

I Mohammed Salauddin, S/o.: Md Nazar Mohiuddin, At: Bazar Sahi, PO/PS-Dhamnagar, Dist.: Bhadrak, PIN-756117, Odisha. declare by this affidavit No. 53296 Dated. 12.11.2025 that now onwards I shall be known as **Md Salauddin** for all future purposes

**AFFIDAVIT**

By virtue of an affidavit No.51 sworn before The Executive Magistrate, Bhubaneswar, dated: 28/10/2025, I, Sai Omm Sahoo, S/O- Debarchan Sahoo, resident of: Plot No.36/403, Lenkudi, Ranga Bazar, Bhubaneswar, Dist: Khorda, PIN: 752100, Odisha declare that I have changed my name from Sai Omm Santosh Kumar Sahoo to Sai Omm Sahoo. Henceforth, I shall be known as Sai Omm Sahoo for all purposes.

**Sai Omm Sahoo**

**AFFIDAVIT**

I Manoja Kumar Padhi, Resident of Plot No.: EB 723, Badagada Brit Colony, Bhaskareswar Temple, Bhubaneswar, Khordha, Odisha-751018, Odisha Declare by this Affidavit No.: 37, Date: 13.11.2025, that now onwards, I shall be known as **Manoj Kumar Padhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar. CF No:- 106 on dated 11.11.2025.I Nilanchala Patro, Son of Late.Panchanana Patro, Resident at: - Khilabadi,PO/PS:-Surada. Dist. Ganjam. PIN. 761108. Odisha. declare that' I have changed my Son's name from Rudranshu Patro to Rudransh Patro.Henceforth He shall be known as **RUDRANSH PATRO** for all future purposes.

**Nilanchala Patro**

**NOTICE**

By virtue of an affidavit sworn before The Executive Magistrate, Bhubaneswar, dated 14.11.2025 I, Mr. Subash Jena, Address At-Salia Sahi, Mahabir Nagar, PO-RRL, Ps- Nayapalli, Bhubaneswar, Dist-Khordha, odisha-751013 declare that I have changed my Daughter's name from Liza Jena to Deepti Mahi Jena Henceforth, she shall be known as **Deepti Mahi Jena** for all purposes.

**Sd/- Subash Jena**

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, vide no.18 dtd.10.11.2025, I Rasmita Bhoi, D/o- Ghania Bhoi resident of Kaliakera, Po.- Gabakund, Ps.- Chandanpur, Dist.-Puri, Odisha-752045 state that,my actual and correct name is Rasmita Bhoi, Date of Birth is 01.12. 2003 but in my Aadhar card my name has been wrongly mentioned as Bangu Bhoi & Date of Birth 20.05.2005. That, **Rasmita Bhoi** and **Bangu Bhoi** is one and same person who is myself.

**SALE**

01 Number of TATA ACE GOLD PETROL CX/2023, Registration No.- OD-15-W-3690, Model-2023, - ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, Contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

ସକାଳ
THE SAKALA



www.sakalaepaper.com

## ୫୦ କେଜି ଗଞ୍ଜେଇ ଜବତ: ୨ ଗିରଫ



ବିନିକା,୧୪ ।୧୧(ସମିସ): ସୁବର୍ଣ୍ଣପୁରରୁ ବିନିକା ଭାୟା ଦେଇ ରାମପୁର ମୁଖ୍ୟ ରାସ୍ତାଟି ଏବେ ଗଞ୍ଜେଇ ବେପାରୀଙ୍କ ପାଇଁ କରିଡର ରାସ୍ତା ପାଲଟିଛି । ତେଣୁ ଏହି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଏବଂ ଏହି ବ୍ୟବସାୟରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ଧରିବା ପାଇଁ ପୁଲିସ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଗାଡ଼ି ମଟର ଚେକିଂକୁ ଗୁରୁତ୍ୱ ଦିଆଯାଉଛି । ଆଜି ସକାଳେ ବିନିକା ସହର ମୁଖ୍ୟ ରାସ୍ତା ଥାନା ଛକଠାରେ ପୁଲିସ ପକ୍ଷରୁ ଯାନବାହାନ ଯାଞ୍ଚ କରାଯାଉଥିବାବେଳେ ସନ୍ଦେହରେ ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା । ଗାଡ଼ିରେ ଗଞ୍ଜେଇ ଥିବା ଦେଖି ପୁଲିସ ଗାଡ଼ିକୁ ଜବତ କରିଥିବାବେଳେ ୨ଜଣ ବ୍ୟକ୍ତିଙ୍କୁ ଥାନାକୁ ନେଇ ପୁଲିସ ପଚରାଉଚୁରା କରିଥିଲା । ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ବିନିକା ଅତିରିକ୍ତ ତହସିଲଦାର ପହଞ୍ଚିବା ପରେ ବିନିକା ଥାନା ଅଧିକାରୀ ଓ ପୁଲିସ କର୍ମଚାରୀ ଉକ୍ତ ଗାଡ଼ିକୁ ଯାଞ୍ଚକରି ଗାଡ଼ି ଭିତରୁ ଗଞ୍ଜେଇ ବାହାର କରି ଓଜନ କରିଥିଲେ । ପ୍ରାୟ ୫୦କେଜି ଗଞ୍ଜେଇ ଜବତ କରାଯାଇଛି । ଏଥିରେ ସଂଶ୍ଳିଷ୍ଟ ବୌଦ୍ଧ ଜିଲ୍ଲାର ୨ଜଣ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି ।

## ଅଜିତ ଖଣ୍ଡଗିରି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଗିରଫ

ବୀରମହାରାଜପୁର,୧୪ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ମେଣ୍ଡାମାଳ ଗାଆଁରେ ଘଟିଥିବା ଅଜିତ୍ ଖଣ୍ଡଗିରି ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତକୁ ଗୁରୁବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ହେଲେ ମେଣ୍ଡାମାଳ ଗ୍ରାମର ସୁରେନ୍ଦ୍ର ପାତ୍ର ।

ସୂଚନାଯୋଗ୍ୟ ଯେ, ଉକ୍ତ ହତ୍ୟାକାଣ୍ଡରେ ପୂର୍ବରୁ ପୁଲିସ ମୁଖ୍ୟ ଅଭିଯୁକ୍ତ ସହ ୩ଜଣଙ୍କୁ କୋର୍ଟଚାଲାଣ କରିଛି । ଅନ୍ୟତମ ଅଭିଯୁକ୍ତମାନେ ଘଟଣା ପରଠାରୁ ଫେରାର ହୋଇଯାଇଥିଲେ । ସେଇଦିନରୁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାପାଇଁ ତଦନ୍ତ ଜାରି ରଖିଥିଲେ । ପରେ ହରିହର ଯୋର ଫାଣ୍ଡି ଅଧିକାରୀ ବିଭୁରେନ୍ଦ୍ର ବରାଳଙ୍କ ନେତୃତ୍ୱରେ ଏକ ଟିମ୍ ବାଙ୍ଗାଲୋର ଅଭିମୁଖେ ଯାଇଥିଲେ । ସେଠାରେ ଉକ୍ତ ଟିମ୍ ସୁରେନ୍ଦ୍ର କାମ କରୁଥିବା କମ୍ପାନୀରେ ପହଞ୍ଚି ତାଙ୍କୁ ଗିରଫ କରି ଗତକାଲି ବୀରମହାରାଜପୁର ଥାନାକୁ ଆଣିଥିଲେ । ଆଜି ପୁଲିସ ସୁରେନ୍ଦ୍ରକୁ କୋର୍ଟ ଚାଲାଣ କରିଛି । ମୃତ ଅଜିତଙ୍କ ପରିବାର ଲୋକଙ୍କ କହିବାନୁସାରେ ଏ ପର୍ଯ୍ୟନ୍ତ ଆହୁରି ୨ଜଣ ଅଭିଯୁକ୍ତ ଗିରଫ ହୋଇ ନାହାଁନ୍ତି, ତେଣୁ ଏ ଦିଗରେ ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ କରି ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି ।

## ଅସହାୟ ଯୁବତୀଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ, ୧୪ ।୧୧(ସମିସ): ବୌଦ୍ଧ ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଲି ଗ୍ରାମର ଭିକାରି ମହାକୁଡ଼ଙ୍କ ଏକମାତ୍ର ଦିବ୍ୟାଙ୍ଗ ଝିଅ ଶାନ୍ତି (୩୫)ଙ୍କ ମୃତ୍ୟୁ ଘଟିଛି । ମାହେଶ୍ୱରୀ ସେନା ଓ ଜଗତି କେନ୍ଦ୍ର କର୍ମକର୍ତ୍ତା ତାଙ୍କ ଶବ ଶତ୍କାର କରିଛନ୍ତି । ଶାନ୍ତିଙ୍କ ମା' ୧୦ବର୍ଷ ଆଗରୁ ଆଖି ବୁଜିଛନ୍ତି । କିଛିଦିନ ହେବ ଶାନ୍ତି ଅସୁସ୍ଥ ହେବାରୁ ଭିକାରି ବୌଦ୍ଧ ଡାକ୍ତରଖାନା ନେଇ ଝିଅକୁ ଚିକିତ୍ସା କରିଥିଲେ; କିନ୍ତୁ ଶୁକ୍ରବାର ଭୋର ୪ଟାରେ ଶାନ୍ତି ଆଖି ବୁଜିଥିଲେ ।

ଖବର ପାଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପୁରୋହିତ ପହଞ୍ଚି ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ଶବ ସତ୍କାର ଲାଗି ବ୍ୟବସ୍ଥା କରିଥିଲେ । ଜଗତି କେନ୍ଦ୍ରର ସଭାପତି ବିଶିକେଶନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ସମ୍ପାଦକ ଶମ୍ଭୁ ଗିରି, କୋଷାଧକ୍ଷ ନିରଞ୍ଜନ ଗିରି, ଉପ ସଭାପତି ଅଗସ୍ତି କର୍ମୀ, ସଦସ୍ୟ ହେରମ୍ବ ଗିରି, ମହେନ୍ଦ୍ର ଗିରି, ତ୍ରମାଳ ପରିଷଦ ପୂର୍ବ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ, ମା ମାହେଶ୍ୱରୀ ସେନାର ରାଜ୍ୟ ସମ୍ପାଦକ ମହେନ୍ଦ୍ର ମହାକୁଡ଼, ସକ୍ରିୟ ସଦସ୍ୟ ଶଶୀ ମହାକୁଡ଼ ଓ ବସନ୍ତ ନାୟକ ପ୍ରମୁଖ ସବ ସତ୍କାର କରିଥିଲେ । ଝିଅର ଶୁଦ୍ଧିକ୍ରିୟା ସରିବା ପରେ ମଥୁରା ଦନ୍ତାପାଲିସ୍ଥିତ ମାହେଶ୍ୱରୀ ଗୋଶାଳା ଓ ଜରା ଆଶ୍ରମରେ ଭିକାରିଙ୍କୁ ଥଇଥାନ କରିବା ପାଇଁ ଶ୍ରୀ ପଲିଆ ପ୍ରତିଶ୍ରୁତି ଦେଇଥିଲେ ।

## କଣ୍ଡରା, ସୁଲକେଟି ଅଞ୍ଚଳରୁ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ

# ପୁଲିସ-ବନ ବିଭାଗ ତଥ୍ୟରେ ସନ୍ଦେହ

ହରଭଙ୍ଗା,୧୪ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ପୁଲିସ ଏବଂ ମାଧପୁର ବନ ବିଭାଗ ପକ୍ଷରୁ ଶୁକ୍ରବାର ବ୍ୟାପକ ଗଞ୍ଜେଇ ଗଛ କଟା ଯାଇଛି । ପୁଲିସ, ବନ ବିଭାଗ ଏବଂ ରାଜସ୍ୱ ବିଭାଗର ପାଖାପାଖି ୨୫ଜଣ କର୍ମଚାରୀ ମିଳିତ ଭାବେ ଆଡେଣିଗଡ ଫରେଷ୍ଟ ସେକ୍ସନ ଅଧୀନ ଦୁର୍ଗମ କଣ୍ଡରା ଏବଂ ସୁଲକେଟି ଅଞ୍ଚଳରୁ ପାଖାପାଖି ଦେଢ଼ଏକର ଅଞ୍ଚଳରେ ହୋଇଥିବା ୧ ହଜାର ଗଞ୍ଜେଇ ଗଛ କାଟିଥିଲେ । ପୁରୁଣାକଟକ ଥାନା ଅଧିକାରୀ ଅରୁଣ ସିଂଙ୍କ ସମେତ ପୁଲିସ କର୍ମଚାରୀ, ଆଡେଣିଗଡ ଫରେଷ୍ଟର ଅଭିମନ୍ୟୁ ମହାନ୍ତି, ବନରକ୍ଷୀ ମୃତ୍ୟୁଞ୍ଜୟ ମହାରଣା ଏବଂ ପୁଲିସ ଫୋର୍ସ ସହ ରାଜସ୍ୱ କର୍ମଚାରୀ ଏଥିରେ ସାମିଲ ଥିଲେ ।

ଏହି ଦୁଇଟି ସ୍ଥାନରୁ ପ୍ରାୟ ଦେଢ ଏକର ଅଞ୍ଚଳରୁ ୧ ହଜାରରୁ ଅଧିକ ଗଞ୍ଜେଇଗଛ କଟାଯାଇଥିବା ଆଡେଣିଗଡ ଫରେଷ୍ଟର ଅଭିମନ୍ୟୁ ମହାନ୍ତି ସୂଚନା ଦେଇଛନ୍ତି । ତେବେ ପୁରୁଣାକଟକ ଥାନା ଅଧିକାରୀ ଅରୁଣ ସିଂ ପ୍ରାୟ ୩୩ ଏକର ଅଞ୍ଚଳରୁ ୩୩ ହଜାର ୬୫୪ ଗଞ୍ଜେଇ ଗଛ କଟାଯାଇଥିବା ସୂଚନା ଦେଇଛନ୍ତି । ବନ ବିଭାଗ ଏବଂ ପୁଲିସର ତଥ୍ୟରେ ଫରକ ଦେଖା ଦେଇଛି । ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୁଲିସ ନା ବନ ବିଭାଗ କାହା ତଥ୍ୟ ଠିକ୍ ତାକୁ ନେଇ ପ୍ରଶ୍ନ ଉଠିଛି । ଏଥିରୁ ଜଣା ପଡୁଛି ଉଭୟ ବିଭାଗ ମଧ୍ୟରେ ଆଦୌ ତାଳମେଳ ବା ସମନ୍ୱୟ ନାହିଁ । କେବଳ ଉପରଠାଉରିଆ ଭାବେ ଉଭୟ ବିଭାଗ କାମ କରୁଛି ।



## ଖସିଗଲେ ଗଞ୍ଜେଇ ମାଫିଆ

ଶଗଡା,୧୪ ।୧୧(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣି ପୁଲିସ ଗଜରାଜପୁର ଗାଁ ନିକଟରୁ ୨ କୁଇଣ୍ଟାଲ ୧୩ କେଜି ଗଞ୍ଜେଇ ଜବତ କରିଛି । ମାଫିଆ କିନ୍ତୁ ଫେରାର ମାରିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଉଁଶୁଣି ଥାନା ଅଧିକାରୀ ମନ୍ଦାକିନୀ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା । ତେବେ ପୁଲିସକୁ ଦେଖି ମାଫିଆମାନେ ଖସି ପଳାଇଥିଲେ । ପୁଲିସ କେବଳ ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହେବାକୁ ପଡିଛି ।



## ଶଗଡ଼ାରେ ଶିଶୁ ଅଧିକାର ମହୋତ୍ସବ

ମନମୁଣ୍ଡା,୧୪ ।୧୧(ସମିସ): ଶଗଡାରେ ଆଶା ଅନୁଷ୍ଠାନ ଦ୍ୱାରା ଶିଶୁ ଅଧିକାର ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଶଗଡା ପଞ୍ଚାୟତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଉଦ୍‌ଘାଟନ କରିଥିଲେ । ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ସଗଡା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଳ ଏବଂ ଗୁଣ୍ଡୁଲିଆ ସରପଞ୍ଚ ଧବଳେଶ୍ୱର ସିଂହ ଉପସ୍ଥିତ ଥିଲେ । ଆଶା ଅନୁଷ୍ଠାନର ସଭାପତି ଦୀନବନ୍ଧୁ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଶାର ସମ୍ପାଦକ ରାଜୀବ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ । ରଚନା, ଚିତ୍ରାଙ୍କନ, ବକ୍ତୃତା, ଶ୍ରୁତଲିଖନ ଏବଂ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଶଗଡା, ଗୁଣ୍ଡୁଲିଆ ଏବଂ ଶୁଣ୍ଠିପଦର ପଞ୍ଚାୟତର ୫ଶହରୁ ଅଧିକ ଶିଶୁ ଅଂଶ ଗ୍ରହଣ କରିଥିଲେ ।

## ପଦଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

ବୌଦ୍ଧ,୧୪ ।୧୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଏକ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଲରେନ୍ସ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ପଦଯାତ୍ରା ଆସନ୍ତା ୧୮ ତାରିଖ ସକାଳ ୭ଟାରେ ବୌଦ୍ଧ ଭୈରବୀ ମନ୍ଦିରଠାରୁ ଆରମ୍ଭ ହେବ ।

## ଭିଜିଲାନ୍ସ ଜାଲରେ ୨ ସରକାରୀ ଅଧିକାରୀ

ତରଭା, ୧୪।୧୧(ସମିସ): ଲାଞ୍ଚ ନେଇ ସୁବର୍ଣ୍ଣପୁର ଜିଲ୍ଲାର ଦୁଇ ଜଣ ସରକାରୀ ଅଧିକାରୀ ଧରା ପଡିଛନ୍ତି । ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଓ ବୁଣାକାର ସମବାୟ ସମିତି ସମ୍ପାଦକ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସତ୍ୟାନନ୍ଦ ବେହେରା ଓ ଉଲୁଣ୍ଡା ବୁଣାକାର ସମବାୟ ସମିତିର ସମ୍ପାଦକ ରମାକାନ୍ତ ମେହେରଙ୍କୁ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଧରିଛି । ଉଭୟ ତାଲିମ ଶିବିରରେ ତାଲିମପ୍ରାପ୍ତ ହିତାଧିକାରୀଙ୍କ ଆର୍ଥିକ ସହାୟତା ରିଲିଜ୍ କରିବାକୁ ୮୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଶୁକ୍ରବାର ୩୬ ହଜାର ଟଙ୍କା ନେବା ସମୟରେ ଭିଜିଲାନ୍ସ ଚଢ଼ଉ କରି ଧରିଛି । ଉଭୟଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ ହୋଇଛି । ଏହି ଘଟଣା ଆଜି ସୁବର୍ଣ୍ଣପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।





## ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି

ବିନିକା,୧୪ ।୧୧(ସମିସ): ବିନିକା ବ୍ଲକ ଫୁଲ ମୁଠିରେ ମା' ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ନେଇ ମାହେଶ୍ୱରୀ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ୱାର୍ଡ ପ୍ରତିନିଧି ଆନନ୍ଦ ହୋତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗ୍ରାମବାସୀଙ୍କ ସହିତ ବିଶେଷ କରି ଯୁବଗୋଷ୍ଠୀ ସାମିଲ ହୋଇଥିଲେ । ସଚେତନ ନାଗରିକ ପ୍ରମୋଦ ଦାଶ ମନ୍ଦିର ପ୍ରତିଷ୍ଠା ନେଇ ଯୁବ ସମାଜର ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରତିଷ୍ଠା ଉତ୍ସବ ପାଳନ ନେଇ ଏକ ଅସ୍ଥାୟୀ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ସମସ୍ତେ ସହମତି ପ୍ରଦାନ କରି ପ୍ରତିଷ୍ଠା ପରିଚାଳନା କମିଟି ଗଠନ ହୋଇଥିଲା । ପ୍ରସ୍ତାବ ଓ ସମର୍ଥନ କ୍ରମେ କମିଟିର ସଭାପତି ଭାବେ ବାବୁଲାଲ ପଣ୍ଡା, ଉପ ସଭାପତି ଆନନ୍ଦ ହୋତା, ସମ୍ପାଦକ ପ୍ରକାଶ ରଥ, ସହ ସମ୍ପାଦକ ନୀଳାମ୍ବର ସାହୁ, କୋଷାଧକ୍ଷ ବାମଦେବ ବରିହା, ଗିରିଜା ଶଙ୍କର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିବା ବେଳେ ପ୍ରାୟ ୫୦ଜଣ ସଦସ୍ୟ ରହିଛନ୍ତି ।

## ପ୍ରେସ୍ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବୌଦ୍ଧ,୧୪ ।୧୧(ସମିସ): ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ରମେଶ ପ୍ରସାଦ ମେହେର ଏବଂ ନୀଳଲୋହିତ ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରଦୀପ ମହାନ୍ତି, ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର, ସ୍ୱସ୍ତିକା ବିଶି, ଦୁଃଖୀଶ୍ୟାମ ବେହେରା, ରାଧାମୋହନ ମହାରଣା, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନତ ପ୍ରଧାନ, ସତ୍ୟନାରାୟଣ ମିଶ୍ର, ପ୍ରଦୋଷ ମିଶ୍ର, ଜ୍ଞାନଚାନ୍ଦ ଶତପଥୀ, ଅଧାପକ ଶରତ ପାତ୍ର ବିଚାରକ ଦାୟିତ୍ୱ ତୁଲାଇ ଥିଲେ । ଅକ୍ଷୟ ମହାକୁଡ଼, ଜିଲ୍ଲା ପାଠଗାର କର୍ମଚାରୀ ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ୧୬ ତାରିଖ ଜାତୀୟ ପ୍ରେସ୍ ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

## ତୁଲୁଣ୍ଡା, ତାଳପଦରରେ ଶିଶୁ ଦିବସ



ତରଭା,୧୪ ।୧୧(ସମିସ): ତରଭା ବ୍ଲକ୍ ଦୁବୁଲା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ତୁଲୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜବାହରଲାଲ ନେହରୁଙ୍କ ଜନ୍ମଦିବସରେ ଶିଶୁଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶିକ୍ଷୟିତ୍ରୀ କମଳିନୀ ତ୍ରିପାଠୀ, ଭାରତୀ ବେହେରା ଓ ଯାଜ୍ଞସେନି ନାଗ ପ୍ରମୁଖ ଯୋଗଦାନ କରିଥିଲେ । ଶ୍ରୀ ମହାନ୍ତି ପଣ୍ଡିତ ନେହରୁଙ୍କ ଜୀବନର ବିଭିନ୍ନ ଦିଗ ତଥା ଆଧୁନିକ ଭାରତ ଗଠନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ର ଆଦର୍ଶ କୁମାର ମିଶ୍ର, ଦୋଳଗୋବିନ୍ଦ ପଧାନ, ଛାତ୍ରୀ ଅଦିତି ସୁନା, ଆକାଂକ୍ଷା ସେନାପତି, ଅର୍ଚ୍ଚିତା ବିଶି, ପ୍ରିୟା ସେନାପତି, ଆକୃତି ମିଶ୍ର, ରାନୀ ମିଶ୍ର, ଆରାଧ ମିଶ୍ର, ଆଦ୍ୟାଶା ଷାଣ୍ଢ ପ୍ରମୁଖ ପଣ୍ଡିତ ନେହରୁଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ କମଳିନୀ ତ୍ରିପାଠୀ ନେହେରୁଙ୍କ ଜୀବନକୁ ନେଇ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ରୀ ସାଲିନୀ ପଧାନ ଏବଂ ତାଙ୍କଦଳ ତଥା ଆଦର୍ଶ ମିଶ୍ର ଓ ଦଳନୃତ୍ୟ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଉମାକାନ୍ତ ଦେହେରୀ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବ୍ଲକର ତାଳପଦର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନୀଳକଣ୍ଠ ବଗର୍ତ୍ତି, ମାକଡ଼ଚୁଆଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ପାଣ୍ଡେ, ସିଣ୍ଡୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନୀଳାଞ୍ଚଳ ନାଗ, ବାଲିଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶରତ ଦୀପ, ପ୍ରଧାନ ଶିକ୍ଷକ ରୋହିତାଶ୍ୱର କୁଆଁର, ଶୁଖିଲାସରଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର ଭୋଇ, ବସାଶଙ୍କର ପିଏସ୍‌ରେ ପ୍ରଧାନଶିକ୍ଷକ ହେମନ୍ତ ମାଝୀଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସେହିଭଳି ତରଭା ବ୍ଲକ୍ ଅଧୀନ କୁମ୍ଭାରମୁଣ୍ଡା ସାଧନ କେନ୍ଦ୍ରର କୁଲଥିଆପଦର ପ୍ରାଥମିକ ବିଦ୍ୟାଳୟରେ ଶିଶୁଦିବସ ପାଳିତ ହୋଇଛି । ସିଆରସିସି ସାରଙ୍ଗ ପଧାନ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ପ୍ରଧାନଶିକ୍ଷକ ନରେନ୍ଦ୍ର ମାଝୀ, ସହକାରୀ ଶିକ୍ଷକ ଯୋଗେଶ ପ୍ରସାଦ ମାଝୀ, ଆଇଇଭି ଆଦିତ୍ୟ ମିଶ୍ର ଯୋଗଦାନ କରିଥିଲେ ।



## ପିତମହୁଲ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି

ବୀରମହାରାଜପୁର,୧୪ ।୧୧(ସମିସ): ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ଅଧୀନ ପିତାମହୁଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦାନ କରି ନିଜନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପାରମ୍ପରିକ ନୃତ୍ୟ ଗୀତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ପରିଡା ଯୋଗଦାନ କରିଥିବାବେଳେ, ଆଞ୍ଚଳିକ ସାଧନ ସଂଯୋଜକ କୌସ୍ତୁଭମଣି ଦାସ ଏବଂ ବରିଷ୍ଠ ସାମ୍ବାଦିକ ରାଜେଶ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ କାର୍ତ୍ତିକ ନାଏକ ସଂଯୋଜନା କରିଥିବାବେଳେ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଗୋକୁଳାଷ୍ଟମୀ ମହୋତ୍ସବରେ ଗୋ-ଚାରଣ ପର୍ବ

ବୀରମହାରାଜପୁର,୧୪ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ବଳଦେବ କ୍ଲବ୍ ଆନୁକୂଲ୍ୟରେ ଗୋକୁଳାଷ୍ଟମୀ ମହୋତ୍ସବ ବଡ଼ ଧୁମ୍ ଧାମରେ ପାଳିତ ହୋଇଆସୁଛି । ଏହି କ୍ରମରେ ଦୀର୍ଘ ୪ ଦିନ ଧରି ରଙ୍ଗମଞ୍ଚରେ ଦ୍ୱାପର ଯୁଗର କୃଷ୍ଣ ଚରିତ ଉପରେ ଆଧାରିତ ନାଟକ କ୍ଲବର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହେଉଥିବାବେଳେ, ଶେଷ ତିନି ଦିନ କୃଷ୍ଣ ବଳରାମ ଗୋପାଳ ପୁଅ ଏବଂ ସୁଦାମାଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ଗୋଚାରଣ ନିମନ୍ତେ ଯାଇଥାନ୍ତି । ଆଜି ଅନ୍ତିମଦିବସର ଗୋଚାରଣ ପର୍ବ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଥିବାବେଳେ କୃଷ୍ଣ ବଳରାମ ଏବଂ ଗୋପାଳ ପୁଅମାନେ ସହର ପରିକ୍ରମା ପୂର୍ବକ ନିକଟସ୍ଥ ଜଙ୍ଗଲକୁ ଗୋଚାରଣ ନିମନ୍ତେ ଗମନ କରୁଥିବାବେଳେ ଗ୍ରାମବାସୀଙ୍କ ପକ୍ଷରୁ ନିଜନିଜ ଘର ସମ୍ମୁଖରେ କୃଷ୍ଣ ବଳରାମଙ୍କୁ ପ୍ରଚଳିତ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଛି ।

## 'ଆସ ସ୍କୁଲ ଯିବା' ପଦଯାତ୍ରା

ବୌଦ୍ଧ,୧୪ ।୧୧(ସମିସ): ସରସରା ପିଏମ୍ ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଆସ ସ୍କୁଲ ଯିବା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧ୍ୟକ୍ଷ ସୁବୋଧ ପାଣଗ୍ରାହୀ, ଜିଲ୍ଲା ବହୁ ବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ୍ତ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଅଜୟ ଦାସ, ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ସାହୁ ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ୍ ଦୁବେ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ । ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ତାଳବାହାଲ କ୍ଲଷ୍ଟର ଶିକ୍ଷକ ଦୁର୍ଗାଚରଣ ମହାକୁଡ, ବୈବସ୍ୱତ ବିଶ୍ୱାଳ ଓ ଛାତ୍ର ଶ୍ରୀକାନ୍ତ ବାରିକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ । ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାଚୀର ପତ୍ର 'ଘାସ ଫୁଲ' ଉନ୍ମୋଚିତ

ବୀରମହାରାଜପୁର,୧୪ ।୧୧(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଗବରଠାରେ ଶିଶୁ ଦିବସ ଅବସରରେ ଅନୁଷ୍ଠାନର ବାର୍ଷିକ ପ୍ରାଚୀର ପତ୍ର 'ଘାସ ଫୁଲ'ର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଅଧ୍ୟକ୍ଷତା କରିଥିବାବେଳେ ସମାଜସେବୀ ଅଶୋକ ପଣ୍ଡା ମୁଖ୍ୟଅତିଥି ଓ ଶିଶୁ ସାହିତ୍ୟିକ ସନ୍ତୋଷ ଅଦାବର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଶିକ୍ଷକ ସୁରେନ୍ଦ୍ର ଓତା ସଭା ପରିଚାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ସ୍ୱରଚିତ ଗଳ୍ପ କବିତା ସବୁକୁ ନେଇ ଅନୁଷ୍ଠାନର ବାର୍ଷିକ ପ୍ରାଚୀର ପତ୍ର ଘାସ ଫୁଲର ପଞ୍ଚମ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କ ପ୍ରେରଣା କ୍ରମେ ଛାତ୍ରଛାତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଶିକ୍ଷକ ପ୍ରଭୁଦତ୍ତ ବେଦୋକ୍ତା ଓ ଶିକ୍ଷୟିତ୍ରୀ ମିନାକ୍ଷୀ ପ୍ରଧାନ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଗୌରୀ କୁମୁରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା: କଣ୍ଟାମାଳ ଚାମ୍ପିଅନ

ପଳଶାଗୋରା,୧୪ ।୧୧(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଣ୍ଡିମହୁଲ ପଞ୍ଚାୟତ ବରପଦର ଶ୍ରୀରାମ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସର ଫାଇନାଲ ଖେଳ କଣ୍ଟାମାଳ ଓ ବାଲଜୁରୀ ଦଳ ମଧ୍ୟରେ ୩ଟି ଫର୍ମାଟରେ ହୋଇଥିଲା । ପ୍ରଥମ ଫର୍ମାଟର ୧୦ ଓଭର ବିଶିଷ୍ଟ ମ୍ୟାଚରେ କଣ୍ଟାମାଳ ଦଳ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୮୧ ରନ କରିଥିଲା । ଜବାବରେ ବାଲଜୁରୀ ଦଳ ୬ଉଇକେଟ ହରାଇ ୬୦ ରନ୍ କରି ୨୨ରନରେ ପରାସ୍ତ ହୋଇଥିଲା । ଦ୍ୱିତୀୟଫର୍ମାଟ ମ୍ୟାଚରେ କଣ୍ଟାମାଳ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୨ଉଇକେଟ ହରାଇ ୧୨୫ ରନ୍ କରିଥିଲା । ଜବାବରେ ବାଲଜୁରୀ ଦଳ ସମସ୍ତ ଉଇକେଟ ହରାଇ ୪୯ କରିଥିଲା । ଫଳରେ ୭୫ ରନ୍‌ରେ କଣ୍ଟାମାଳ ଦଳ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା । ଅମ୍ପାୟାର ଭାବେ ସନ୍ତୋଷ ସାହୁ ଓ ସଂଶିତ ଦାସ ପରିଚାଳନା କରିଥିଲେ । ସୁଧାଂଶୁ ଶେଖର ମହାକୁଡ଼ ଓ ଅଜିତ ବାଘ ଧାରାବିବରଣୀ ଦେଇଥିବା ବେଳେ ସୌରଭ ଦଣ୍ଡିଆ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ସେବା ସମବାୟ ସମିତି ସଭାପତି ସୁଧୀର ଖଟୁଆ, ସ୍ଥାନୀୟ ସରପଞ୍ଚ ପଞ୍ଚାନନ ସାହୁ, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ସମାଜସେବୀ ଶୀତିକଣ୍ଠ ମିଶ୍ର, ବିଜେପି ନେତା ଅନିଲ ପ୍ରଧାନ, ପୁରେନ୍ଦର କର୍ମୀ, ଜିଲ୍ଲା କ୍ରିକେଟ ସଂଘ ସଦସ୍ୟ ରାମଚନ୍ଦ୍ର ମଲିକ, ଶିକ୍ଷକ ଅକ୍ରୁର ପ୍ରଧାନ, ନିବେଦନ ସାହୁ, ପୂର୍ବତନ ଶିକ୍ଷକ ସଦାନନ୍ଦ ପ୍ରଧାନ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ବିଜେତା ଦଳକୁ ନଗଦ ୨୫ ହଜାର ଟଙ୍କା ଓ ଉପ ବିଜେତା ଦଳକୁ ୧୭ ହଜାର ଟଙ୍କା ପ୍ରଦାନ କରିଥିଲେ ।



# ମାଧ୍ୟମିକ ଶିକ୍ଷକ, କର୍ମଚାରୀ ସମାବେଶ



**ବେଲପଡ଼ା, ୧୪।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକର ଡିଆର ମେହେର ହାଇସ୍କୁଲରେ ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସମାବେଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ କ୍ରମେ କାର୍ଯ୍ୟକ୍ରମରେ ବଲାଙ୍ଗୀର ଏଡିଇଓ ପ୍ରଦୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବେଲପଡ଼ା ବିଇଓ ଅଭିନବ ମିଶ୍ର, ଜେଏନଭି ଅଧ୍ୟକ୍ଷ ରାଜନାରାୟଣ ମେହେର ଓ ଅବସରପ୍ରାପ୍ତ ପ୍ରଫେସର ସରଙ୍ଗାଧର ଠାକୁର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ବିଶାଳ ବେହେରା ବିବରଣୀ ପଠନ କରିଥିଲେ। ଶିକ୍ଷକ କୁଶପୃଷ୍ଟି ବାଗ, ଭକ୍ତଚରଣ ବାଗ, ସୁଜାତା ମେହେର, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ, କବିତା ମେହେର, ହେମନ୍ତ ବାଗ, ପ୍ରେମାନନ୍ଦ ନାଗ, ରାକେଶ ସା ପ୍ରମୁଖ ମଞ୍ଚ ପରିଚାଳନା କରିଥଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭେଙ୍କଟେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ୨୪ଟି ହାଇସ୍କୁଲର ୨୩୭ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ୬ ଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବେଲପଡ଼ା ବ୍ଲକର ବିଭିନ୍ନ ହାଇସ୍କୁଲରେ ନୂତନ ଭାବେ ଯୋଗ ଦେଇଥିବା ୧୫ଜଣଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

## ଧରମ ସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ଶିଶୁ ଦିବସରେ ଶିଶୁ ମୃତ, ୩ ଶିକ୍ଷକ ନିଲମ୍ବିତ

**ନୂଆପଡ଼ା, ୧୪।୧୧(ସମିସ)**

ପବିତ୍ର ଶିଶୁ ଦିବସରେ ଶିଶୁଙ୍କ ପାଇଁ ବିଦ୍ୟାଳୟ ଗୁଡିକରେ ଉତ୍ସବ ପାଳନ କରାଯାଉଥିବାବେଳେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଧରମସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଜଣେ ଶିଶୁ ବିଦ୍ୟାଳୟ ପରିସରରେ ଝୁଣ୍ଟି ହୋଇ ମୃତ୍ୟୁବରଣ କରିଥିବା ବେଳେ ଏହି ମାମଲାରେ ପ୍ରଧାନଶିକ୍ଷକ ସମେତ ୩ଜଣ ଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ବେଳେ ୩ଜଣଙ୍କ ନାଁରେ କାରଣ ଦର୍ଶାଅ ନୋଟିସ କରାଯାଇଛି। ଗାଁର ଯଦୁମଣି ଶବର ଏବଂ ଭାନୁମତିଙ୍କ ପୁଅ ମନୋଜ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟାଳୟରେ ପ୍ରାର୍ଥନା ଶ୍ରେଣୀ ହେବା ପୂର୍ବରୁ ଖେଳୁଥିବା ସମୟରେ ଝୁଣ୍ଟି ହେହାରୁ ମୃତ୍ୟୁ ଘଟିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ ଆଜି ଶିଶୁ ଦିବସ ହୋଇଥିଲେ ସୁଦ୍ଧା ବିଦ୍ୟାଳୟରେ



ଶିକ୍ଷକମାନେ ଠିକ ସମୟରେ ପହଞ୍ଚି ନଥିଲେ। କୁଆଡେ ସାଢେ ୧୦ଟା ସମୟରେ ମନୋଜ ସାଙ୍ଗମାନଙ୍କ ସହ ଖେଳୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ସେଠାରେ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବାପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋମନା ବିଇଓ ଅନୀତା ପଣ୍ଡା, ବିଆରସିସି ରାଧାକାନ୍ତ ତାଣ୍ଡି, ସିଆରସିସି କମଳାକାନ୍ତ ଦାସ, ଅନନ୍ତ ପ୍ରଧାନ ଯାଇ ସରଜମିନ ତଦନ୍ତ କରିଥିଲେ। ପୁଣି ଥରେ ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସ୍କୁଲ ପରିଦର୍ଶନରେ ଯାଇ ସବିଶେଷ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନଶିକ୍ଷକ ବନିତା ହରପାଲ ସମେତ କଲ୍ୟାଣୀ ମାଝୀ, ମୁରଲୀଧର ମାଝୀଙ୍କୁ ଜିଲ୍ଲାଶିକ୍ଷାଧିକାରୀ ମହାନ୍ତି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ସହକାରୀ ଶିକ୍ଷକ ଅହଲ୍ୟା ଶବର, ଡଗରେଶ୍ୱର ସାହୁ, ମୀନାକ୍ଷୀ ପ୍ରଧାନଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ତୀବ୍ର ହୋଇଥିଲା। ସମସ୍ତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଉ ବୋଲି ଦାବି କରିଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ସଲାସୁତୁରା କରି ହାତ ଗଣତି ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରି ବାକି ଶିକ୍ଷକଙ୍କ ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ହେଉଛି ନା ନାହିଁ ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ ଯେ ଆଜିକୁ ବର୍ଷକ ତଳେ ଖଡିଆଳ ବ୍ଲକ ବଡମହେଶ୍ୱର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜଣେ ଶିଶୁ ପାଚେରୀରୁ ପଡ଼ି ମୃତ୍ୟୁବରଣ କରିଥିବା ଖବର ଦାଣ୍ଡରେ ଗଡ଼ି ହାଟରେ ପଡ଼ିଥିଲେ ମଧ୍ୟ ଫାଇଲ ତଳେ ଚାପି ହୋଇଗଲା।



ନୂଆପଡ଼ା ଉପନିର୍ବାଚନ ଭୋଟ୍ ଗଣତି ବେଳେ କଡା ସୁରକ୍ଷା ବ୍ୟବସ୍ଥା ଓ ତଥ୍ୟ ସଂଗ୍ରହ ପାଇଁ ସାମ୍ବାଦିକଙ୍କ ଅପେକ୍ଷା

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**କଣ୍ଟାବାଞ୍ଜି, ୧୪।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ସାହାପାଣି ଗାଁ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତେବେ ମୃତକଙ୍କ ପରିଚୟ ମିଳିନି। ଗୁରୁତର ବ୍ୟକ୍ତି ହେଲେ ସାହାଜପାଣି ଗାଁର ରାଜେନ୍ଦ୍ର ଭୋଇ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବଙ୍ଗୋମୁଣ୍ଡା ଅଗ୍ନିଶମ ବାହାନୀ ପହଞ୍ଚି ଉଭୟଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ବଙ୍ଗୋମୁଣ୍ଡା ପୁଲିସ ତଦନ୍ତ ଆରମ୍ଭ କରିଛି।

# ଲୋଇସିଂହା କପ୍: ବରଗଡ଼ ବିଜୟୀ



**ଲୋଇସିଂହା, ୧୪।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଉତ୍ସବ ଅବସରରେ ୧୮ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ଲୋଇସିଂହା କପ୍-୨୦୨୫' ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ସୋନପୁରର ରାମଧୁନ କ୍ଲବ୍ ଓ ବରଗଡ଼ ମୁଣ୍ଡା ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବରଗଡ଼ ମୁଣ୍ଡା ଫୁଟବଲ କ୍ଲବ୍ ବିଜୟୀ ହୋଇଛି। ଲୋଇସିଂହା ଷ୍ଟାଡିୟମ ଟ୍ରଷ୍ଟବୋର୍ଡ ଓ ଆଥଲେଟିକ ଆସୋସିଏସନ ଅନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଏସବିଆଇ ବ୍ୟାଙ୍କ୍ ପରିଚାଳକ ଶାଲିନି କୁଲ୍ଲୁ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଜମିଦାର ଅର୍ଚ୍ଚନା ଦେବୀ ସିଂ ରାଏ, ସରପଞ୍ଚ ନବକିଶୋର ନାଏକ, ଟ୍ରଷ୍ଟ ବୋର୍ଡ ସମ୍ପାଦକ ସ୍ମିତା ମିଶ୍ର ଯୋଗ ଦେଇଥିଲେ। ଦିଲୀପ ବେହେରା ସଭାପତିତ୍ୱ କରିଥିଲେ। ଶନିବାର ଲୋଇସିଂହା ଆଥଲେଟିକ ଆସୋସିଏସନ ଓ ବୌଦ୍ଧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସୁଦୀପ ତରିଆ, କରୁଣାକର ପଧାନ, ସୁରେଶ ନାଏକ ଓ ରୋସନ ମେହେର ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଏଥିରେ ରଞ୍ଜନ ବେହେରା, ଭଗବତିଆ ଭୋଇ, ଶିବ ଅଗ୍ରୱାଲ, ଟିକୁ ପାଣ୍ଡିଆ, ଦେବ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁ ହସିଲେ ଦେଶ ହସିବ





## ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ଜୟପାଟଣା, ୧୪।୧୧ (ସମିସ):** ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଲଳିତ କୁମାର ନାଏକଙ୍କ ସଭାପତିତ୍ୱ ସଭାରେ ମୁଖ୍ୟଅତିଥି ଭାବେ ପ୍ରଭାକର ଦାସ, ମୁଖ୍ୟ ପ୍ରବନ୍ଧକ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜୟପାଟଣା ଶାଖା, ବିଦ୍ୟାଳୟ ସଭାପତି ଉମାଶଙ୍କର ଦୀପ, ମାରୁତି କମ୍ପାନୀ ରାଜାରାମ ଧଙ୍ଗଡ଼ାମାଝି, ସବ୍ୟସାଚୀ କରୁନ, ପ୍ରମୋଦ ମାଝୀ, ମୀନା ମଞ୍ଚ ଅଧକ୍ଷ ମମତାଜ ରାଣୀ, ଉପାଧ୍ୟକ୍ଷ ଥବିର ପୁଝାରୀ, ଶିକ୍ଷକ କୋଟେଶ୍ୱର ରାଓ, ଶଶି ଭୂଷଣ ଦଳପତି, ସୁଜିତ୍ କୁମାର ସାହୁ, ଶିକ୍ଷୟିତ୍ରୀ ଉପମା ବାଗ, ଦିବ୍ୟ ମଞ୍ଜରୀ ଦୁର୍ଗା, ରୁଚିରା ନାୟକ, ଉଦ୍ଧବ ବାଗ ପ୍ରମୁଖ ମଞ୍ଚାସିନ ଥିଲେ। ଶିଶୁ ହସିଲେ ଦେଶ ହସିବ ଏହି ମର୍ମରେ ଉପସ୍ଥିତ ଅତିଥି ସମୂହ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ମାରୁତି ଏଣ୍ଟରପ୍ରାଇଜର୍ସ ଭବାନୀପାଟଣା ପକ୍ଷରୁ ଛାତ୍ରଛାତ୍ରୀ ଗହଣରେ କେକ କାଟିଥିଲେ। ସୁରଭି ବିଜେତା କ୍ଲଷ୍ଟର, ବ୍ଲକ, ଜିଲ୍ଲାସ୍ତରରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ସହ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା।ସଭାକୁ ଶିକ୍ଷକ ରଞ୍ଜନ ବରିହା ପରିଚାଳନା କରିଥିଲେ।



## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

**କେସିଙ୍ଗା, ୧୪।୧୧(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧକ୍ଷା ତାଲୁକ ଆଇନସେବା ସମିତି କେସିଙ୍ଗା ଦୀପ୍ତା ସେଠୀ ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଆଜିର ଦିବସର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ।ଏଥିରେ କେସିଙ୍ଗା ଆଦର୍ଶ ଥାନାର ଏଏସଆଇ ରାହାସ ବିହାରୀ ସା, ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ବେହେରାଙ୍କ ସମେତ ବିଦ୍ୟାଳୟର ଛାତ୍ରୀବୃନ୍ଦ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତାଲୁକ୍ ଆଇନ ପ୍ରାଧିକରଣ ସେବା ସମିତି

**ଥୁଆମୂଳରାମପୁର, ୧୪।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କାଣିଗୁମା ଠାରେ 'ଶିଶୁ ଦିବସ'ଅବସରରେ ସଚେତନତା କାର୍ଯ୍ୟକ୍ରମ ସହିତ 'ଶିଶୁ ମହୋତ୍ସବ'୨୦୨୫ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍ ସେବା ସମିତି ଥୁଆମୂଳରାମପୁର ଏବଂ ଅଞ୍ଚଳର 'କର୍ତ୍ତବ୍ୟ'ର ମିଳିତ ଆନୁକୂଲ୍ୟରେ କାଣୀଗୁମା ସ୍ଥିତ ଖଣ୍ଡୁଆଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ଥୁଆମୂଳରାମପୁର ତାଲୁକ୍ ଆଇନ ପ୍ରାଧିକରଣ ସେବା ସମିତି ଅଧ୍ୟକ୍ଷ ତଥା ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ପ୍ରଦାନ କରିଥିଲେ।ସିଡିପିଓ ମଧୁବାଳା ବାଗ, କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ, ଆଇନଜୀବୀ ମନରଞ୍ଜନ ନାଏକ, ଆଇନଜୀବୀ ଦେବବ୍ରତ ଯୋଷି, ଆଇନଜୀବୀ ପଲ୍ଲବୀ ପ୍ରୀୟଦର୍ଶନି ମୁଣ୍ଡଛିନା, ସମିତି ସଭ୍ୟ ଉପେନ୍ଦ୍ର ନାଏକ, ସୁପର ଭାଇଜର ସବ୍ୟା ମାଝୀ, ଜେଏମ୍ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସ୍ଥାନୀୟ ଖଣ୍ଡୁଆଳ ମନ୍ଦିର ଠାରୁ କାଣିଗୁମା ଛକ ପର୍ଯ୍ୟନ୍ତ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାଣିଗୁମା ଓ ଥୁଆମୂଳ ପଞ୍ଚାୟତ ଯଥା, ଡରାଗାଁ, ଟେଭାମହୁଲ, ଚାଟିକାନା, ଧୁଲିଗୁଡ଼ା, କାଣୀଗୁମା, ଧୂଳିଗୁଡ଼ା, ଜବାଙ୍ଗ, ପୋଷ୍ଟିଗୁଡ଼ା, ରାଣୀ ଡୁମେର, ଥୁଆମୂଳ, କରାଙ୍ଗ, କଣ୍ଟାବାଞ୍ଜି, ଲାଠିଆଗୁଡ଼ା ଗ୍ରାମର ଶତାଧିକ ଶିଶୁମାନେ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇ ଥିଲେ। କର୍ତ୍ତବ୍ୟ'ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତା ଜିତେନ୍ଦ୍ର ମେହେର, ସୁଦର୍ଶନ ନାଏକ, ଅମିତ ନାୟକ, ସୁମିତ୍ ବାଗ, ସୋନାଲି ଦାସ, ରାଜେଶ ବାଣୁଆ, ତୁଳସିରାମ ମାଝୀ, ପ୍ରତିମା ସୁନାନି, ମୁରଲି ବିଶ୍?ାଳ, ହରେକୃଷ୍ଣ ନାଏକ, ଘାସିରାମ ମାଝୀ ପ୍ରମୁଖ ସହଯୋଗ କରିଥିଲେ। 'କର୍ତ୍ତବ୍ୟ' ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ ଦାସ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ



**ଥୁଆମୂଳରାମପୁର, ୧୪।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଓଡିଆ ଆଦର୍ଶ ବିଦ୍ୟାଳୟରେ ଶିଶୁ ଦିବସ ପାଳନ ହୋଇଥିଲା।ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସୀତାକାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମର ଜ୍ୟୋତି ଫାଉଣ୍ଡେସନର ପ୍ରକଳ୍ପ ସମନ୍ୱୟକାରୀ ଆଲୋକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୋଡାଲ ସିଆର୍‌ସିସି ସୁନାଧର ମାଝୀ, ସ୍ୱେଚ୍ଛାସେବୀ ସୁମନ୍ତ କୁମାର ରଣା ଏବଂ ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କ୍ୱିଜ୍, ସଙ୍ଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା।ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଶିକ୍ଷକ ଦେବବ୍ରତ ଦାଶ, ବିଶ୍ୱନାଥ ହେମ୍ବ୍ରମ, ଆଲୋକ ମହନ୍ତ, ପ୍ରଦୀପ କୁମାର ନାଗ, ସଞ୍ଜୀବ କୁମାର ଭୂଏ, ପରମେଶ୍ୱର ସାମଲ, ରଣଜିତ ସାହୁ, ହିମାଦ୍ରି ନାଏକ ନାଗେଶ କର, ମଳୟ କୁମାର ସରାବୁ, ଶିକ୍ଷୟିତ୍ରୀ ସଙ୍ଗୀତା ଧରୁଆ, ଶିକ୍ଷୟିତ୍ରୀ ଲିପିଶ୍ରୀ ବାରିକ, ଶିକ୍ଷକ ଲୋହିତ ନାଗ, ଧରିତ୍ରୀ ବିଭାର, ଶିକ୍ଷୟିତ୍ରୀ କ୍ରୀଷ୍ଟା ମୁଣ୍ଡ, ସୁଜାତା କୋଚିନ, ଶିକ୍ଷକ ନଳ ନିଆଲ, ବିକୁ କାଟା, ସଦାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ତ୍ରିବିକ୍ରମ ନାଏକ ଏବଂ ଦୁର୍ବନ୍ତ ଗୋପାଳ ସହଯୋଗ କରିଥିଲେ।

## ମନମୋହିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

# ୬୧ ତମ ମହାବୀର ମହୋତ୍ସବ ଉଦ୍‌ଯାପିତ

**ଭବାନୀପାଟଣା, ୧୪।୧୧(ସମିସ)**

ସାତଦିନ ବ୍ୟାପି ମହୋତ୍ସବ ପାଳନ ସହିତ କଳାହାଣ୍ଡିର କଳା, ସଂସ୍କୃତି, ପରମ୍ପରାର ମହାସଂଗମ ପାଲଟିଥିବା ୬୧ତମ ମହାବୀର ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଫଣିନ୍ଦମ ଦେଓ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ସଭାପତି ଜୟନ୍ତ କୁମାର ବେହେରା ପ୍ରମୁଖ



ଯୋଗ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସଞ୍ଜୀବ କୁମାର ସିଂହ ସଭା ପରିଚାଳନା ଓ ଅନୁଷ୍ଠାନର ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାର କୃତୀ ସନ୍ତାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସର୍ବଶ୍ରେଷ୍ଠ ମହାବୀର ସମ୍ମାନ ବିଶିଷ୍ଟ କବି, ଲେଖକ ଓ ଗୀତିକାର ସତ୍ୟ ନାରାୟଣ ନାଏକଙ୍କୁ ପ୍ରଦାନ କରାଯାଇଥିବାବେଳେ ବାଲେଶ୍ୱରର ନାଟ୍ୟ ନିର୍ଦ୍ଦେଶକ ସୁସ୍ମିତା ରଣାଙ୍କୁ ରାଜ୍ୟସ୍ତରୀୟ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥ ନାଟ୍ୟ ସମ୍ମାନ, ଯୁବ କ୍ରୀ?ାବିତ ଆକାଶ ମୁଣ୍ଡଙ୍କୁ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ, ନଳିନୀପ୍ରଭା ନାଏକଙ୍କୁ ପଦ୍ମା ଷଡ଼ଙ୍ଗୀ ସୁଗୃହିଣୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଏହାପରେ ପରେ ମହାବୀର ମଞ୍ଚରେ ଜାତୀୟ ସ୍ତରୀୟ ଲୋକନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ପ୍ରତିଭା ଅନୁଷ୍ଠାନ, ନୂପୁର ଅନୁଷ୍ଠାନ, ସକ୍ଷମ ଏକାଡେମୀ, ନୃତ୍ୟକଳା ଅନୁଷ୍ଠାନ ଦ୍ୱାରା ବିଳମ୍ବିତ ରାତିଯାଏଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ହଜାର ହଜାର ଲୋକେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ।

# ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ରାଷ୍ଟ୍ରୀୟ ଶିକ୍ଷା ଦିବସ

**ଧର୍ମଗଡ଼, ୧୪।୧୧(ସମିସ):** ଧର୍ମଗଡ଼ ବ୍ଲକ ବଡବସୁଲ ଜୟ ମାଁଦୁର୍ଗା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ବେସରକାରୀ ସଂସ୍ଥା ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ମକୁନ୍ଦ ଶବର ସଭାପତିତ୍ୱ କରିଥିଲେ। କର୍ତ୍ତବ୍ୟର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପଟ୍ଟନାୟକ ସମ୍ମାନୀତ ଅତିଥି ଓ ମମତାର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ବର୍ଷାରାଣୀ ଦାସ ମଞ୍ଚାସିନ ଥିଲେ। ଅତିଥିମାନେ ଦିବସର ମହତ୍ତ୍ୱ ସମ୍ପର୍କରେ କହିବା ସହିତ ବାଳିକା ଶିକ୍ଷାର ମହତ୍ତ୍ୱ, ଚରିତ୍ର ଗଠନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ କମ୍ ବୟସରେ ବିବାହ କରିବା ଦ୍ୱାରା ଶାରୀରିକ, ମାନସିକ, ସାମାଜିକ ଓ ଆର୍ଥିକସ୍ତରରେ ପଡୁଥିବା କୁପ୍ରଭାବ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।ଏହି ଅବସରରେ ଭଲ ପଢୁଥିବା ଅଷ୍ଟମ ଶ୍ରେଣୀର କଲ୍ୟାଣୀ ଶବର, ଅର୍ଚ୍ଚିତା ଶବର, କୈଶିକା ମଙ୍ଗରାଜ, ନବମ ଶ୍ରେଣୀର ଦିପାଳି ମଣ୍ଡା, ଲକି ଶବର, ରଶ୍ମିତା ଶବର ଓ ଦଶମ ଶ୍ରେଣୀର ମାମୁନି ନାଏକ, ଯୋଗିତା ଶବର, ଅଞ୍ଜଳି ଶବରଙ୍କୁ ପୁରସ୍କୃତ କରାଯାଇଥିଲା।ଶେଷରେ ବିଦ୍ୟାଳୟର କୁନି କୁନି ଛାତ୍ରୀମାନେ ଉଚ୍ଚ କୋଟିର ସଚେତନ ଧର୍ମି ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାର ମହତ୍ତ୍ୱ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଏକ ସଚେତନ ମୂଳକ ଭିଡିଓ ଦେଖାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଖୁସିରାମ ସା ସଭା ପରିଚାଳନା କରିଥିବା ବେଳେ ହଷ୍ଟେଲ ପରିଚାଳିକା





ସୂର୍ଯ୍ୟ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ମନୋରଞ୍ଜନ ସାହୁ, ଶକ୍ତିରାଜ ଠାକୁର, ସୁରେଶ ଚନ୍ଦ୍ର ଦାସ, ଅନନ୍ତ ପଣ୍ଡା, ଦିବ୍ୟ ରଞ୍ଜନ ମେହେର, ଅମରେଶ ଭଇସାଲ, ପ୍ରଶାନ୍ତ ସାଗର ଓ ମମତା ସଂସ୍ଥାର ତାପସ ବାଗ, ମିନତୀ ପଟ୍ଟନାୟକ, ରାଜେନ୍ଦ୍ର ମାହୋତ, ଶିବାନୀ ଧଙ୍ଗଡ଼ାମାଝୀ, ଧନଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ • ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭ • ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ଇଭି ନୀତିର ପୁନର୍ବିଚାର ଜରୁରୀ: ସୁପ୍ରିମକୋର୍ଟ

## ବଡ଼ ସହରରେ ଆରମ୍ଭ କରାଯାଉ ପାଇଲଟ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଦେଶରେ ପ୍ରଚଳିତ ଇଲେକ୍ଟ୍ରିକ୍ ଯାନ (ଇଭି) ନୀତିର ପୁନର୍ବିଚାର କରାଯିବା ଆବଶ୍ୟକ। ଗୁରୁବାର ସୁପ୍ରିମକୋର୍ଟ ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହିତ କରୁଥିବା ନୀତି ଉପରେ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହା କହିଛନ୍ତି। ଶୁଣାଣି ସମୟରେ, କୋର୍ଟ ମୌଖିକ ଭାବରେ ସରକାରଙ୍କୁ ଜାତୀୟ ବୈଦ୍ୟୁତିକ ଗତିଶୀଳତା ମିଶନ୍ ଯୋଜନା (ଏନ୍‌ଇଏମ୍‌ଏମ୍‌ପି) ୨୦୨୦ର ପୁନଃବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାଦିଲ୍ଲୀ, ମୁମ୍ବଇ, କଲକାତା, ଚେନ୍ନାଇ ଏବଂ ବେଙ୍ଗାଲୁରୁ ଭଳି ମେଟ୍ରୋ ସହରରେ ପାଇଲଟ୍ ପ୍ରକଳ୍ପଗୁଡ଼ିକୁ ଆରମ୍ଭ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ ଯେ ଇଭି କ୍ରୟ ଉପରେ ରିଆତି ଏବଂ ଟିକସ ଛାଡ଼ ଭଳି ସରକାରଙ୍କ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏହି ଜନସ୍ୱାର୍ଥ ମାମଲା ସେଣ୍ଟର ଫର ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେସନ୍, କମନ୍ କଜ୍ ଏବଂ ସୀତାରାମ ଜିନ୍ଦଲ ଫାଉଣ୍ଡେସନ୍ ୨୦୧୯ରେ ପିଆଇଏଲ୍ ଦାୟର କରିଥିଲେ। ଲକ୍ଷ୍ୟ ଥିଲା ଜୀବାଶ୍ମ ଇନ୍ଧନ ଯାନରୁ ନିର୍ଗମନକୁ ରୋକିବା, ଯାହା ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନରେ ଯୋଗଦାନ କରିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ ସରକାରୀ ଅବହେଳା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ପରିବେଶ ଅଧିକାରକୁ ଉଲ୍ଲଂଘନ କରୁଛି। ସେମାନେ ସରକାର ସହରଗୁଡ଼ିକୁ "ଗ୍ୟାସ୍ ଚାମ୍ବର»ରେ ପରିଣତ କରୁଥିବା ଅଭିଯୋଗ କରିଥିଲେ। ଆବେଦନକାରୀମାନେ ଭାରୀ ଶିଳ୍ପ ମନ୍ତ୍ରଣାଳୟର ଏନ୍‌ଇଏମ୍‌ଏମ୍‌ପି ୨୦୧୨ ଏବଂ ନୀତି ଆୟୋଗର ୨୦୧୮



ମାସକ ପରେ ପରବର୍ତ୍ତୀ ଶୁଣାଣି

«ଶୂନ୍ୟ ନିର୍ଗମନ ଯାନ" ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏଥିରେ ଇଭି ଉପରେ ରିଆତି, ଟିକସ ଛାଡ଼, ସରକାରୀ ଯାନଗୁଡ଼ିକୁ ଇଭିରେ ପରିବର୍ତ୍ତନ, ବାଧ୍ୟତାମୂଳକ ଚାର୍ଜିଂ ପଏଣ୍ଟ ଏବଂ ଏକ ଫି' ସିଷ୍ଟମ (ପ୍ରଦୂଷକ ଯାନ ଉପରେ ଫି, ଇଭି ଉପରେ ସବସିଡି) ଅନ୍ତର୍ଭୁକ୍ତ ଥିଲା। ସେମାନେ ବ୍ୟକ୍ତିଗତ ଚାର୍ଜିଂ ଭିତ୍ତିଭୂମି ପାଇଁ ପ୍ରୋତ୍ସାହନ, ଟୋଲ୍/ପାର୍କିଂ ଛାଡ଼ ଏବଂ ହାଇଡ୍ରୋଜେନ୍ ଯାନ ଉପରେ ଧ୍ୟାନ ଦେବାକୁ ମଧ୍ୟ ଆହ୍ୱାନ କରିଥିଲେ।

୨୦୨୦ରେ, ସୁପ୍ରିମକୋର୍ଟ କହିଥିଲେ ଯେ ଏହି ପ୍ରସଙ୍ଗ କେବଳ ଏନ୍‌ସିଆର୍‌ର ନୁହେଁ ବରଂ ସମଗ୍ର ଦେଶର ପରିବେଶକୁ ପ୍ରଭାବିତ କରେ। କୋର୍ଟ ପକ୍ଷମାନଙ୍କଠାରୁ ଇଭି କ୍ରୟ, ଚାର୍ଜିଂ ପୋର୍ଟ, ଇନ୍ଧନ ପ୍ରଣାଳୀ, ହାଇଡ୍ରୋଜେନ୍ ଯାନ, ଅନ୍ୟାନ୍ୟ ଶକ୍ତି ଉତ୍ସ ଏବଂ ଆମଦାନୀ/ପରିବେଶିକ ପ୍ରଭାବ ଉପରେ ସହାୟତା ଲୋଡ଼ିଥିଲେ। କୋର୍ଟ ସ୍ୱୀକାର କରିଛନ୍ତି ଯେ ସରକାରଙ୍କ ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ ନ କରିବା ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜିର ଶୁଣାଣିରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଦେଇଥିଲେ ଯେ ଇଭିର ଉଚ୍ଚ ମୂଲ୍ୟ ହ୍ରାସ କରିବା ପାଇଁ ପ୍ରୋତ୍ସାହନ ରାଶି ଏବଂ ଚାର୍ଜିଂ ପଏଣ୍ଟ ଆବଶ୍ୟକ। ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି କୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ ୧୩ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଇଭିକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କାମ କରୁଛନ୍ତି। କୋର୍ଟ ସମସ୍ତ ବିଜ୍ଞପ୍ତି ଏବଂ ପ୍ରଗତି ରିପୋର୍ଟ ଗୋଟିଏ ମାସ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**କୋର୍ଟ ଗଲେ ଅନୀଲ ଅମ୍ବାନୀ**

# କୋବ୍ରାପୋଷ୍ଟ ବିରୋଧରେ ଦାଖଲ କଲେ ମାନହାନୀ ମୋକଦ୍ଦମା



**ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** କୋବ୍ରାପୋଷ୍ଟ ବିରୋଧରେ କୋର୍ଟ ଯାଇଛନ୍ତି ଶିଳ୍ପପତି ତଥା ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ଖାଲି କୋବ୍ରା ପୋଷ୍ଟ ନୁହେଁ, ଅନୀଲ ଦ ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ମଧ୍ୟ ମାନହାନୀ ମାମଲା ଦାଖଲ କରିଛନ୍ତି। ଦିଲ୍ଲୀର ଏକ କୋର୍ଟରେ ଏ ନେଇ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି, ଯାହାର ଶୁଣାଣି ଆରମ୍ଭ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଗଣମାଧ୍ୟମରେ ତାଙ୍କ କମ୍ପାନୀ ୪୧ ହଜାର କୋଟି ଟଙ୍କାର ଠକେଇ କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଗୁରୁବାର ଏହି ମାମଲାର ଶୁଣାଣି ବରିଷ୍ଠ ବିଚାରପତି ବିବେକ ବେନିଓ୍ୱାଲ କରିଛନ୍ତି। କୋର୍ଟ ତଥ୍ୟ ଅନୁସାରେ, କୋବ୍ରାପୋଷ୍ଟ, ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ପିଟିସନ୍ ଫାଇଲ କରାଯାଇଛି। ପ୍ରଥମେ କୋବ୍ରାପୋଷ୍ଟରେ ଅକ୍ଟୋବର ୩୦ରେ ଖବର ପ୍ରକାଶ ପାଇଥିଲା ଯେ, ଅନିଲ ଅମ୍ବାନୀଙ୍କ କମ୍ପାନୀ ୪୧,୯୨୧ କୋଟିର ଏକ ଆର୍ଥିକ ଠକେଇ କରିଥିଲା। ୨୦୦୬ ମସିହାରୁ ଏହି ଠକେଇ ଚାଲିଥିଲା। ଅନ୍ୟ ଖବର କାଗଜ ଏବଂ ଓ୍ୱେବସାଇଟରେ ଏ ନେଇ ଖବର ପ୍ରକାଶିତ ହୋଇଥିଲା। ଏହା ରିଲାଏନ୍ସ ଏବଂ ଅନୀଲ ଅମ୍ବାନୀଙ୍କ ସମ୍ମାନହାନୀ କରୁଥିବା କୋର୍ଟରେ ଆବେଦନ ହୋଇଛି।

# ଖଣ୍ଡଗିରିରେ ଚାନ୍ଦି ଭଣ୍ଡାରର ୨୫ତମ ଷ୍ଟୋର

**ଭୁବନେଶ୍ୱର,୧୪।୧୧(ସମିସ):** ଚାନ୍ଦି ଭଣ୍ଡାର ଖଣ୍ଡଗିରିରେ ଏହାର ୨୫ତମ ଷ୍ଟୋର ଶୁଭାରମ୍ଭ କରିଛି। ଖଣ୍ଡଗିରି ଗୁମ୍ଫା ରୋଡ୍‌ରେ ୨୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ନୂଆ ଷ୍ଟୋର ଡିଜାଇନ୍ ଏବଂ ମନମୋହକ ଡିସ୍ ଅତି ସୁନ୍ଦର ପରିବେଶ ପ୍ରଦାନ କରୁଛି। ଐତିହ୍ୟ ସହିତ ମିଶ୍ରିତ ଆଧୁନିକ ବିଳାସକୁ ପ୍ରତିଫଳିତ କରିବା ପାଇଁ ଏହି ନୂଆ ଷ୍ଟୋର ରୁପା କଳାକୃତିର ସର୍ବୋତ୍ତମ ପ୍ରଦର୍ଶନ କରୁଛି। ଏଥିସହିତ ଏହା ଗ୍ରାହକଙ୍କୁ ଏକ ନିମଗ୍ନ ଏବଂ ପ୍ରେରଣାଦାୟକ ସପିଂ ଅଭିଜ୍ଞତା ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' କ୍ୟାମ୍ପେନ୍ ଆଣିଛି। ଗ୍ରାହକ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ରୁପା ଗହଣା ଏବଂ କଳାକୃତିର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର୍ ଉକ୍ତ ମୂଲ୍ୟବାନ ଗ୍ରାହକମାନଙ୍କ ପ୍ରତି ଏକ କୃତଜ୍ଞତାର ନିଦର୍ଶନ, ଯେଉଁମାନେ ଚାନ୍ଦି ଭଣ୍ଡାରକୁ ସେମାନଙ୍କ କାହାଣୀ ଆଣିଛନ୍ତି ଓ ଚାନ୍ଦି ଭଣ୍ଡାରକୁ ସେମାନଙ୍କ ସ୍ୱତନ୍ତ୍ର ଦିନର ଅଂଶ କରିଥାନ୍ତି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଆମ ଗହଣା ଆଭୁଷଣଠାରୁ ଆହୁରି ଅଧିକ କିଛି।




ଏହା ପରମ୍ପରାର ଏକ ଖଣ୍ଡ, ପ୍ରେମର ପ୍ରକାଶନ ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଅଂଶ। ଏହି କ୍ୟାମ୍ପେନ୍ ସହ ଆମେ ବାସ୍ତବ ଦମ୍ପତିଙ୍କ ସେହି ସମ୍ପର୍କ ଏବଂ ପ୍ରକୃତ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୁପା ଆଇଟମ୍ ସହିତ ଆଧୁନିକ ଲାଇଫଷ୍ଟାଇଲ୍ ଉତ୍ପାଦ ଏହା ଉପଲବ୍ଧ କରିଥାଏ।

# ଏନ୍‌ଡିଏର ବିହାର ବିଜୟ ପରେ ବି ବଜାରରେ ନିରାଶା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ବିହାର ନିର୍ବାଚନରେ ଏନ୍‌ଡିଏର ବିଶାଳ ବିଜୟ ନିଶ୍ଚିତ ହେବା ସତ୍ତ୍ୱେ, ଷ୍ଟକ୍ ବଜାର ହ୍ରାସ ପାଇଛି। ଏକଜିଟ୍ ପୋଲର ଆଶା ଅନୁସାରେ ୭୫୦ ପଏଣ୍ଟ ବୃଦ୍ଧି ପାଇଥିବା ସେନସେକ୍ସ ଫଳାଫଳ ଦିନ କାରବାର ମଧ୍ୟରେ ୩୭୬ ପଏଣ୍ଟ ହ୍ରାସ ପାଇଲା। ଏହି ହ୍ରାସର ଅନେକ ପ୍ରମୁଖ କାରଣ ରହିଛି। ବିହାର ବିଧାନସଭା ନିର୍ବାଚନର ଫଳାଫଳ ପୁଣି ଥରେ ଏହି ପ୍ରଶ୍ନ ଉଠାଇଛି। ଏକଜିଟ୍ ପୋଲରେ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟ ପୂର୍ବାନୁମାନ କରିଥିଲା ଏବଂ ବଜାର ଉତ୍ସାହରେ ଭରି ଯାଇଥିଲା। ବୁଧବାର ସେନସେକ୍ସ ୭୫୦ ପଏଣ୍ଟ ଏବଂ ନିଫ୍ଟି ୨୩୦ ପଏଣ୍ଟ ବୃଦ୍ଧି ପାଇଲା। ନିବେଶକମାନେ ଉତ୍ସାହିତ ଥିଲେ।

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସେନସେକ୍ସ ୩୭୬ ପଏଣ୍ଟ କିମ୍ବା ୦.୪୪% ହ୍ରାସ ପାଇ ୮୪,୧୦୨.୯୬ ପଏଣ୍ଟରେ କାରବାର କରୁଥିଲା। ନିଫ୍ଟି ୧୧୦.୭୧ ପଏଣ୍ଟ କିମ୍ବା ୦.୪୨% ହ୍ରାସ ପାଇ ୨୫,୭୭୧.୪୦ ପଏଣ୍ଟରେ କାରବାର କରୁଥିଲା। ଇନଫୋସିସ୍, ଆଇଚର ମୋଟର୍ସ ଏବଂ ଟାଟା ଷ୍ଟିଲ୍ ଭଳି ପ୍ରମୁଖ କମ୍ପାନୀଗୁଡ଼ିକର ସେୟାର ନିଫ୍ଟିରେ ୩% ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଏହାର ଅର୍ଥ ହେଉଛି ଯେ ଫଳାଫଳ ଆସିବାର ଦୁଇ ଦିନ ପୂର୍ବରୁ ଏହି ଖବରକୁ ପାଳନ କରୁଥିବା ବଜାର, ଫଳାଫଳ ନିଶ୍ଚିତ ହେବା ପରେ ଦୁର୍ବଳ ହୋଇଗଲା। କ'ଣ ସେୟାର ବଜାର ମଧ୍ୟ "ନିଶ୍ଚିତତା" ପୂର୍ବରୁ ଉତ୍ସାହ ଉପରେ ଖେଳେ? ସାଧାରଣ ନିବେଶକଙ୍କ ମନ ଭାବୁଛି ଯେ ଏହି ବିରୋଧାଭାସ ପଛରେ କାରଣ କ'ଣ। ବିଶେଷଜ୍ଞମାନେ କୁହନ୍ତି ଯେ ଏହାର ସରଳ ଉତ୍ତର ହେଉଛି ପ୍ରଫିଟ୍ ବୁକିଂ।

> **ନିର୍ବାଚନ ଫଳାଫଳ ଦିନ ବଜାର ଖସିବା ଟ୍ରେଣ୍ଡ ପାଲଟିଛି**
>
> **ଏକ୍‌ଜିଟ୍ ପୋଲ୍‌ରେ ଉଠିଥିଲା**
>
> **ବିହାର ନିର୍ବାଚନ ଫଳାଫଳ; ପ୍ରଫିଟ୍ ବୁକିଂର ଖେଳ**

ସେୟାର ବଜାର କେବଳ ଗୋଟିଏ ଦଳକୁ ନୁହେଁ, 'ସ୍ଥିର ଏବଂ ନିର୍ଣ୍ଣାୟକ ନେତୃତ୍ୱ'କୁ ଭଲ ପାଏ। ଯେତେବେଳେ ବଜାର ଏକ ଦୃଢ଼, ସ୍ଥିର ସରକାର ଗଠନ ଆଶା କରେ ଯାହା ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବ, ସେତେବେଳେ ଏହା ପୂର୍ବରୁ ଉତ୍ସବ ପାଳନ କରିବା ଆରମ୍ଭ କରେ। ଏହି କାରଣରୁ, ଏକଜିଟ୍ ପୋଲଗୁଡ଼ିକ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟର ପୂର୍ବାନୁମାନ କରିବା ମାତ୍ରେ ବଜାରରେ ବୃଦ୍ଧି ଘଟିଥିଲା। କିନ୍ତୁ ଫଳାଫଳ ଦିନ ବଜାରର ଏହି ହ୍ରାସ ନୂଆ ନୁହେଁ। ଯଦି ଆମେ ୨୦୧୦ ବିହାର ନିର୍ବାଚନକୁ ଦେଖିବା, ଯେତେବେଳେ ନୀତିଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ଏକ ବଡ଼ ବିଜୟ ହାସଲ କରିଥିଲା। କାରଣ ବିଶ୍ୱରେ ମାନ୍ଦାବସ୍ଥା ଥିବାରୁ ବଜାର ପ୍ରଭାବିତ ହୋଇ ନ ଥିଲା।

# ବେଦାନ୍ତର ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ ଟପିଲା

**ଭୁବନେଶ୍ୱର, ୧୪।୧୧(ସମିସ):** ଶିଶୁ ଦିବସ ଅବସରରେ, ବେଦାନ୍ତ ଗ୍ରୁପର ସାମାଜିକ ପ୍ରଭାବ ଶାଖା ଅନିଲ ଅଗ୍ରୱାଲ ଫାଉଣ୍ଡେସନ (ଏଏଏଫ), ଭାରତର ଅଗ୍ରଣୀ ଶକ୍ତି ପରିବର୍ତ୍ତନ ଧାତୁ, ତୈଳ ଏବଂ ଗ୍ୟାସ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ, ଭାରତର ସାମାଜିକ ପ୍ରଭାବ ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ ଘୋଷଣା କରିଛି। ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ, ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ କେନ୍ଦ୍ର ମାଇଲଖୁଂଟ ଅତିକ୍ରମ କରିଛି, ସାରା ଦେଶରେ ପ୍ରତିଦିନ ଚାରି ଲକ୍ଷରୁ ଅଧିକ ଶିଶୁ ଏବଂ ତିନି ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି। ନନ୍ଦଘର ଗ୍ରାମୀଣ କେନ୍ଦ୍ରଗୁଡ଼ିକୁ ଆଧୁନିକୀକରଣ କରି ଏବଂ ଉନ୍ନତ ପୁଷ୍ଟିସାର, ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ମହିଳା ଏବଂ ଶିଶୁମାନଙ୍କୁ ସଶକ୍ତ କରି ଭାରତର ଅଙ୍ଗନୱାଡି ଇକୋସିଷ୍ଟମକୁ ପୁନଃପରିଭାଷିତ କରୁଛି। ଭାରତ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ସହିତ ମିଳିତ ଭାବରେ, ଯାହା ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି।

**ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର ସହିତ ବମ୍ପର ପ୍ରାଇଜ୍ ଘୋଷଣା**

# ବମ୍ପର ପ୍ରାଇଜ୍ ବିଜେତା ସୁମିତ୍ରାଙ୍କୁ ମିଳିଲା ସ୍କୁଟି

**କଟକ, ୧୪।୧୧(ସମିସ):** ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର'ର ଶେଷ ଦିନର ଭାଗ୍ୟଶାଳୀ ବିଜେତାମାନଙ୍କର ଭାଗ୍ୟର କୁପନଗୁଡିକୁ ଦୁଇ ନମ୍ବର ଷ୍ଟଲ୍‌ରେ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଇଛନ୍ତି କଟକ ଖାନନଗରର ପ୍ରିୟଦର୍ଶିନୀ ରଣା, ଯିଏକି ମୁଖ୍ୟ ଅତିଥି ନିର୍ଦ୍ଦେଶିକା ଏସ ଏନ ମିଲେନିୟମଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ବିଡିଏ ଭୁବନେଶ୍ୱରର ପୌଷଲ୍ୟା ମିତ୍ର ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା କଟକ ନିମସାହିର ରିନୁ ବେଗମଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଜଗତପୁର ଶାନ୍ତନୁ କୁମାର ବେହେରା ଫ୍ରାଇଂ ପ୍ୟାନ୍ ମୁଖ୍ୟ ଅତିଥି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର ସୁମିତ୍ରା ପରିଡାଙ୍କୁ ବମ୍ପର୍ ପ୍ରାଇଜ ସ୍ୱରୂପ ସ୍କୁଟି (ଇଭି) ପ୍ରଦାନ କରାଯାଇଥିଲା। ଏଥିରେ ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ କ୍ଷୁଧାମୁକ୍ତ ବିଶ୍ୱ ପଦକ୍ଷେପକୁ ବଢ଼ାଉଛି

**ଭୁବନେଶ୍ୱର ,୧୪।୧୧(ଏଜେନ୍ସି):** ବିଶ୍ୱର ୫ମ ବୃହତ୍ତମ ଅଳଙ୍କାର ଖୁଚୁରା ବିକ୍ରେତା ଏବଂ ଭାରତର ଅଗ୍ରଣୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଗ୍ରହଣ କରୁଥିବା କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଇଥିଓପିଆକୁ ଏହାର ପ୍ରମୁଖ ହଙ୍ଗର ଫ୍ରି ୱାର୍ଲ୍ଡ ପଦକ୍ଷେପର ବିସ୍ତାର ଘୋଷଣା କରିଛି। ଭାରତ ଏବଂ ଜାମ୍ବିଆରେ ଏହାର ପରିବର୍ତ୍ତନମୂଳକ ସଫଳତା ପରେ, ଏହି ପଦକ୍ଷେପ ଏବେ ଆଫ୍ରିକୀୟ ମହାଦେଶରେ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଛି। ଭାରତର ସାମୂହିକ ପ୍ରଗତିରେ ମୂଳ, ହଙ୍ଗର ଫ୍ରି ୱାର୍ଲ୍ଡ ମଡେଲ୍ ପ୍ରତିନିଧିତ୍ୱ କରେ ଯେ ଭାରତୀୟ ଉଦ୍ୟୋଗ ସ୍ଥାନୀୟ ସଫଳତାରୁ ବିଶ୍ୱ ପ୍ରଭାବ କିପରି ନିର୍ମାଣ କରିପାରିବ। ନିରନ୍ତର ଭାବରେ ଏହାର ନିଟ୍ ଲାଭର ୫% - ଭାରତରେ ବାଧ୍ୟତାମୂଳକ ସିଏସଆର୍ ଆବଣ୍ଟନର ଦୁଇଗୁଣରୁ ଅଧିକ - ନିବେଶ କରି ମାଲାବାର କର୍ପୋରେଟ୍ ସାମାଜିକ ଦାୟିତ୍ୱର ସ୍କେଲ ଏବଂ ଆନ୍ତରିକତାକୁ ପୁନଃପରିଭାଷିତ କରି ଚାଲିଛି, ଏହାର ପ୍ରମାଣିତ ଭାରତ-ଆଧାରିତ ଢାଞ୍ଚାକୁ କ୍ଷୁଧା ଏବଂ ଶିକ୍ଷାଗତ ଅସମାନତା ବିରୁଦ୍ଧରେ ଏକ ବିଶ୍ୱ ଆନ୍ଦୋଳନରେ ରୂପେ ପ୍ରତିଫଳିତ କରୁଛି। ଦୁବାଇ ଗୋଲ୍ଡ ସୌକର ମାଲାବାର ଇଛକ୍ଷଗ୍ର୍;ରନ୍ୟାସନାଲ ହବ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଲାବାର ଗ୍ରୁପ୍‌ର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଅବଦୁଲ ସଲାମ କେ.ପି. ଆନୁଷ୍ଠାନିକ ଭାବରେ ଦୁବାଇର ଇଥିଓପିଆ କନସୁଲ ଜେନେରାଲ ମହାମହିମ ଅସମେଲାଶ ବେକେଲେଙ୍କୁ ହଙ୍ଗର ଫ୍ରି ୱାର୍ଲ୍ଡ କାର୍ଯ୍ୟକ୍ରମର ଆଗ୍ରହ ପତ୍ର ପ୍ରଦାନ କରିଥିଲେ।

# ପ୍ରଥମ ଗୃହଋଣ ଆଣିଥିଲେ ଡିବି ରେମେଡିଓସ୍

## ୧୯୭୮ରେ ଏଚ୍‌ଡିଏଫ୍‌ସିରୁ ନେଇଥିଲେ ୭୦ ହଜାର ଟଙ୍କା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଆଜିକାଲି, ଯେତେବେଳେ କେହି ଘର କିଣିବା ବିଷୟରେ ଚିନ୍ତା କରନ୍ତି, ସେତେବେଳେ ମନକୁ ପ୍ରଥମ ଚିନ୍ତା ଆସେ ଗୃହ ଋଣ। ପ୍ରାୟ ପ୍ରତ୍ୟେକ ବ୍ୟାଙ୍କ ଆକର୍ଷଣୀୟ ସୁଧ ହାର ଏବଂ ସହଜ କିସ୍ତିରେ ଋଣ ପ୍ରଦାନ କରିବାକୁ ପ୍ରସ୍ତୁତ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଭାରତରେ ଏହି ଧାରା କିପରି ଆରମ୍ଭ ହୋଇଥିଲା? ଏକ ସମୟ ଥିଲା ଯେତେବେଳେ ଆମ ଦେଶର ବ୍ୟାଙ୍କିଂ ବ୍ୟବସ୍ଥାରେ ଗୃହ ଋଣ ଶବ୍ଦର ଅସ୍ତିତ୍ୱ ମଧ୍ୟ ନ ଥିଲା। ଆଜି, ଆମେ ଜାଣିବା ଯେ ଭାରତରେ ପ୍ରଥମ ଗୃହ ଋଣ କିଏ ନେଇଥିଲେ, କେଉଁ ବ୍ୟାଙ୍କ ଏହାକୁ ପ୍ରଦାନ କରିଥିଲା ଏବଂ ଏହାର ମୂଲ୍ୟ କେତେ ଥିଲା। ଭାରତରେ ଗୃହ ଋଣର ଯାତ୍ରା ୧୯୭୮ ମସିହାରେ ଆରମ୍ଭ ହୋଇଥିଲା। ଡି.ବି. ରେମେଡିଓସ୍ ଦେଶର ପ୍ରଥମ ଗୃହ ଋଣ ନେଇଥିବା ଗ୍ରାହକ। ମୁମ୍ବାଇରେ ସେ ଘର ତିଆରି ପାଇଁ ୭୦,୦୦୦ ଟଙ୍କାର ଋଣ ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)କୁ ମାଗିଥିଲେ, ହେଲେ ତାଙ୍କୁ ୩୦,୦୦୦ ଟଙ୍କାର ଋଣ ମିଳିଥିଲା। ଏହି ଋଣର ସୁଧ ହାର ୧୦.୫% ଥିଲା। ରେମେଡିଓସ୍ ମୁମ୍ବାଇର ମାଲାଡ ଅଞ୍ଚଳରେ ଏହି ଘର ନିର୍ମାଣ କରୁଥିଲେ। ଏହି ଋଣପରିମାଣ ତାଙ୍କ ଘରର ମୋଟ ମୂଲ୍ୟର ଅଧାରୁ କମ୍ ଥିଲା।

ଭାରତରେ ବ୍ୟାଙ୍କିଂର ଇତିହାସ ବହୁତ ପୁରୁଣା। ୧୯୩୫ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପ୍ରତିଷ୍ଠା ଏକ କେନ୍ଦ୍ରୀକୃତ ଢାଞ୍ଚା ପ୍ରଦାନ କରିଥିଲା। ୧୯୬୯ ଏବଂ ୧୯୮୦ ମସିହାରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଲଭ କରିଥିଲା। ଏହା ସତ୍ତ୍ୱେ, ୧୯୭୦ ଦଶକ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଶିଳ୍ପ ଏବଂ ବାଣିଜ୍ୟ ଉପରେ ଧ୍ୟାନ ଦେଉଥିଲେ।



«ଗୃହ ନିର୍ମାଣ" ପାଇଁ ସାଧାରଣ ଲୋକଙ୍କୁ ଋଣ ପ୍ରଦାନ କରିବା ପାଇଁ କୌଣସି ସଂଗଠିତ ଢାଞ୍ଚା ନ ଥିଲା। ସେହି ସମୟରେ, ଯେତେବେଳେ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ସଙ୍କୋଚ କରୁଥିଲେ, ଗୋଟିଏ କମ୍ପାନୀ ଏହି ବଜାରରେ ଉପସ୍ଥିତି ଜାହିର କରିଥିଲା। ସେହି କମ୍ପାନୀ ହେଉଛି, ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)। ସେହି ସମୟରେ, ଏଚ୍‌ଡିଏଫ୍‌ସି ଗୃହ ଋଣ ବଜାରରେ ଏକମାତ୍ର ସଂଗଠିତ ସଂସ୍ଥା ଥିଲା।

୨୦୦୨ ପୂର୍ବରୁ, ବ୍ୟାଙ୍କଗୁଡ଼ିକର ଏକ ପ୍ରମୁଖ ଚିନ୍ତା ଥିଲା। ଯଦି ଜଣେ ଗ୍ରାହକ ଗୃହ ଋଣରେ ଖିଲାପ କରନ୍ତି (ଖିଲାପୀ), ତେବେ ବ୍ୟାଙ୍କ ଏହାକୁ କିପରି ପରିଚାଳନା କରିବେ? ଏହି ସମ୍ପର୍କରେ କୌଣସି ସ୍ପଷ୍ଟ ଏବଂ ଦୃଢ଼ ଆଇନ ନ ଥିଲା। ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଭୟ କରୁଥିଲେ, ଭୟ କରୁଥିଲେ ଯେ ସେମାନଙ୍କର ଟଙ୍କା ଅଟକି ଯାଇପାରେ। ଏହି ଭୟକୁ ଦୂର କରିବା ପାଇଁ, ୨୦୦୨ରେ ସରଫେସୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ଋଣ ଖିଲାପୀ ହେଲେ ସମ୍ପତ୍ତି ଜବତ କରିବାର ଏବଂ ସେମାନଙ୍କ ଟଙ୍କା ପୁନରୁଦ୍ଧାର ପାଇଁ ଏହାକୁ ନିଲାମ କରିବାର ଅଧିକାର ଦେଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ପ୍ରଚଣ୍ଡ ଆତ୍ମବିଶ୍ୱାସ ଦେଇଥିଲା। ଏହା ପରେ ହିଁ ଅଧିକାଂଶ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ ଗୃହ ଋଣ ବଜାରରେ ପ୍ରବେଶ କରିଥିଲେ।

# ମଧ୍ୟବିତ୍ତଙ୍କୁ ଚେତାବନୀ: ବଜେଟ୍ ବାହାରେ ଗୃହଋଣ କଲେ ବର୍‌ବାଦ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଯଦି ଆପଣ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ବଡ଼ ସହରରେ ଘର କିଣିବାର ସ୍ୱପ୍ନ ଦେଖୁଛନ୍ତି, ତେବେ ଏହା ସ୍ୱପ୍ନ ହୋଇ ରହିଯାଇପାରେ। ଏଠାରେ ପ୍ରପର୍ଟି ମୂଲ୍ୟ ଏତେ ମହଙ୍ଗା ଯେ ଏହା ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ବାହାରେ ହୋଇଯାଉଛି। ଏହି ସମୟରେ, ଯଦି ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଋଣ ନେଇ ଘର କିଣିବାକୁ ଚାହାଁନ୍ତି, ତେବେ ସେମାନେ ବର୍ବାଦ୍ ହୋଇଯାଇପାରନ୍ତି। ତଥାପି, ଅନେକ ଲୋକ ଏଭଳି କରି ପୂର୍ବରୁ ନଷ୍ଟ ହଇରାଣଶ ହରକତ୍ ହୋଇଛନ୍ତି। ହେଲେ ବଜାର ବିଶେଷଜ୍ଞମାନେ ଏବେ ଏ ନେଇ ସତର୍କ କରାଇଛନ୍ତି।

ଲିଙ୍କଡଇନ୍‌ରେ ଏକ ପୋଷ୍ଟରେ, ବିଶେଷଜ୍ଞ ସୁଜୟ ୟୁ କହିଛନ୍ତି ଯେ ପ୍ରମୁଖ ସହରଗୁଡ଼ିକରେ ଘର କିଣିବା ଆଉ ସମ୍ପତ୍ତି ସୃଷ୍ଟି କରିବା ନୁହେଁ, ବରଂ ଏଭଳି ପଦକ୍ଷେପ ଆପଣଙ୍କୁ ଅସୁବିଧାରେ ପକାଇପାରେ। ସେ ବ୍ୟାଖ୍ୟା କରିଛନ୍ତି ଯେ ଆଜିର ସହରାଞ୍ଚଳ ଭାରତୀୟଙ୍କ ପାଇଁ ଘର କିଣିବା ଅପେକ୍ଷା ଭଡା ନେବା ଅଧିକ ଲାଭଦାୟକ। ତାଙ୍କ ପୋଷ୍ଟରେ, ସୁଜୟ ଏହି ଧାରଣାକୁ ଏଡାଇଯାଇଛନ୍ତି ଯେ ସମ୍ପତ୍ତି କିଣିବା ଅର୍ଥ ଧନୀ ହେବା।

ତାଙ୍କ ମତରେ ଆଜିର ସମୟରେ ମୁମ୍ବାଇରେ ଏକ ୨ ବିଏଚ୍‌କେ ଫ୍ଲାଟର ମୂଲ୍ୟ ୨ ରୁ ୨.୨ କୋଟି ଟଙ୍କା। ବେଙ୍ଗାଲୁରୁରେ, ଏହା ୧.୨ ରୁ ୧.୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ, ଏହି ସହରଗୁଡ଼ିକରେ ଗୋଟିଏ ପରିବାରର ହାରାହାରି ବାର୍ଷିକ ଆୟ କେବଳ ୨୦ ରୁ ୩୦ ଲକ୍ଷ। ଏହାର ଅର୍ଥ ହେଉଛି ଘରର ମୂଲ୍ୟ ପରିବାରର ଆୟଠାରୁ ୮ରୁ ୧୨ ଗୁଣ ଅଧିକ, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୩ରୁ ୫ଗୁଣ ରହିବା ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଏ।




ସୁଜୟ ତାଙ୍କ ପୋଷ୍ଟରେ ଗୃହ ଋଣ ଇଏମ୍‌ଆଇ ଉପରେ ମଧ୍ୟ ନିଜର ମତ ପ୍ରକାଶ କରି। ସେ ଏହାକୁ ଏକ ଫାଶ ଭାବରେ ବର୍ଣ୍ଣନା କରିଥିଲେ। ସେ ଲେଖିଛନ୍ତି ଯେ ମୁମ୍ବାଇରେ ୨ କୋଟି ମୂଲ୍ୟର ଏକ ଫ୍ଲାଟ୍ ପାଇଁ, ପ୍ରତି ମାସରେ ୧.୪ ଲକ୍ଷ ଟଙ୍କାରୁ ଅଧିକ ଇଏମ୍‌ଆଇ ଦେବାକୁ ପଡ଼େ। ଏହି ଇଏମ୍‌ଆଇ ପରିବାରର ମୋଟ ଆୟର ୫୦ ରୁ ୭୦% ଆୟ ଖାଇଯାଏ। ସୁଜୟ ଏ ନେଇ ଚେତାଇ ଦେଇଛନ୍ତି। ତାଙ୍କ ଅନୁସାରେ, ବିଶ୍ୱବ୍ୟାପୀ ଆର୍ଥିକ ପରାମର୍ଶଦାତାମାନେ କୁହନ୍ତି ଯେ ଘର ଭଡ଼ା କିମ୍ବା ଇଏମ୍‌ଆଇ ଜଣଙ୍କର ଆୟର ୩୦% ରୁ ଅଧିକ ହେବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ବ୍ୟାଖ୍ୟା କରିଛନ୍ତି ଯେ ସମ୍ପତ୍ତିରୁ ରିଟର୍ଣ୍ଣ ମଧ୍ୟ ବହୁତ କମ୍। ଏକ ପ୍ରମୁଖ ଅଧ୍ୟୟନ ଅନୁଯାୟୀ, ୨୦୧୩ ରୁ ୨୦୨୩ ମଧ୍ୟରେ ମୁମ୍ବାଇରେ ସମ୍ପତ୍ତି ମୂଲ୍ୟ ୧% ହ୍ରାସ ପାଇଛି। ସାରା ଦେଶରେ ୨୦୧୦ ପରଠାରୁ ପ୍ରପର୍ଟି ମୂଲ୍ୟ ବାର୍ଷିକ ମାତ୍ର ୩% ବୃଦ୍ଧି ପାଇଛି। ଏହି ସମୟରେ, ଭଡା ରିଟର୍ଣ୍ଣ ପ୍ରାୟ ୨%, ଯାହା ବିଶ୍ୱରେ ସର୍ବନିମ୍ନ।

ସୁଜୟ କହିଛନ୍ତି, ସମ୍ପତ୍ତିରେ ନିବେଶ ଆପଣଙ୍କୁ ଧନୀ କରି ନ ଥାଏ, ବରଂ ଆପଣଙ୍କର ସ୍ୱାଧୀନତା, ଗତିବିଧିର ସ୍ୱାଧୀନତା ଏବଂ ନିବେଶ କରିବାର କ୍ଷମତା ହ୍ରାସ କରିଥାଏ। ସେ ବେଙ୍ଗାଲୁରୁର ହ୍ୱାଇଟ୍ ଫିଲ୍ଡ ଅଞ୍ଚଳର ଯୁବ ଭଡାଟିଆଙ୍କ ଉଦାହରଣ ଦେଇଥିଲେ। ଏହି ଲୋକମାନେ ସେମାନଙ୍କର ଇଏମ୍‌ଆଇ ସଞ୍ଚୟ କରନ୍ତି ଏବଂ ଏସ୍‌ଆଇପି (ସିଷ୍ଟମେଟିକ୍ ନିବେଶ ଯୋଜନା) ରେ ନିବେଶ କରିନ୍ତି। ଏହା କରି ସେମାନେ ଦୁଇ ଦଶନ୍ଧି ପରେ ଯେଉଁମାନେ ବଡ଼ ଗୃହ ଋଣ ନେଇଛନ୍ତି ସେମାନଙ୍କ ଅପେକ୍ଷା ଅଧିକ ଧନ ଅର୍ଜନ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେଇପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଦୀର୍ଘଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୦- ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ବିଲାତ ଯାତ୍ରା।
- ୧୯୨୦- ଜେନିଭାରେ ଲିଗ୍ ଅଫ୍ ନେସନ୍‌ର ପ୍ରଥମ ବୈଠକ ଆରମ୍ଭ।
- ୧୯୬୧- ମିଳିତ ଜାତିସଂଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇଲା।
- ୧୯୭୧- ଇଣ୍ଟେଲ୍ ବିଶ୍ୱର ପ୍ରଥମ ମାଇକ୍ରୋପ୍ରୋସେସର୍ ଇଣ୍ଟେଲ୍ ୪୦୦୪ ଲଞ୍ଚ୍ କଲା।
- ୨୦୦୦- ଝାଡ଼ଖଣ୍ଡ ଭାରତର ୨୮ ତମ ରାଜ୍ୟ ହେଲା।
- ୨୦୦୭- ଚିଲିରେ ୭.୭ ତୀବ୍ରତାର ଭୂମିକମ୍ପ ଆସିଥିଲା।

## ବିରଳ ବେଙ୍ଗ
# ପାଟିରେ ଦେଖେ ଦୁନିଆ




କାନାଡ଼ାର ଓଣ୍ଟାରିଓ ଅନ୍ତର୍ଗତ ବର୍ଲିଂଟନ୍‌ରେ ଏକ ବିରଳ ପ୍ରଜାତିର ବେଙ୍ଗର ସନ୍ଧାନ ମିଳିଛି। ସାଧାରଣ ବେଙ୍ଗର ଆଖି ମୁହଁ ଉପରେ ଥିବାବେଳେ ଏହାର ଆଖି ପାଟି ଭିତରେ ରହିଛି। ବୈଜ୍ଞାନିକମାନେ ଏହାର ନାଁ ଦେଇଛନ୍ତି 'ଇଣ୍ଟ୍ରୋସ୍ପେକ୍ଟିଭ ଫ୍ରଗ୍'। କାରଣ ଏହି ବେଙ୍ଗକୁ ଦୁନିଆ ଦେଖିବାକୁ ତା'ର ପାଟି ଖୋଲିବାକୁ ପଡ଼ିଥାଏ। ପାଟି ଭିତରେ ଆଖି ରହିବା କାରଣ ଜେନେଟିକ୍ ମ୍ୟୁଟେଶନ। ଘଟଣାକ୍ରମେ ଓଣ୍ଟାରିଓର ଜଣେ ହାଇସ୍କୁଲ ଛାତ୍ର ଡିଡ୍ରେ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ସେ ଏକ ବିଚିତ୍ର ବେଙ୍ଗକୁ ଦେଖିଥିଲେ। ତାଙ୍କୁ ଲାଗିଥିଲା ବେଙ୍ଗଟି ଆଖି ବନ୍ଦ କରି ଶୋଇଛି। ହେଲେ ବେଙ୍ଗଟିକୁ ଧରିବାବେଳେ ସେ ପାଟି ଖୋଲିଥିଲା। ବେଙ୍ଗର ଆଖି ତା'ର ପାଟି ଭିତରେ ଥିବା ଦେଖି ଡିଡ୍ରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେଣୁ ସେ ଏହି ବେଙ୍ଗକୁ ନେଇ ଘରେ ରଖିଥିଲେ। ଏହାର ନାଁ ଦେଇଥିଲେ 'ଗୋଲମ'। ଏହା ସହିତ ସେ ସାମ୍ବାଦିକ ସ୍କଟ୍ ଗାର୍ଡନରଙ୍କୁ ଫୋନ୍ କରି ବେଙ୍ଗଟି ବିଷୟରେ କହିଥିଲେ। ସ୍କଟ୍ ବେଙ୍ଗର କଳା ଧଳା ଫଟୋ ଉଠାଇ ଥିଲେ। ଫଟୋରେ ବେଙ୍ଗର ମୁହଁ ଖୋଲାଥିଲା। ଗାର୍ଡନରଙ୍କ କହିବାନୁସାରେ, ଏହି ବେଙ୍ଗଟି ସାମାନ୍ୟ ଦେଖାଯାଉଥିଲେ ହେଁ, ଏହା ଆଖି ଖୋଲିଲେ ଭୟାନକ ଲାଗିଥାଏ। ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହା ମ୍ୟାକ୍ରୋମ୍ୟୁଟେସନ ଅଟେ। ସାଧାରଣତଃ ବେଙ୍ଗ ଭ୍ରୁଣରେ ଆଖି ମୁଣ୍ଡ ଉପରେ ବିକଶିତ ହୁଏ। ଆଖି ଡୋଳା ବାହାରକୁ ଆସିଥାଏ। ହେଲେ ଗୋଲମର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଇ ଥାଇପାରେ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେମ୍ସ ବୋଗର୍ଟ ଏହି ମାମଲାର ଯାଞ୍ଚ କରିଥିଲେ। ତାଙ୍କ କହିବାନୁସାରେ, 'ବେଙ୍ଗ ପାଟି ଭିତରେ ଆଖି ରହିବା ଜିନ୍ ନିୟନ୍ତ୍ରଣରେ ବ୍ୟାହତ କିମ୍ବା ପରିବେଶ ପ୍ରଦୂଷଣର ମଧ୍ୟ କାରଣ ହୋଇପାରେ। ଗୋଲମ୍ କ୍ଷେତ୍ରରେ କିନ୍ତୁ ଏହା ଜନ୍ମଜାତ।'

## ପ୍ରଥମ ଥର ଏକାଠି ଆସିବେ
# ଶ୍ରଦ୍ଧା-ରଣଦୀପ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ବହୁତ ଦେଖିଚାହିଁ ଫିଲ୍ମ ସାଇନ୍ କରନ୍ତି। 'ସ୍ତ୍ରୀ ୨'ର ଜବରଦସ୍ତ ସଫଳତା ପରେ ଏବେ ସେ 'ଇଥା' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ। 'ଛାବା' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଶ୍ରଦ୍ଧା କପୁରଙ୍କ ବିପକ୍ଷରେ ରଣଦୀପ ହୁଡା ଦେଖାଯିବେ। ପ୍ରଥମ ଥର ପାଇଁ ରଣଦୀପ ଓ ଶ୍ରଦ୍ଧା ଏକାଠି ବଡ଼ ପରଦାରେ ନଜର ଆସିବେ। ଏଇ ମାସ ଶେଷ ଆଡ଼କୁ ଏହାର ସୁଟିଂ ମୁମ୍ବାଇରୁ ଆରମ୍ଭ ହେବ। 'ଇଥା' ପ୍ରସିଦ୍ଧ ଲାବଣୀ ତଥା ତମାଶା କଳାକାର ବିଠାବାଈ ନାରାୟଣ ଗାଓଁଙ୍କର ବାୟୋପିକ୍ ହେବ। ଏଥିପାଇଁ ଶ୍ରଦ୍ଧା ଏବେ ଲାବଣୀ ନୃତ୍ୟ ଶିଖୁଛନ୍ତି। ଏଯାବତ୍ ଏହି ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ।

## ଆଜି ଆସିଥିଲେ
# ବିପ୍ଳବୀ ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଇତିହାସରେ ବିଖ୍ୟାତ। ୧୮୭୫ ମସିହା ଆଜିର ଦିନରେ ସେ ଅଧୁନା ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲା ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା। ଚାଇଁବସା ମିଶନ୍ ସ୍କୁଲରେ ପଢୁଥିଲାବେଳେ ଗୋରା ପ୍ରଧାନଶିକ୍ଷକ ଆକ୍ରୋଶମୂଳକ ଭାବେ ବିର୍ସାଙ୍କୁ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ। ସେବେଠାରୁ ପାଠପଢ଼ା ଛାଡ଼ି ବ୍ରିଟିଶ୍ ଶାସନରୁ ଓଡ଼ିଶାକୁ ମୁକ୍ତ କରିବାକୁ ସେ ଲାଗିପଡ଼ିଥିଲେ। ଏଥିପାଇଁ ସ୍ଥାନୀୟ ଆଦିବାସୀଙ୍କୁ ସେ ଏକାଠି କରିଥିଲେ। ସେବକପଟ୍ଟା ନ ଲେଖିବା, ଖଜଣା ନ ଦେବା ଏବଂ ବନ୍ଧୁକ ମୁନକୁ ଡରି ଧର୍ମ ପରିବର୍ତ୍ତନ ନ କରିବାକୁ ସେ ଆଦିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିଲେ। ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବା ପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ। ୧୮୯୫ ମସିହା ଅଗଷ୍ଟ ୨୬ ଦିନ ଇଂରେଜ ସିପାହୀ ବିର୍ସା ମୁଣ୍ଡାଙ୍କ ସମେତ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ। ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା। ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା। ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା। ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ। ତାଙ୍କ ଆହ୍ୱାନରେ ଶହ ଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ। ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ। ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ। ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ। ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଦ୍ଧୁରାମ ଓ ଜୟରାମଙ୍କୁ ଇଟିକା ଗ୍ରାମକୁ ପଠାଗଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଦୁଇଜଣ କନେଷ୍ଟବଳଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁବରଣ କରିଥିଲେ। ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାରେ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ। ଏହାର ଜବାବରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ। ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ। ଏହାର ଜବାବରେ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ। ବିର୍ସା ଅଳ୍ପକେ ବର୍ତ୍ତିଯାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ। କେତେଜଣ ବିଶ୍ୱାସଘାତକଙ୍କ ପାଇଁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜ ସରକାର ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ପଠାଇ ଦେଲେ। ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିଲା। ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗକଲେ। ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା।

## ପ୍ରହେଳିକା



- ସାଗର ଦୁଲଣୀ ନାମେ ବିଖ୍ୟାତ
ତାଙ୍କ ଯୋଗୁଁ ମିଳେ ଧନ ସମ୍ପଦ
କଳା ସାଆନ୍ତଙ୍କ ସେ ପାଟରାଣୀ
ଦୀନ ଦରିଦ୍ରକୁ କରନ୍ତି ଧନୀ
ସ୍ୱଚ୍ଛତା ପରଖି ସିଏ
ମାଣବସା ଦିନ ଗୃହେ ବିରାଜନ୍ତି
କୁହ ତାଙ୍କ ନାମ କିଏ।

**ଉତ୍ତର-ଲକ୍ଷ୍ମୀ ମାତା**

- ମଗୁଶୁର ମାସ ଗୁରୁବାରରେ
ସଭିଏଁ ପାଳନ୍ତି ସେ ପର୍ବ ଘରେ
ଘରଦ୍ୱାର ଖଳା ଝୋଟିରେ ହସେ
ଧୂପ ନୈବେଦ୍ୟର ମହକ ଆସେ
ଖଟୁଲିରେ ଶୋହେ ଧାନର ବେଣି
ପୂଜନ୍ତି ଭକ୍ତିରେ ସର୍ବ ଗୃହିଣୀ
ପର୍ବ ମଧ୍ୟେ ସିଏ ସାର
ଶଙ୍ଖ ହୁଳହୁଳି ଉଚ୍ଛୁଳି ପଡ଼ଇ
କୁହ ଦେଖି ନାମ ତା'ର।

**ଉତ୍ତର-ମାଣବସା ପର୍ବ**

- ମାଣବସା ପର୍ବ ଯେବେ ଆସଇ
ଏ ପିଠା ମାତାଙ୍କୁ ଭୋଗ ଲାଗଇ
ଚାଉଳ ଚୂନାରେ ହୁଏ ତିଆରି
ଛେନା ନଡ଼ିଆର ପୁରରେ ଭରି
ହାତକୁ ଲାଗଇ ଭାରି କୋମଳ
ଖାଇବାକୁ ହୁଏ ମନ ବ୍ୟାକୁଳ
ଅଥାରରେ ସିଝା ହୁଏ
ଦେଖିବାକୁ ସିଏ ଧଳା ଫର ଫର
କୁହ ତା'ର ନାମ କିଏ।

**ଉତ୍ତର-ମଣ୍ଡାପିଠା**

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆସିଛି ଶୀତ ଶୁଭୁଚି ଗୀତ



**ପ୍ରଶାନ୍ତ କୁମାର ଦାଶ**

ଆସିଛି ଶୀତ ଶୁଭୁଚି ଗୀତ
ରାତିଟା ଗଲେ ପାହି
ସକାଳ ହେଲେ ଖରା ପଡ଼ିଲେ
ଝଲସେ ଗାଆଁ ସାହି ॥
ସବୁରି ଓଠେ ଭରିବ ହସ
ପଳାଇ ଯିବ ଦୁଃଖ
ଶୀତଟି ସିନା ଥରାଏ ଦେହ
ବାଣ୍ଟୁଥାଏ ସେ ସୁଖ ॥
ଦିନ ଛୁଟିବ ଘୋଡ଼ାଟି ପରି
ରାତି ହୋଇବ ବଡ଼
ନ ଡରି ଶୀତ ଶିଶିର ଦାଉ
ଫୁଟିବ ଗଛେ କଢ଼ ॥
ଚାଷୀ ଦେଖିବ ସୁନା ସପନ
ନରମ ଶେଯେ ଶୋଇ
ସକାଳୁ ସଞ୍ଜ କ୍ଷେତରେ ତାରା
କେତେ ସେ ଦେବ ରୋଇ ॥
ଶୀତ ଋତୁ ତ ଅମଳ ଋତୁ
ନାନା ଫସଲ ମିଳେ
ରହିବ ନାହିଁ ଦୁଃଖ ଅଭାବ
ଚାଷୀ ଭାଇର ତିଳେ ॥
ଓଷା ପରବ ଗେଲ ଗରବ
ଶୀତ ସଭିଙ୍କୁ ଦେବ
ସୁନ୍ଦର କରି ସରସ ଧରା
ଶେଷେ ମେଲାଣି ନେବ ॥

କୁଞ୍ଜର –ସଙ୍ଗଲାଇ, ପୁରୀ
ମୋ-୯୬୭୮୮୨୨୧୯୦

## ଶୀତ ଗୀତଗାଏ



**ରମାକାନ୍ତ ଦାସ**

ଶୀତ ଗୀତଗାଏ
କୁହୁଡ଼ି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ ॥
ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ ॥
ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ ॥
ଶୀତ ଗୀତଗାଏ
ବାଡ଼ି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି ॥
ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତଗାଏ
ଗାଆଁ ଗଛମାନେ
ସୁରୁଜ ଆଲୋକ ବୁଣେ ॥


ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୭୮୮୧୫୩୬୯

## ସୁମନ

# ଶତ୍ରୁତା ହାର ମାନିଲା



**ସୁବ୍ରତ ଦାସ**



ଜଙ୍ଗଲରେ ହାତୀ ରଜା ହେବା ପରେ ସିଂହର କ୍ରୋଧ ବଢ଼ି ଯାଇଥିଲା। ଯେଉଁମାନେ ହାତୀ ସପକ୍ଷରେ ମତ ଦେଇଥିଲେ, ସିଂହ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସ୍ଥିର କରିଥିଲା। ସେଥିପାଇଁ ସିଂହ ତା'ର ସମର୍ଥକମାନଙ୍କୁ ଡାକି ହାତୀର ଆଦେଶ ନ ମାନିବାକୁ ପରାମର୍ଶ ଦେଇଥିଲା। ଯେପରି ପୂର୍ବରୁ ଜଙ୍ଗଲରେ ନିଜ ଇଚ୍ଛାରେ ଶିକାର କରୁଥିଲା, ସେପରି କରିବା ପାଇଁ ମତାଉଥିଲା। ଯିଏ ପ୍ରତିବାଦ କରିବ, ତାକୁ ଦଳବଦ୍ଧ ଭାବେ ମିଶି ଆକ୍ରମଣ କରିବେ ବୋଲି ସିଂହ ଚେତାବନୀ ଦେଇଥିଲା। ସିଂହର ସମର୍ଥକମାନେ ତାକୁ ବିଶ୍ୱାସ କରି ହଁ ମାରିଥିଲେ। ଏମିତି କିଛିଦିନ ବିତିଗଲା। ଅନେକ ସମୟରେ ସିଂହ ନିରୀହ ପଶୁପକ୍ଷୀମାନଙ୍କୁ ଶିକାର କରିବା ପାଇଁ ଧମକ ଦେଲା, ଭୟ ଦେଖାଇଲା। ନିରୀହ ଜୀବଜନ୍ତୁମାନେ ଡରି ହାତୀ ପାଖରେ ପହଞ୍ଚି ଅଭିଯୋଗ କଲେ। ହାତୀ ସମସ୍ତଙ୍କ କଥା ଶୁଣିଲା। ଧୀର ଭାବରେ ହାତୀ ବୁଝାଇଲା; ଧୈର୍ଯ୍ୟ ଧର, ସମୟ ଆସିବ ; ସିଂହର କ୍ରୋଧ ଶାନ୍ତ ହୋଇଯିବ। ସମସ୍ତେ ହାତୀ ଉପରେ ବିଶ୍ୱାସ ରଖି ଜଙ୍ଗଲ ଭିତରକୁ ଚାଲିଗଲେ। ହାତୀ ଖୁବ୍ ଧୈର୍ଯ୍ୟବାନ ଥିଲା। ସମସ୍ତଙ୍କର ଭଲ, ମନ୍ଦ, ଅସୁବିଧା ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ କରେ ବୋଲି ଜଙ୍ଗଲର ସବୁ ପଶୁପକ୍ଷୀମାନେ ତାକୁ ଖୁବ୍ ଆଦର କରନ୍ତି। ସେଥିପାଇଁ ତାଙ୍କୁ ଜଙ୍ଗଲର ରଜା ମଧ୍ୟ କରିଛନ୍ତି। ଦିନେ କ୍ରୋଧୀ ସିଂହଟି ତା'ର ଶାବକକୁ ନେଇ ଜଙ୍ଗଲର ଶେଷ ଭାଗ ଆଡ଼କୁ ଶିକାର କରିବା ପାଇଁ ଯାଇଥାଏ। ସିଂହ ସାଙ୍ଗରେ ତା'ର କିଛି ଅନୁଚର ଗଧିଆ, ବିଲୁଆ, କେଁକିଶିଆଳ ଥାଆନ୍ତି। ଜଙ୍ଗଲର ଶେଷ ଭାଗରେ ଗୋଟିଏ ଭଙ୍ଗା କୂଅ ଥିଲା। କୂଅଟି ମଧ୍ୟ ଗଭୀରିଆ ହୋଇଥାଏ। ବହୁ ଜୀବ ଜନ୍ତୁ ଅସାବଧାନ ବଶତଃ ସେହି କୂଅରେ ପଡ଼ି ଆଗରୁ ପ୍ରାଣ ହରାଇଛନ୍ତି। ଥରେ ହାତୀ ଜଙ୍ଗଲରେ ସଭା କରି କହିଲା, ଜଙ୍ଗଲ ଶେଷ ଭାଗରେ ଗୋଟିଏ କୂଅ ଅଛି। କୌଣସି ଜୀବ ଜନ୍ତୁ ସେଠାକୁ ଯିବ ନାହିଁ। ସେହି ସ୍ଥାନଟିକୁ ଜାଣିବା ପାଇଁ ଆମ୍ବଗଛଗୁଡ଼ିକୁ ଗୋଲାକାର ଭାବେ କୂଅ ଚାରିପଟେ ଲଗାଯାଇଥିଲା। ସମସ୍ତଙ୍କୁ ବାରଣ କରାଯାଇଥିଲା, ଆମ୍ବ ଗଛଗୁଡ଼ିକୁ ଚିହ୍ନି ସେ ସ୍ଥାନକୁ କୌଣସି ଜୀବଜନ୍ତୁ ନ ଯିବା ପାଇଁ। ମାତ୍ର ସିଂହ ହାତୀର କଥା ନ ମାନି ତା ଦଳ ବଳ ଧରି ଶିକାର କରିବାକୁ ସେଠାକୁ ଯାଇଥିଲା। ସେଠାରେ ସିଂହ ଶାବକଟି ଡିଆଁ ମାରି ଖେଳୁ ଖେଳୁ ହଠାତ୍ ଭଙ୍ଗା କୂଅରେ ପଡ଼ି ଯାଇଥିଲା। ଗଧିଆ ପଡ଼ିଯିବା ଶବ୍ଦ ଶୁଣି ପଡ଼ିଗଲା.. ପଡ଼ିଗଲା ଚିତ୍କାର କରି ସିଂହକୁ କହିଲା। ସମସ୍ତେ ବ୍ୟସ୍ତ ହୋଇ ଦେଖିଲାବେଳକୁ ସିଂହ ଶାବକଟି ସତରେ କୂଅ ଭିତରେ ପଡି ଯାଇଛି। ସିଂହ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲା। ଶାବକଟିକୁ କିପରି କୂଅରୁ ଉଦ୍ଧାର କରାଯିବ, ସବୁ ବୁଦ୍ଧି ବାହାର କଲେ ହେଲେ କିଛି କାମ ଦେଲାନି। ଏହି ସମୟରେ ବିଲୁଆ କ୍ଷିପ୍ର ଗତିରେ ଆସି ହାତୀ ପାଖରେ ପହଞ୍ଚିଲା। ସେତେବେଳେ ହାତୀ ବରଗଛ ମୂଳେ ଶୋଇଥାଏ। ବିଲୁଆର କଥା ଶୁଣି ହାତୀ ଧଡ଼ପଡ ହୋଇ ଉଠି ପଡ଼ିଲା ଓ ଜଙ୍ଗଲ ଭିତରକୁ ଦୌଡ଼ିଲା। ସିଂହ ଏଣେ ବ୍ୟସ୍ତ ହୋଇ ଗର୍ଜନ କରୁଥାଏ। ସିଂହର ଗର୍ଜନ ଶୁଣି ଅଳ୍ପ ସମୟ ଭିତରେ ସବୁ ପଶୁପକ୍ଷୀମାନେ ରୁଣ୍ଡ ହୋଇଗଲେ। ହେଲେ କେହି କିଛି କରି ପାରୁ ନଥିଲେ। ହାତୀ ପହଞ୍ଚି ଦେଖିଲା, କୂଅ ଭିତରେ ସିଂହ ଶାବକଟି ଉବୁଟୁବୁ ହେଉଛି। ସେ ତାର ଶୁଣ୍ଢକୁ କୂଅ ଭିତରକୁ ବଢ଼ାଇଲା। ଶୁଣ୍ଢ ପାଉ ନ ଥାଏ। ଆଉ ସମୟ ବିଳମ୍ବ ନ କରି ହାତୀ ତା ଶୁଣ୍ଢରେ ଗୋଟିଏ ସରୁ ଆମ୍ବ ଗଛ ଉପାଡ଼ି ଦେଲା ଏବଂ ମୂଳ ସହ ଗଛଟିକୁ କୂଅ ଭିତରକୁ ପକାଇଲା। ଗଛର ମୂଳ ସିଂହ ଶାବକ ପାଖକୁ ଲାଗିଗଲା। ସଙ୍ଗେ ସଙ୍ଗେ ସିଂହ ଶାବକଟି ଗଛ ଉପରେ ଚଢ଼ି ଅଗ୍ରଭାଗକୁ ଉଠି ଆସିଲା। ହାତୀ ତା ଶୁଣ୍ଢ ବଢାଇ ଶାବକକୁ ଉପରକୁ ନେଇ ଆସିଲା। ଶାବକଟି ଖୁବ୍ ଖୁସି ହୋଇ ସିଂହ ପାଖକୁ ଦୌଡ଼ିଗଲା। ସିଂହ ତାକୁ ଗେହ୍ଲା କରି ତା ଜିଭରେ ଚାଟି ପକାଇଲା। ସବୁ ପଶୁପକ୍ଷୀମାନେ ଏ ଦୃଶ୍ୟ ଦେଖି ଖୁବ୍ ଖୁସି ହୋଇଗଲେ। ସିଂହର କ୍ରୋଧ ପାଣି ଭଳି ମିଳାଇଗଲା। ତା'ର ଶତ୍ରୁତା ହାର ମାନିଲା। ନିଜର ଭୁଲ ବୁଝିପାରିଲା ଏବଂ ଅପମାନିତ ମନେକରି ହାତୀ ଆଗରେ ଗୋଡ଼ ଯାକି ବସି ପଡ଼ିଲା। ହାତୀ ତା' ଶୁଣ୍ଢ ରେ ସିଂହକୁ ଆଉଁସି ଦେଲା। ସବୁ ପଶୁପକ୍ଷୀ ହାତୀକୁ ପ୍ରଶଂସା କଲେ। ସିଂହ ନିଜର ଭୁଲ ବୁଝି ପାରିଲା ଏବଂ ସମସ୍ତଙ୍କୁ କହିଲା, ବିପଦ ସମୟରେ ସାହାଯ୍ୟ କରିବା ହିଁ ପ୍ରକୃତ ବନ୍ଧୁ। ସେହିଦିନଠାରୁ ସିଂହ ହାତୀର ଉପଦେଶ ମାନିଲା।

ରାଜେନ୍ଦ୍ରପୁର, ବାରିକପୁରବଜାର, ଭଦ୍ରକ
ମୋ- ୯୪୩୭୭୩୧୯୦୩

## ଶିଶୁ ଚିତ୍ରକଳା






**ଅନ୍ୱେଶା ପଟ୍ଟନାୟକ**
ସପ୍ତମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୁରୀ






**ସାନ୍‌ଭି ସାମଲ**
ଦ୍ୱିତୀୟ ଶ୍ରେଣୀ
କଳିଙ୍ଗ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା





**ସ୍ୱର୍ଣିକା ପ୍ରଧାନ**
ଷଷ୍ଠ ଶ୍ରେଣୀ
ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ
ସୋନପୁର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ସୂର୍ଯ୍ୟକାନ୍ତଙ୍କ ସନ୍ନ୍ୟାସ ଘୋଷଣା

କଟକ,୧୪।୧୧(ସମିସ): ଗତ ସିଜନ ଠାରୁ ରାଜ୍ୟ ବରିଷ୍ଠ ଦଳରୁ ଦୂରେଇ ରଖାଯିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିରୋଧରେ ଅସନ୍ତୋଷ ବ୍ୟକ୍ତ କରୁଥିବା ସୂର୍ଯ୍ୟକାନ୍ତ ପ୍ରଧାନ ସମସ୍ତ ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ରାଜ୍ୟ ଦଳ ଚୟନରେ ପାତରଅନ୍ତର ଅଭିଯୋଗ ଉଠାଇ ସୂର୍ଯ୍ୟକାନ୍ତ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ବିଶେଷକରି ମୁଖ୍ୟକୋଚ୍ ସୁରେନ୍ଦ୍ର ଭାବେ ଏବଂ ଚୟନକର୍ତ୍ତା ସୌରଜିତ ମହାପାତ୍ରଙ୍କୁ ଦାୟୀ କରିଛନ୍ତି ଏହି ୩୨ବର୍ଷୀୟ ଅଲରାଉଣ୍ଡର। ତାଙ୍କୁ ଦଳରୁ ଦୂରେଇ ରଖିବା ପଛରେ ସୁରେନ୍ଦ୍ର ଏବଂ ସୌରଜିତଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସେ କହିଛନ୍ତି।



## ସୁରେନ୍ଦ୍ର ଓ ସୌରଜିତଙ୍କୁ ଦାୟୀ କଲେ

ଚଳିତ ରଣଜୀ ସିଜନରେ ଦଳରେ ବାରମ୍ବାର ପରିବର୍ତ୍ତନ କରାଯିବା ସତ୍ତ୍ୱେ ସୂର୍ଯ୍ୟକାନ୍ତଙ୍କୁ ସାମିଲ କରାଯାଇନଥିଲା। ଓଡ଼ିଶାର ପ୍ରଦର୍ଶନ ନିକୃଷ୍ଟ ରହୁଥିଲେ ସୁଦ୍ଧା ତାଙ୍କୁ ଡକରା ମିଳିନଥିଲା। ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳ ପରିବର୍ତ୍ତନ ନିମନ୍ତେ ଦୁଇ ଦିନ ପୂର୍ବେ ଓସିଏ କାର୍ଯ୍ୟାଳୟରେ ବୈଠକ ବସିଥିଲା। ତେବେ ନାଗାଲାଣ୍ଡ ବିପକ୍ଷ ନୁହେଁ, ପରବର୍ତ୍ତୀ କୌଣସି ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ବୈଠକ ସ୍ଥଳରୁ ଓସିଏର ଜଣେ ବରିଷ୍ଠ ପଦାଧିକାରୀ ସୂର୍ଯ୍ୟକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ୬୨ଟି ରଣଜୀ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟକାନ୍ତ ଫୋନ୍‌କଲ୍‌ରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ରିକେଟ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଖେଳାଳିଙ୍କ ପ୍ରତିଭା କିମ୍ବା ସେମାନଙ୍କ ପ୍ରଦର୍ଶନକୁ ମାପଦଣ୍ଡ ଭାବେ ବିଚାର କରାଯାଉନାହିଁ। ଚିହ୍ନାଜଣାରେ ରାଜ୍ୟ ଦଳ ଗଠନ ହେଉଛି। ବିଶେଷକରି ଚୟନ କମିଟିର କର୍ମକର୍ତ୍ତା ନିଜ ପରିଚିତ କିମ୍ବା ସେମାନଙ୍କ ଅଧିନ କ୍ଲବର ଖେଳାଳିଙ୍କୁ ରାଜ୍ୟ ଦଳରେ ସୁଯୋଗ ଦେଉଛନ୍ତି ବୋଲି ସୂର୍ଯ୍ୟକାନ୍ତ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ସୂର୍ଯ୍ୟକାନ୍ତ ୬୨ଟି ରଣଜୀ ମ୍ୟାଚରୁ ୧୯୭ ୱିକେଟ ଦଖଲ କରିବା ସହ ୧୨୮୦ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟରେ ୩୫ଟି ମ୍ୟାଚ୍‌ରୁ ୪୬ଟି ୱିକେଟ, ଟି-୨୦ ଫର୍ମାଟରେ ୫୨ଟି ମ୍ୟାଚ୍‌ରୁ ସେ ୪୭ଟି ୱିକେଟ ଅକ୍ତିଆର କରିଛନ୍ତି।

## ବୁମ୍ରାଙ୍କ ଘାତକ ବୋଲିଂ; ପ୍ରଥମ ଦିନରେ ୧୧ ୱିକେଟର ପତନ

# ୧୫୯ରେ ଅଟକିଲା ଦକ୍ଷିଣ ଆଫ୍ରିକା

କୋଲକାତା,୧୪।୧୧(ଏଜେନ୍ସି): ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୫୯ ରନ୍‌ରେ ସୀମିତ ରହିଛି। ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ବଡ଼ ସ୍କୋର କରିପାରି ନ ଥିଲାବେଳେ ଭାରତ ପକ୍ଷରୁ ବୁମ୍ରା ୫ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି। ଇଡେନ୍‌ପିଚ୍ ଉଭୟ ପେସ ଓ ସ୍ପିନ୍‌ଙ୍କୁ ସୁହାଉଥିଲାବେଳେ ଅନ୍‌ଇଭିନ୍ ବାଉନ୍ସ ବ୍ୟାଟରଙ୍କ ଲାଗି ସମସ୍ୟା ସୃଷ୍ଟି କରିଥିଲା। ମହମ୍ମଦ୍ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏଁ, ଅକ୍ଷର ପଟେଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ (୨୭ ବଲ୍‌ରେ ୧୨ରନ୍)ଙ୍କ ୱିକେଟ ହରାଇ ୨୦ ଓଭର ଖେଳି ୧ ୱିକେଟ ବିନିମୟରେ ୩୭ ରନ୍ ସଂଗ୍ରହ କରିନେଇଛି। ପ୍ରଥମ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍‌ରେ ବ୍ୟାଟିଂ କରୁଥିଲେ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ଟସ୍ ଜିତିବା ପରେ ନିଦ୍ୱର୍ନ୍ଦ୍ୱରେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ଦୁଇ ଓପନର ମଧ୍ୟ ଭଲ ଆରମ୍ଭ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ୧୧ତମ ଓଭରରେ ଦଳୀୟ ସ୍କୋର ୫୭ ରନ୍ ହୋଇଥିଲାବେଳେ ର୍‌ୟାନ୍ ରିକେଲଟନ୍‌ଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍ରା ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ଭ୍ରମଣକାରୀ ଦଳ ଘରୋଇ ଦଳର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୫୫ ଓଭରରେ ମାତ୍ର ୧୫୯ ରନ୍ କରି ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୬ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ୨୩ତମ ବଲ୍‌ରେ ଖାତା ଖୋଲିଥିବା ଆଇଡେନ୍ ମାରକ୍ରମ ସର୍ବାଧିକ ୩୧ ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୭୪ ବଲ୍ ଖେଳି ୧୫ ରନ୍‌ରେ ଅପରାଜିତ ରହିଥିଲେ। ଅଧିନାୟକ ଟେମ୍ବା ବଭୁମାଙ୍କ ବ୍ୟାଟରୁ ମାତ୍ର ୩ ରନ୍ ମିଳିଥିଲା। ଭାରତ ପକ୍ଷରୁ ଅନ୍‌ଇଭିନ୍ ପିଚ୍‌ରୁ ଫାଇଦା ଉଠାଇ ବୁମ୍ରା ସର୍ବାଧିକ ୫ଟି ଓ ସିରାଜ ୨ଟି ୱିକେଟ ପାଇଥିଲେ। ପେସ୍ ବୋଲରଙ୍କୁ ୭ଟି ୱିକେଟ ମିଳିଥିଲାବେଳେ ଭାରତର ୪ ଜଣିଆ ସ୍ପିନ୍ ବାହିନୀ ଆଉ ୩ଟି ୱିକେଟ ପାଇଥିଲେ। ୨ଟି ୱିକେଟ ନେଇଥିବା ବାମହାତୀ କୁଲଦୀପ ଯାଦବ କିଛିଟା ଯାଦୁକରୀ ସ୍ପିନ୍ ବୋଲିଂ କରି ୨ଜଣ ଖେଳାଳିଙ୍କୁ ପାଭିଲିୟନ ଫେରାଇଦେଇଥିଲେ।



### କୋଲକାତା ଟେଷ୍ଟ ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦,** ୫୫ ଓଭର (ମାରକ୍ରମ-କ୍ୟା.ପନ୍ତ ବୋ.ବୁମ୍ରା-୩୧, ରିକେଟଲଟନ - ବୋ. ବୁମ୍ରା - ୨୩, ମୁଲ୍ଡର-ଏଲ୍‌ବିଡବ୍ଲ୍ୟୁ ବୋ.କୁଲଦୀପ-୨୪, ବଭୁମା-କ୍ୟା. ଜୁରେଲ ବୋ.କୁଲଦୀପ-୩, ଡି ଜୋର୍ଜି-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍ରା-୨୪, ଷ୍ଟବ୍ସ-ନଟ୍‌ଆଉଟ-୧୫, ଭେରିନ୍-ଏଲ୍‌ବିଡବ୍ଲ୍ୟୁ ବୋ.ସିରାଜ-୧୬, ୟାନ୍‌ସେନ୍-ବୋ. ସିରାଜ-୦, ବୋଶ୍-ଏଲ୍‌ବିଡବ୍ଲ୍ୟୁ ବୋ.ଅକ୍ଷର-୩, ହାର୍ମର-ବୋ.ବୁମ୍ରା-୫, ମହାରାଜ-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍ରା-୦, ଅତିରିକ୍ତ-୧୫।

ୱିକେଟ ପତନ: ୧/୫୭, ୨/୬୨, ୩/୭୧, ୪/୧୧୪, ୫/୧୨୦, ୬/୧୪୬, ୭/୧୪୭, ୮/୧୫୪, ୯/୧୫୯, ୧୦/୧୫୯।

ବୋଲିଂ ବିଶ୍ଳେଷଣ (ଭାରତ)- ବୁମ୍ରା: ୧୪-୫-୨୭-୫, ସିରାଜ: ୧୨-୦-୪୭-୨, ଅକ୍ଷର: ୬-୨-୨୧-୧, କୁଲଦୀପ: ୧୪-୧-୩୬-୨, ଜାଡେଜା: ୮-୨-୧୩-୦, ସୁନ୍ଦର: ୧-୦-୩-୦।

**ଭାରତ ପ୍ରଥମ ଇନିଂସ: ୩୭/୧,** ୨୦ ଓଭର (ଜୟସ୍ୱାଲ-ବୋ.ୟାନ୍‌ସେନ୍-୧୨, ରାହୁଲ-ବ୍ୟାଟିଂ-୧୩, ସୁନ୍ଦର-ବ୍ୟାଟିଂ-୬, ଅତିରିକ୍ତ-୬।

ୱିକେଟ ପତନ: ୧/୧୮।

ବୋଲିଂ ବିଶ୍ଳେଷଣ (ଦ.ଆଫ୍ରିକା)- ୟାନ୍‌ସେନ୍: ୬-୨-୧୧-୧, ମୁଲ୍ଡର: ୫-୧-୧୫-୦, ମହାରାଜ: ୫-୧-୮-୦, ବୋଶ୍: ୩-୨-୧-୦, ହାର୍ମର: ୧-୧-୦-୦।

## ଏସୀୟ ତୀରନ୍ଦାଜୀ: ୧୮ ବର୍ଷ ପରେ ଭାରତୀୟ ରିକର୍ଭ ଦଳକୁ ସ୍ୱର୍ଣ୍ଣ

ଢାକା, ୧୪।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଯଶଦୀପ୍ ଭୋଗେ, ଅତନୁ ଦାସ ଓ ରାହୁଲଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ସୁଟ୍ ଅଫ୍‌ରେ ୫-୪ରେ ଶକ୍ତିଶାଳୀ କୋରିଆକୁ ହରାଇ ଚାମ୍ପିଅନ ହୋଇଛି। ଏଥିସହ ଭାରତ ଦୀର୍ଘ ୧୮ ବର୍ଷ ପରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ପୁରୁଷ ଓ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ବି. ଧୀରଜ ଓ ଅଙ୍କିତା ଭକତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

## ସାଉଦୀ କେକେଆର୍‌ର ବୋଲିଂ କୋଚ୍

କୋଲକାତା, ୧୪।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ନ୍ୟୁଜିଲାଣ୍ଡର ଟିମ୍ ସାଉଦୀଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ୩୬ ବର୍ଷୀୟ କିୱି ଦ୍ରୁତ ବୋଲର ଚଳିତ ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଗତକାଲି କେକେଆର୍ ଫ୍ରାଞ୍ଚାଇଜ ପୂର୍ବତନ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଶେନ୍ ୱାଟସନଙ୍କୁ ସହାୟକ କୋଚ୍ ଭାବେ ନିଯୁକ୍ତ କରିଥିଲା।

## ରାଇଜିଂ ଷ୍ଟାର୍ ଏସିଆ କପ୍ | ୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

ଢାକା, ୧୪।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ରାଇଜିଂ ଷ୍ଟାର୍ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଭାରତର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଏକ ବିଧ୍ୱଂସୀ ଇନିଂସ ଖେଳିଛନ୍ତି। ଶୁକ୍ରବାର ୟୁଏଇ ଓ ଭାରତ-ଏ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମାତ୍ର ୩୨ଟି ବଲ୍‌ରେ ଶତକ ପୂରଣ କରିଛନ୍ତି। ଏହି ବିସ୍ଫୋରକ ଶତକୀୟ ଇନିଂସରେ ସେ ୩୪୨.୮୬ ଷ୍ଟ୍ରାଇକରେଟ୍‌ରେ ୪୨ ବଲରୁ ୧୪୪ ରନ କରି ଆଉଟ୍ ହୋଇଥିଲେ। ଯେଉଁଥିରେ ୧୧ ଚୌକା ଓ ୧୫ଟି ଛକା ସାମିଲ ରହିଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୨୦ ଓଭରରେ ୪ ୱିକେଟ୍ ହରାଇ ୨୯୭ ରନର ବିଶାଳ ସ୍କୋର କରିଥିଲା। ଜବାବରେ ୟୁଏଇ ୭ ୱିକେଟ୍‌ରେ ୧୪୯ ରନ୍ କରିବା ସହ ୧୪୮ ରନରେ ପରାସ୍ତ ହୋଇଥିଲା। ଟି-୨୦ ଫର୍ମାଟ୍‌ରେ ଭାରତୀୟ ଭାବେ ଦ୍ରୁତତମ ଶତକ ହାସଲ କରିବାରେ ଋଷଭ ପନ୍ତଙ୍କ ସହ ମିଶି ସୂର୍ଯ୍ୟବଂଶୀ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୮ ସୟଦ ମୁସ୍ତାକ ଅଲି ଟ୍ରଫିରେ ଦିଲ୍ଲୀ ପକ୍ଷରୁ ଖେଳି ପନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ୩୨ ବଲରେ ଶତକ ମାରିଥିଲେ। ତେବେ ଗୁଜରାଟର ଉର୍ଭିଲ ପଟେଲ ମାତ୍ର ୨୮ ବଲରେ ଶତକ ପୂରଣ କରି ଟି-୨୦ରେ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ଉର୍ଭିଲ ୨୦୨୪ରେ ତ୍ରିପୁରା ବିପକ୍ଷରେ ଏହି ବିଧ୍ୱଂସୀ ଇନିଂସ ଖେଳିଥିଲେ।



## ୨୧ରୁ ରାଜ୍ୟ ଟିଟି ଚାମ୍ପିଅନସିପ୍

କଟକ,୧୪।୧୧(ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଆସନ୍ତା ୨୧ରୁ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ମୋଟ୍ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଏବଂ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ। ଅନ୍ୟ ସମସ୍ତ ବର୍ଗରେ ଏକକ ପ୍ରତିଯୋଗିତା ହେବ। ଖେଳାଳି ନାମ ପଞ୍ଜୀକରଣ ନିମନ୍ତେ ଆସନ୍ତା ୧୭ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଛି। ଓଡ଼ିଶାର ଯେ କୌଣସି ଜିଲ୍ଲା କିମ୍ବା ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇ ପାରିବେ। ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ଚାମ୍ପିଅନସିପ ନିମନ୍ତେ ଖେଳାଳି ବଛାଯିବେ ବୋଲି ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡା ପ୍ରେସବିବୃତ୍ତିରେ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଶବର କପ ଫୁଟ୍‌ବଲ

## ଫାଇନାଲରେ ଢେଙ୍କାନାଳର ପପୁଲାର

ଯାଁଳା,୧୪।୧୧(ସମିସ): ଢେଙ୍କାନାଳର ପପୁଲାର କ୍ଲବ୍ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ରାଧାଚରଣପୁର ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ପପୁଲାର କ୍ଲବ୍ ୧-୦ ଗୋଲରେ ବୌଦ୍ଧର ଗେହ୍ଲା କ୍ଲବ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଶବର ସ୍ପୋର୍ଟିଂକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ ଟିକଟ ହାସଲ କରିଥିଲା। ଶୁକ୍ରବାର ମୁକାବିଲାରେ ବିଜୟୀ ଢେଙ୍କାନାଳ ପକ୍ଷରୁ ଖେଳର ୬୦ତମ ମିନିଟ୍‌ରେ ସୁନୀଲ ସୋରେନ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ମ୍ୟାଚକୁ ପରିଚାଳନା କରିଥିଲେ ବିଦେଶୀ ନାଏକ, ଅବିନାଶ ପଟ୍ଟନାୟକ, ସାଇରାମ କିସକୁ ଓ ସୁବାସ ସିଂ।

## ପୁରୁଷ ଜୁନିଅର ହକି ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ତାମିଲନାଡୁରେ ଖେଳାଯିବାକୁ ଥିବା ଆଗାମୀ ଜୁନିଅର ପୁରୁଷ ହକି ବିଶ୍ୱକପ୍ ଲାଗି ଶୁକ୍ରବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଦୁଇଥର ଅଲିମ୍ପିକ ପଦକ ବିଜେତା ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଭାରତୀୟ ଦଳର କୋଚ୍ ରହିଛନ୍ତି।










ଭାରତୀୟ ଦଳ: ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ (ଉଭୟ ଗୋଲ୍‌ରକ୍ଷକ), ରୋହିତ୍, ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନିଲ ପଲକଶାପ୍ପା ବେନ୍ନୁର, ଶ୍ରଦ୍ଧାନନ୍ଦ ତିୱାରୀ (ସମସ୍ତେ ଡିଫେଣ୍ଡର), ଅଙ୍କିତ ପଲ୍, ଇଙ୍ଗଲେମ୍ବା ଲୁୱାଙ୍ଗ, ଆଡ୍ରୋହିତ ଏକ୍କା, ରୋଶନ କୁଜୁର, ମନମୀତ୍ ସିଂହ, ଗୁରଜୋତ୍ ସିଂହ (ସମସ୍ତେ ମିଡ୍‌ଫିଲ୍ଡର), ଅର୍ଶଦୀପ୍ ସିଂହ, ସୌରଭ ଆନନ୍ଦ କୁଶୱାହ, ଅଜିତ୍ ଯାଦବ, ଦିଲରାଜ ସିଂହ(ସମସ୍ତେ ଫରୱାର୍ଡ)। ଅଲ୍ଟରନେଟ୍ ଖେଳାଳି: ରଭନୀତ୍ ସିଂହ ଓ ରୋହିତ୍ କୁଲ୍ଲୁ।

ଡ୍ରାଗଫ୍ଲିକର ରୋହିତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ବିଶ୍ୱକପ୍ ଖେଳିବ। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ଆଡ୍ରୋହିତ ଏକ୍କା ଓ ରୋଶନ କୁଜୁର। ସେହିଭଳି ଦୁଇଜଣିଆ ଅଲ୍ଟରନେଟ୍ ତାଲିକାରେ ଅନ୍ୟତମ ଓଡ଼ିଆ ଖେଳାଳି ରୋହିତ କୁଲ୍ଲୁଙ୍କୁ ନିଆଯାଇଛି। ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଏହି ୧୪ତମ ସଂସ୍କରଣ ନଭେମ୍ବର

### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

## ତୃତୀୟ ରାଉଣ୍ଡ ସୁଦ୍ଧା ଶୀର୍ଷରେ ମହାନଦୀ ଫାଲ୍‌କନ୍ସ

ଭୁବନେଶ୍ୱର, ୧୪।୧୧ (ସମିସ): ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍)ର ମିଳିତ ସହଯୋଗରେ ଆଜିଠାରୁ ଆରମ୍ଭ ହୋଇଛି ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍। ପ୍ରଥମଥର




ଏପରି ଏକ ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରେ ଆରମ୍ଭ ହୋଇଛି। ଏଥିରେ ୧୨ଟି ଟିମ୍ ଓ ୯୬ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୧୫ ମିନିଟ୍ ୧୦ ସେକେଣ୍ଡ ବିଶିଷ୍ଟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ୧୧ଟି ମ୍ୟାଚ୍ ଖେଳିବେ ଓ ଆସନ୍ତା ରବିବାର ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ବା ଆଜି ଖେଳାଯାଇଥିବା ପ୍ରଥମ ୩ ରାଉଣ୍ଡ ଖେଳ ଶେଷରେ ମହାନଦୀ ଫାଲକନ ସର୍ବାଧିକ ୬ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ୬ଟି ଦଳ ୪ ପଏଣ୍ଟ ପାଇ ରହିଛନ୍ତି। ଦଳଗୁଡିକ ହେଲେ ଭିକ୍ଟୋରିଆ ଭିକ୍ଟର୍ସ, ବାରବାଟୀ ବ୍ୟାଟଲର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଚୋଳା ଚାମ୍ପିଅନ୍ସ, ଅମ୍ବର ଆଭେଞ୍ଜର୍ସ ଓ ଗୋଲକୁଣ୍ଡା ଗାର୍ଡିଆନ୍ସ।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ବିଜେପି ନେତା ଗୋଲକ ମହାପାତ୍ର ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, କର୍ମକର୍ତ୍ତା ଓ ଆଇଏସ୍‌ଏଫ୍‌ର କର୍ମକର୍ତ୍ତାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS